୬

e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୩୭ ● ୨୪ ସେପ୍ଟେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-237 ● 24th September 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




## ଆଶଙ୍କାରେ ବିରାଟ କୋହଲିଙ୍କ ଦିନିକିଆ ଭବିଷ୍ୟତ

# ୫ମ ଦିନରେ ବି ସ୍ୱାଭାବିକ ଚାଲିପାରିଲାନି ବିଧାନସଭା

## ବିରୋଧୀ ଦଳ ଅନୁପସ୍ଥିତିରେ ଜିଏସ୍‌ଟି ସଂକଳ୍ପ, ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ

ଭୁବନେଶ୍ୱର, ୨୩।୯

ନ୍ୟୁଜ୍ ବ୍ୟୁରୋ

ଚଳିତ ମୌସୁମୀ ଅଧିବେଶନର ମଙ୍ଗଳବାର ଥିଲା ପଞ୍ଚମ କାର୍ଯ୍ୟ ଦିବସରେ ମଧ୍ୟ ଗୃହ ସ୍ୱାଭାବିକ ଭାବେ ଚାଲିପାରିଲା ନାହିଁ। ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ବୈଠକ ଆରମ୍ଭରୁ ନାରାବାଜି ସହ ଗୃହ ମଝିରେ ହଟ୍ଟଗୋଳ ସୃଷ୍ଟି କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକମାନେ ମଧ୍ୟ ନିଜ ନିଜ ଆସନରେ ଠିଆ ହୋଇ ପୋଷ୍ଟର ପ୍ରଦର୍ଶନ କରିଥିଲେ। ଗୃହରେ ଅଚଳାବସ୍ଥା ଜାରି ରହିବାରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ମାତ୍ର ୨୦ ମିନିଟ୍ ପରେ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଅନୁରୂପ ଭାବେ ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ୍ୟ ଉଭୟ ବିଜେଡ଼ି ଏବଂ କଂଗ୍ରେସ ପକ୍ଷରୁ ପ୍ରତିବାଦ ଜାରି ରହିଥିଲା। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟ ସରକାର ପଞ୍ଚାୟତି ନିର୍ବାଚନ ପ୍ରତିନିଧିଙ୍କ କ୍ଷମତା ସଂକୁଚିତ କରିବା ନେଇ ସଂକ୍ରାନ୍ତ ଆଦେଶନାମା ଜାରି କରିଥିବା ଅଗଣତାନ୍ତ୍ରିକ ବୋଲି ଦର୍ଶାଇ ଏହାର ଦୃଢ଼ ପ୍ରତିବାଦ ଜଣାଇଥିଲେ ଏବଂ ସରକାର ଏହାକୁ ପ୍ରତ୍ୟାହାର ନକଲେ ଏଭଳି ଅନ୍ୟାୟ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି କହି କକ୍ଷତ୍ୟାଗ କରିଥିଲେ। ତାଙ୍କ ସହ ବିଜେଡ଼ିର ବିଧାୟକମାନେ ମଧ୍ୟ କକ୍ଷ ତ୍ୟାଗ କରିଥିଲେ। ଅନୁରୂପ ଭାବେ କଂଗ୍ରେସ ବିଧାୟକମାନେ ନିଜ ଆସନରେ ଛିଡ଼ା ହୋଇ ପୋଷ୍ଟର ପ୍ରଦର୍ଶନ କରିବା ସହ ମନୋମୁଖୀ ଶାସନ ଚଳିବ ନାହିଁ ନାରାବାଜି କରିଥିଲେ। ପରେ ସେମାନେ ଗୃହର ମଧ୍ୟ ଭାଗକୁ ଆସି ସରକାରଙ୍କ ବିରୋଧରେ ନାରାବାଜି ଜୋର କରିବାରୁ ଅଚଳାବସ୍ଥା ଦେଖାଯାଇଥିଲା। ଏହି ସମୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସରକାରଙ୍କ ବିରୋଧରେ ଦେଇଥିବା ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ ଉଠାଇଥିଲେ। ଏହାର ଜବାବରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ବିଧାନସଭା ନିୟମାବଳୀ ଓ ବିଧି ବ୍ୟବସ୍ଥା ଅନୁସାରେ ଗୋଟିଏ ଅଧିବେଶନରେ ସମାନ ପ୍ରସଙ୍ଗରେ ଅନାସ୍ଥା (ପୃଷ୍ଠା ୭ରେ)



## ଆଜିର ମୁଖ୍ୟ ଖବର

- ୟୁକ୍ରେନରେ ରଷିଆର କ୍ଷିପ୍ରକାଣ୍ଡ ଆକ୍ରମଣ, ଅନେକ ମୃତ।
- ଉଗାଣ୍ଡାରେ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ପ୍ରତିପକ୍ଷ ନେତା ଗିରଫ।
- ତୁର୍କୀରେ ବିଶାଳ ଭୂମିକମ୍ପ ପରେ ଭବନ ନିର୍ମାଣରେ ଅବହେଳା ନେଇ ତଦନ୍ତ।
- ସେପ୍ଟେମ୍ବର ମାସରେ ଭାରତର ବେସରକାରୀ କ୍ଷେତ୍ରର ବୃଦ୍ଧି ହ୍ରାସ ପାଇଛି।
- କୋଲକାତାରେ ଭାରି ବର୍ଷା, ଦୁର୍ଗାପୂଜା ପୂର୍ବରୁ ପରିସ୍ଥିତି ନିରୀକ୍ଷଣ ପାଇଁ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରୀ ।
- ୭୧ତମ ଜାତୀୟ ସିନେମା ପୁରସ୍କାରରେ 'ଦ୍ୱାଦଶମ ବିଫଳ' ସିନେମା ପାଇଁ ସର୍ବଶ୍ରେଷ୍ଠ ଅଭିନେତା ପୁରସ୍କାର ବିକ୍ରାନ୍ତ ମାସେଙ୍କୁ ଦିଆଗଲା।
- ଆସାମୀୟ କଣ୍ଠଶିଳ୍ପୀ ଜୁବିନ୍ ଗାର୍ଗଙ୍କୁ ରାଜ୍ୟ ସରକାର ସମ୍ମାନ ସହିତ ଦାହସଂସ୍କାର କଲା।
- ଜଗତସିଂହପୁରରେ ଧର୍ଷଣ ମାମଲାରେ ଦୁଇଜଣ ବୃଦ୍ଧଙ୍କୁ ଆଜୀବନ କାରାଦଣ୍ଡ।
- ସରକାରୀ ଉଚ୍ଚ ବିଦ୍ୟାଳୟର ଟିଜିଟି ଶିକ୍ଷକମାନଙ୍କ ଦାବି ପୂରଣ ପାଇଁ ପଦଯାତ୍ରା।
- ପୁରୀ ସମୁଦ୍ରରେ ପ୍ରବଳ ଢେଉରେ ଭାସିଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର।
- ଓଡ଼ିଶାରେ ଗୁଟଖା ଓ ତମାକୁ କର ଆଦାୟରେ ଦଶଗୁଣ ବୃଦ୍ଧି।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୬୯ (+୨୬୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୬୦୫ (+୨୪୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୬୭୭ (+୧୯୬)

### ରୁପା ଦର

ରୂପା – ପ୍ରତି ଗ୍ରାମ ୧୫୦ (+୨)

# ନ୍ୟୁୟର୍କରେ ଆମେରିକୀୟ ବୈଦେଶିକ ମନ୍ତ୍ରୀ ରୁବିଓ ଓ ୟୁରୋପୀୟ ସଂଘର ନେତାଙ୍କୁ ଭେଟିଲେ ଜୟଶଙ୍କର



ନ୍ୟୁୟର୍କ, ୨୩।୯

ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଆମେରିକୀୟ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କୁ ସାକ୍ଷାତ କରିଛନ୍ତି । ଏହାସହିତ ସେ ୟୁରୋପୀୟ ସଂଘର ନେତାମାନଙ୍କ ସହ ମଧ୍ୟ ଭେଟଘାଟ କରିଛନ୍ତି । ଏହି ଅବସରର ଫଟୋ ଓ ସଂକ୍ଷିପ୍ତ ବିବରଣୀ ସେ ତାଙ୍କର ଏକ୍ସ ହ୍ୟାଣ୍ଡଲରେ ସେୟାର କରିଛନ୍ତି।

ଜୟଶଙ୍କର ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ, ଆଜି ସକାଳେ ନ୍ୟୁୟର୍କରେ ଅମେରିକୀୟ ବୈଦେଶିକମନ୍ତ୍ରୀ ମାର୍କୋ ରୁବିଓ ସହ ଭେଟି ଖୁସି (ପୃଷ୍ଠା ୭ରେ)

# ଜାତୀୟ ପୁରସ୍କାର ପାଇଲା 'ପୁଷ୍କରା' ଓ 'ଦ ସି ଆଣ୍ଡ ସେଭେନ ଭିଲେଜେସ', 'ମୋ ବୋଉ, ମୋ ଗାଁ'



ନୂଆଦିଲ୍ଲୀ, ୨୩।୯

ଜାତୀୟ ସ୍ତରରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି ଓଲିଉଡ। ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ବାଜି ମାରିଛି ଏକାଧିକ ଓଡ଼ିଆ ଫିଲ୍ମ। ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା' ସମେତ 'ଦ ସି ଆଣ୍ଡ ସେଭେନ ଭିଲେଜେସ' ଓ 'ମୋ ବୋଉ, ମୋ ଗାଁ'କୁ ଜାତୀୟ ପୁରସ୍କାର ମିଳିଛି। ଏହାବ୍ୟତୀତ ଓଡ଼ିଆ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। (ପୃଷ୍ଠା ୭ରେ)

# ଆୟୁର୍ବେଦ ସାରା ବିଶ୍ୱକୁ ଭାରତର ଏକ ଅମୂଲ୍ୟ ଅବଦାନ

ଭୁବନେଶ୍ୱର, ୨୩।୯ : ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନ ଠାରେ ରାଜ୍ୟସ୍ତରୀୟ ଜାତୀୟ ଆୟୁର୍ବେଦ ଦିବସ ୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆୟୁର୍ବେଦ ହେଉଛି, ସାରା ବିଶ୍ୱକୁ ଭାରତର ଏକ ଅମୂଲ୍ୟ ଅବଦାନ। ଆମ ଉଦ୍ଦେଶ୍ୟ ହେଉଛି ଆୟୁର୍ବେଦକୁ କେବଳ ଏକ ଚିକିତ୍ସା ପ୍ରଣାଳୀ ନୁହେଁ ବରଂ ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ ଆମର ଜ୍ଞାନ ଓ ଦାର୍ଶନିକ ଦୃଷ୍ଟିକୋଣକୁ ଉପସ୍ଥାପିତ କରିବା । ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆୟୁର୍ବେଦ ଏକ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ବିଜ୍ଞାନ । ଆୟୁର୍ବେଦରେ ଉପଯୁକ୍ତ ଉପଚାର




ସହିତ ସନ୍ତୁଳିତ ଆହାର ଓ ଜୀବନ ଶୈଳୀ ଦ୍ୱାରା ଆରୋଗ୍ୟ ଲାଭ କରାଯାଇ ପାରିବ । ବର୍ତ୍ତମାନ ପ୍ରାୟ ସମସ୍ତେ ଆଧୁନିକ ଚିକିତ୍ସା ପଦ୍ଧତି ଗ୍ରହଣ କରୁଥିବା ବେଳେ, ଏହାର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ବ୍ୟୟସାପେକ୍ଷ (ପୃଷ୍ଠା ୭ରେ)

# ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଏପର୍ଯ୍ୟନ୍ତ ୧.୮୯ କୋଟି ଲୋକ ସାମିଲ୍



ନୂଆଦିଲ୍ଲୀ, ୨୩।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ (ସେପ୍ଟେମ୍ବର ୧୭) ରୁ ଆରମ୍ଭ ହୋଇଥିବା 'ସ୍ୱଚ୍ଛତା ହିଁ ସେବା ଅଭିଯାନ', ସାରା ଦେଶରେ ଏକ ପ୍ରମୁଖ ଜନଭାଗୀଦାରୀ ଆନ୍ଦୋଳନରେ ପରିଣତ ହୋଇଛି। ବିଭିନ୍ନ ରାଜ୍ୟ ଏବଂ ସହରଗୁଡ଼ିକରେ ବଡ଼ ଧରଣର ସ୍ୱଚ୍ଛତା କାର୍ଯ୍ୟକଳାପ ଚାଲିଛି, ଯେଉଁଥିରେ ସ୍ୱେଚ୍ଛାସେବୀ ଶ୍ରମ, ସାର୍ବଜନୀନ ସ୍ଥାନ ସଫା କରିବା, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିମଳ-ଲକ୍ଷ୍ୟ ୟୁନିଟ୍ ଗୁଡ଼ିକର ରୂପାନ୍ତର ଅନ୍ତର୍ଭୁକ୍ତ। ଏହି ଅଭିଯାନ କ୍ରମେ ସ୍ୱଚ୍ଛତା -ଲକ୍ଷ୍ୟ ୟୁନିଟ୍ ଗୁଡ଼ିକୁ ଦ୍ରୁତ ଗତିରେ ଚିହ୍ନଟ, ରୂପାନ୍ତରିତ ଏବଂ ସୌନ୍ଦର୍ଯ୍ୟକରଣର କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଯାହା ଫଳରେ ସ୍ଥାନୀୟ ସ୍ତରରେ ଉପଯୁକ୍ତ ପରିବର୍ତ୍ତନ ପରିଲକ୍ଷିତ ହେବ ।

କେନ୍ଦ୍ର ଗୃହ ଏବଂ ନଗର ବିକାଶ ମନ୍ତ୍ରଣାଳୟ ଅନୁଯାୟୀ, ଏହି ଅଭିଯାନ ଅଧୀନରେ ଏପର୍ଯ୍ୟନ୍ତ ୧୧,୦୯,୧୫୧ ପରିମଳ ଲକ୍ଷ୍ୟ ୟୁନିଟ୍ (ସିଟିୟୁ) ଚିହ୍ନଟ କରାଯାଇଛି, ଯାହା ମଧ୍ୟରୁ ୨,୪୮,୨୪୧ ୟୁନିଟ୍‌କୁ ସଫା କରାଯାଇ ସାରିଛି। ଏହି ସମୟରେ ମୋଟ୍ ୯୬,୬୯,୯୭୫ ଜଣ ଲୋକ ଏହି ୟୁନିଟ୍ ଗୁଡ଼ିକରେ ଅଂଶଗ୍ରହଣ କରିଛନ୍ତି ଏବଂ ୪,୩୫,୦୭୬ ଜଣ ସିଧାସଳଖ ଉପକୃତ (ପୃଷ୍ଠା ୭ରେ)




31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ସେପ୍ଟେମ୍ବର ୨୦୨୫ ବୁଧବାର





# ବ୍ୟାପକ ଅବ୍ୟବସ୍ଥା ଯୋଗୁ ଦୋବଲ ହାଟ ନିଲାମ ହୋଇପାରୁନି

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ମୁସ୍ତଫାପୁରରେ ଥିବା ଦୋବଲ ହାଟକୁ ନଷ୍ଟ କରାଯାଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ସମିତି ଅଧିକାରୀ ଓ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅପରିଣାମଦର୍ଶୀ ପଦକ୍ଷେପରୁ ଏଭଳି ଅବସ୍ଥା ଉପୁଜିଛି। ମୁସ୍ତଫାପୁର ପଞ୍ଚାୟତ ଅଧିନରେ ଥିବା ହାଟ ଏଥର ନିଲାମ ହୋଇପାରିନାହିଁ। ଚଳିତବର୍ଷ ହାଟ ନିଲାମର ବେସ୍ ପ୍ରାଇସ୍ ୧ ଲକ୍ଷ ୭୬ ହଜାର ରଖାଯାଇଥିଲା। ନିୟମ ଅନୁସାରେ ନିଲାମ ଧରିବାକୁ ହେଲେ ବେସ୍ ପ୍ରାଇସ୍‌ର ୧୦ ଭାଗରୁ ଭାଗେ ଟଙ୍କା ଅମାନତ ଆକାରରେ ଜମା ରଖିବାକୁ ହେବ। ଯିଏ ନିଲାମ ଜିଣିବେ ତାଙ୍କ ଅମାନତ ଟଙ୍କା ରଖାଯିବ। ବାକି ସମସ୍ତଙ୍କର ଫେରାଯିବ। ପ୍ରଥମତଃ ବେସ୍ ପ୍ରାଇସ୍ ଖୁବ୍ ଅଧିକ ରହିଛି। ପୁଣି ନିଲାମ ଡାକ ହେଲେ ତାହା ବଢ଼ିବାର ସମ୍ଭାବନା ରହିଛି। ଏବେ ସମସ୍ୟା ହେଉଛି ଯିଏ ନିଲାମ ଧରିବ, ତାହାର ସେହି ପରିମାଣର ଟଙ୍କା ଉଠିବ କି ନାହିଁ ସେନେଇ ଆଶଙ୍କା ରହିଛି। ସୋମବାର ଓ ଗୁରୁବାର ହିସାବରେ ସପ୍ତାହକୁ ଦୁଇ ଦିନ ହାଟ ବସୁଛି। ପୁଣି ଅପରାହ୍ଣ ହାଟ। ଦୋବଲ ହାଟ ଠାରୁ ୫ କିଲୋମିଟର ଦୂର ଆନନ୍ଦପୁରରେ ସୋମବାର ଓ ଶୁକ୍ରବାର ସକାଳ ଓଳି ଜଗନ୍ନାଥ ହାଟ ବସିଥାଏ।



ସେହିପରି ୫ କିଲୋମିଟର ଦୂର ଧାମନଗରରେ ବୁଧବାର ଓ ରବିବାର ହାଟ ବସେ। ସେପଟେ ଖଙ୍ଗରାରେ ଶନିବାର ଓ ମଙ୍ଗଳବାର ଦିନ ହାଟ ବସେ। ଧାମନଗରକୁ ଛାଡ଼ିଦେଲେ ଦୋବଲ, ଆନନ୍ଦପୁର ଓ ଖଙ୍ଗରା ହାଟକୁ ପ୍ରାୟତଃ ସମାନ ବେପାରୀ ଆସନ୍ତି। ଆଉ ୭ଟି ପଞ୍ଚାୟତର ଲୋକ ଏହି ତିନି ହାଟ ଉପରେ ନିର୍ଭର କରନ୍ତି। ଏଣୁ ଗୋଟିଏ ସ୍ଥାନର ହାଟକୁ ଗୋଟିଏ ପାଳି ଆସି ନପାରିଲେ ପରଦିନ ଯେକୌଣସି ଗୋଟିଏ ହାଟରୁ ପରିବାପତ୍ର କିଣିପାରନ୍ତି ଏହି ୭ ପଞ୍ଚାୟତ ଲୋକ। ଦୋବଲ ହାଟକୁ ପ୍ରତି ହାଟ ପାଳିରେ ୨୦ରୁ ୩୦ ଜଣ ପରିବା ବେପାରୀ ଆସିଥାନ୍ତି। ଶୀତ ଦିନେ ପରିବା ଚାଷ ସମୟରେ ଏମାନଙ୍କ ସଂଖ୍ୟା ଟିକେ ଅଧିକ ହୋଇଥାଏ। ପ୍ରାୟ ୭୦ରୁ ୮୦ ଭିତରେ ବେପାରୀ ଆସନ୍ତି। ଲକ୍ଷେ ୭୬ ହଜାର ଟଙ୍କାରେ ବର୍ଷକୁ ୫୨ ସପ୍ତାହ ଅର୍ଥାତ୍ ୧୦୪ଟି ହାଟ ପାଳି ଲିଜ୍ ନେଇଥାନ୍ତି ନିଲାମଧାରୀ। ଏଣୁ ହାଟ ପାଳିକୁ ୧୭୦୦ ଟଙ୍କା ପଡ଼ିଲା। ଯିଏ ନିଲାମ ନେବ ନିଜର ଲାଭ ନରଖିଲେ ସିଏ ବେପାରୀଙ୍କ ଠାରୁ ହାଟ ପାଳିକୁ ସେହି ୧୭୦୦ ଟଙ୍କା ଆଦାୟ କରିବ। ଅଣପରିବା ବେପାରୀ ମୋଟ୍ ୩୦ ଜଣ ଆସୁଥିଲେ ସେମାନଙ୍କ ପାଖରୁ ପ୍ରାୟତଃ ୬୦ ଟଙ୍କା ଆଦାୟ କରିବାକୁ ପଡ଼ିବ। ଗାଁ ହାଟ ହୋଇଥିବାରୁ ଗାଁ ଚାଷୀ ଆସନ୍ତି। କେଉଁ ଚାଷୀ ୫ କିଲୋ ସାରୁ, ଆଉ କିଏ ୫ କିଲୋ ବାଇଗଣ ଆଣିଥାନ୍ତି। ଏଣୁ ସେମାନଙ୍କ ଠାରୁ ଯଦି ୬୦ ଟଙ୍କା ଲେଖାଏଁ ମହାସୁଲ ନିଆଯିବ, ତାହେଲେ ସେମାନଙ୍କର ଲାଭ କଣ ରହିବ ? ବେସ୍ ପ୍ରାଇସ୍ ଅଧିକ ରହୁଥିବାରୁ ଓ ଏହି ହିସାବରେ ମହାସୁଲ୍ ଆଦାୟ ସମ୍ଭାବନା କ୍ଷୀଣ ରହୁଥିବାରୁ କେହି ହାଟ ନିଲାମ ନେବାକୁ ରାଜି ହେଉନାହାନ୍ତି। ତାଛଡ଼ା ପଞ୍ଚାୟତ ପକ୍ଷରୁ ବେପାରୀଙ୍କ ପାଇଁ ସେମିତି ବି କିଛି ସୁବିଧା କରାଯାଇନାହିଁ। ନା ଚାଳିଆ ଅଛି ନା ଭଲ ପିଣ୍ଡି ଅଛି। ବ୍ୟବସ୍ଥାଗତ ଭାବେ ଅବ୍ୟବସ୍ଥା ଥିବାରୁ ହାଟ ନିଲାମ ହୋଇପାରୁନାହିଁ। ପଞ୍ଚାୟତର ଆୟ କମୁଛି। ହାଟ ନଷ୍ଟ ହେଉଛି। ବେପାରୀ ମୁହଁ ଫେରାଉଛନ୍ତି। ଦିନକୁ ଦିନ ହାଟ ଦୁର୍ବଳ ହେବାରେ ଲାଗିଛି। ତେବେ ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଭୁଦତ୍ତ ପାତ୍ରଙ୍କୁ ପଚାରିବାରୁ କୁହନ୍ତି ଅଧିକ ରେଟ୍ ହୋଇଯାଇଥିବାରୁ କେହି ନିଲାମ ଧରୁନାହାନ୍ତି। କମାଇବା ମୋ ହାତରେ ନାହିଁ। ଏଣୁ ସବ୍ କଲେକ୍ଟରଙ୍କ ସହିତ କଥା ହୋଇ ସମାଧାନ କରିବା ପାଇଁ ଅନୁମତି ନେବାକୁ ହେବ ବୋଲି କହିଛନ୍ତି। ସେହିପରି ଏହି ହାଟର କିଛି ଅଂଶ ଜବର ଦଖଲକାରୀଙ୍କ କବ୍‌ଜାରେ ରହିଛି। ଏଠାରେ ଜୋର୍ ଜବରଦସ୍ତ କରି କିଛି ଚାରି ଚକିଆ ଗାଡି ରଖୁଛନ୍ତି ବୋଲି ଅଭିଯୋଗ ହୋଇଛି।

## ସହରର ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ଅଭିଯୋଗ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ସୌନ୍ଦର୍ଯ୍ୟ ଚିତ୍ର ବିଚିତ୍ର ଓ ମୂର୍ତ୍ତି ଗୁଡିକ ଉଭାନ, ବିଗତ ସରକାର ସମୟରେ ରାଜ୍ୟର ସହର ଗୁଡିକ ସୌନ୍ଦର୍ଯ୍ୟ କରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା । ସେ ସମୟରେ ପୌରପରିଷଦ ଭାଙ୍ଗି ଯାଇଥିଲା। ରାଜ୍ୟ ସରକାର ପୌରପରିଷଦ ପରିଚାଳନା କରିବା ପାଇଁ ପ୍ରଶାସନ ମାନଙ୍କୁ ନିଯୁକ୍ତି ଦେଇଥିଲେ । ଏହି ପରିପରିପ୍ରେକ୍ଷୀରେ ବ୍ୟାସନଗର ପୌରପରିଷଦର ପ୍ରଶାସକ ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କୁ ନିଯୁକ୍ତ କରାଯାଇଥିଲା । ତାଙ୍କ ସମୟରେ ବ୍ୟାସନଗର ପୌରପରିଷଦକୁ ସୌନ୍ଦର୍ଯ୍ୟ କରଣ କରିବା ପାଇଁ ବିଭିନ୍ନ ସ୍ଥାନ ମାନଙ୍କରେ ମହାପୁରୁଷଙ୍କର ଛବି ଓଡ଼ିଆ କଳା ସଂସ୍କୃତି ଅଙ୍କା ଯାଇଥିଲା । ଏବେ ତାହା ଦେଖିବାକୁ ମିଳୁନାହିଁ। ସହରର ଗୁରୁତ୍ୱପୂର୍ଣ୍ଣ ଛକ ମାନଙ୍କରେ ଓ ଟାଉନ୍ ହଲ୍ ଠାରେ ବିଭିନ୍ନ ମୂର୍ତ୍ତି ନିର୍ମାଣ କରାଯାଇଥିଲା । ତାହା ରକ୍ଷଣା ବେକ୍ଷଣ ଅଭାବ ଯୋଗୁ ଭାଙ୍ଗି ରୁଜି ଗଲାଣି । ଚୋରଦା ବାଇପାସ୍ ଠାରେ ଆକର୍ଷଣ ପାଇଁ କେଟିଲିରୁ ପାଣି ବାହାରୁଥିଲା ତାହା ସନ୍ଧ୍ୟା ସମୟରେ ବିଦ୍ୟୁତ୍ ଆଲୋକରେ ମନୋରୋମ ଦୃଶ୍ୟ ସହରବାସୀ ଉପଭୋଗ କରୁଥିଲେ । ସେହିପରି ଯାଜପୁର ରୋଡ ଥାନା ଗୋଲେଇ ଛକରେ ଥିବା ବିଭିନ୍ନ ନର୍ତ୍ତକୀ ମାନଙ୍କର ପ୍ରତିମୂର୍ତ୍ତି ଭାଙ୍ଗିରୁଜି ଗଲାଣି । ଗୋଲେଇ ଛକଟି ଶ୍ରୀହିନ ଦେଖାଯାଉଛି । ସହରର ଅନ୍ୟ ସ୍ଥାନ ମାନଙ୍କରେ ସୌନ୍ଦର୍ଯ୍ୟକରଣ ଉପକରଣ ଦେଖିବାକୁ ମିଳୁନାହିଁ। ଏ ବାବଦରେ କେତେ ଅନୁଦାନ ଖର୍ଚ୍ଚ ହୋଇଥିଲା ତାହାର ସଠିକ୍ ହିସାବ ମିଳୁନାହିଁ। ଶିଶୁ ଉଦ୍ୟାନ ଓ ଗାଡେନ ଗୁଡିକ ଶୋଚନୀୟ ଅବସ୍ଥାରେ ପଡିରହିଛି । ଆଉ ସନ୍ଧ୍ୟା ସମୟରେ ଭିଡ ଦେଖିବାକୁ ମିଳୁନାହିଁ । ସରକାରଙ୍କ ମାଲ୍ ଦରିଆମେ ଡାଲ୍, ସଦୃଶ ବ୍ୟାସନଗର ସୌନ୍ଦର୍ଯ୍ୟକରଣ ସହ ସମାନ ବୋଲି ସହରବାସୀ କହୁଛନ୍ତି।



## ଶାନ୍ତି କୁଟୀରର ନୂତନ ଗୃହ ଉଦ୍‌ଘାଟିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସହରର ରିଙ୍ଗ ରୋଡ ତେଲନଦୀ ପାର୍ଶ୍ୱରେ ଥିବା ଶାନ୍ତିକୁଟିର ବା ନାରାୟଣ ସେବାଶ୍ରମର ନୂତନ କୋଠା ଗୃହର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଓଡ଼ିଶା ହାଇକୋର୍ଟର ଅବସର ପ୍ରାପ୍ତ ପ୍ରାକ୍ତନ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ, ମୁଖ୍ୟଅତିଥି, ନିମନ୍ତ୍ରିତ ଅଥିତି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରି ଶାନ୍ତି କୁଟୀରର ଅନ୍ତେବାସୀ ମାନଙ୍କ ସହ ବାର୍ତ୍ତାଳାପ କରି ସେମାନଙ୍କର ଖାଦ୍ୟ, ବସ୍ତ୍ର, ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ ଓ ଏହାର ସୁପରିଚାଳନା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ କରିଥିଲେ । ସମ୍ମାନିତ ଅଥିତି ଭାବେ ପୌର ପରିଷଦ ଅଧକ୍ଷା ତାମସୀ ତାମସ୍ମିତା ନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝୀ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ଗୋରେଖ ନାଥ ସାହୁ, କାଉନ୍‌ସିଲର ଶୁଭଦ୍ରା ବିଶି ଯୋଗଦେଇଥିଲେ । ଏଠାରେ ଅନ୍ତେବାସୀଙ୍କ ପାଇଁ ଛଅ ଗୋଟି ନୂତନ ଗୃହ ଉଦ୍‌ଘାଟନ କରାଯାଇଥିବା ବେଳେ ସମାଜସେବୀ ବୃନ୍ଦାବନ ରଥ, ମନୋଜ କର୍ମି, ନାରାୟଣ ରଥ, ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଏଫ୍‌ଏମ୍‌ୟୁରେ 'ଗବେଷଣା ଓ ପ୍ରକାଶନ ନୀତି' (ଆର୍.ପି.ଇ-୨୦୨୫) କୋର୍ସ ଆରମ୍ଭ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ପକ୍ଷରୁ ସପ୍ତାହବ୍ୟାପୀ 'ଗବେଷଣା ଓ ପ୍ରକାଶନ ନୀତି –୨୦୨୫' ସଂପର୍କିତ କୋର୍ସ କର୍ମଶାଳାର ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଆୟୋଜିତ ଉଦ୍‌ଘାଟନ ସମାରୋହରେ ୧୫୦ରୁ ଅଧିକ ଗବେଷଣାରତ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ଏକ୍‌ଜିକ୍ୟୁଟିଭ ଗବେଷକ ଯୋଗଦେଇ ୫-ଦିନିଆ ପ୍ରଶିକ୍ଷଣ ଶିବିରରେ ଗବେଷଣାତ୍ମକ ସତ୍ୟନିଷ୍ଠା, ପ୍ଲେଜିଆରିଜିମ ଓ ପ୍ରକାଶନ ପ୍ରକ୍ରିୟା ଉପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ସମ୍ପର୍କରେ ଗଭୀର ଆଲୋଚନା ପାଇଁ ଅଂଶଗ୍ରହଣ କରିଛନ୍ତି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ, 'ଶିକ୍ଷାନୁଷ୍ଠାନୀୟ ଓ ଗବେଷଣା ପରିବେଶରେ ସତ୍ୟନିଷ୍ଠା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ। ନୂତନତ୍ତ୍ୱର ଆବିଷ୍କାର ସହ ମୂଲ୍ୟଯୁକ୍ତ ଜ୍ଞାନ ଗଠନ ଓ ତଥ୍ୟ ସଂଗ୍ରହରେ ଗବେଷଣା ସୀମିତ ନୁହେଁ, ବରଂ ନୀତିଶୀଳ ପ୍ରକ୍ରିୟା,




ସତ୍ୟପରାୟଣତା ଓ ଦାୟିତ୍ୱଶୀଳ ପ୍ରକାଶନରେ ବ୍ୟକ୍ତିଗତ ଓ ଆନୁଷ୍ଠାନିକ ସଫଳତା ନିହିତ ରହିଥାଏ' ବୋଲି ପ୍ରକାଶ କରିଥିଲେ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଶରତ କୁମାର ପାଲିତ ମୁଖ୍ୟବକ୍ତା ଭାବେ ଉପସ୍ଥିତ ହୋଇ, ଗବେଷଣାକୁ ଜ୍ଞାନ ସୃଷ୍ଟିର ଏକ ଭିନ୍ନ ଯାତ୍ରା ସହ ଦେଶ, ଜାତି ଓ ମାନବସମାଜର ଉନ୍ନତିକରଣର ଏକ ପ୍ରଧାନ ମାଧ୍ୟମ ବୋଲି ଉଲ୍ଲେଖ କରିଥିଲେ। ବର୍ତ୍ତମାନ କେନ୍ଦ୍ରୀକରଣ ଗବେଷଣା ପ୍ରଣାଳୀରେ ପ୍ଲେଜିଆରିଜିମ, ପ୍ରଭାବକାରୀ ପ୍ରକାଶନ ଓ ମେଟ୍ରିକ୍ସର ଅତିରିକ୍ତ ଚାପ ବଡ଼ ଚ୍ୟାଲେଞ୍ଜ୍ ରହିଥିବାର ଉଲ୍ଲେଖ କରିଥିଲେ ଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଆର୍.ପି.ଇ ପରି କୋର୍ସ ଗୁଡିକ ଛାତ୍ରଛାତ୍ରୀମାନଙ୍କୁ ନୀତିଶୀଳ ଗବେଷଣାର ଦିଗରେ ପଥପ୍ରଦର୍ଶନ କରିବାନେଇ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ, ଗବେଷଣା ଓ ବିକାଶ ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହୀ, ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମକୁ , ଗବେଷଣା ସମ୍ପଦ ସୁଦୃଢ଼ କରିବାରେ ଏକ ନୂତନ ପଦକ୍ଷେପ ବୋଲି ପ୍ରକାଶ କରି କୋର୍ସର ପରିକଳ୍ପନା, ବିଷୟବସ୍ତୁ ଓ ପ୍ରଶିକ୍ଷଣ ସୂଚନା ପ୍ରଦାନ କରିଥିଲେ। ଏଥିସହ ପ୍ରକାଶନ ନୀତିରେ ଆନ୍ତର୍ଜାତୀୟ ମାନଦଣ୍ଡ ପାଳନ କରିବାର ଆବଶ୍ୟକତା ଉଲ୍ଲେଖ କରିଥିଲେ। କୋର୍ସର ପ୍ରାଥମିକ ବିଷୟଗୁଡିକ ମଧ୍ୟରେ-ଗବେଷଣା ପ୍ରଶ୍ନ ଗଠନ ଓ ହାଇପୋଥେସିସ୍ ପରୀକ୍ଷା, ବୈଜ୍ଞାନିକ ଲେଖନ ଓ ପ୍ରକାଶନ ପ୍ରକ୍ରିୟା, ପ୍ଲେଜିଆରିଜିମ ଯାଞ୍ଚ ଓ ସଫ୍ଟୱେର ପ୍ରଶିକ୍ଷଣ, ପ୍ରକାଶନ ନୀତି ଓ ଗବେଷଣା ମେଟ୍ରିକ୍ସ, ବୈଜ୍ଞାନିକ ସତ୍ୟନିଷ୍ଠା ଓ ନୀତିଶାସ୍ତ୍ର ସମ୍ବନ୍ଧିତ ପ୍ରଶିକ୍ଷଣ ଦିଆଯିବ। ଏହି କୋର୍ସର ପ୍ରଶିକ୍ଷଣ ୨୬ ସେପ୍ଟେମ୍ବରରେ ସମାପ୍ତ ହେବ। ସେହିଦିନ ସମାପନ ସଭାରେ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ସମ୍ମାନ ସହ 'ଗବେଷଣାରେ ସତ୍ୟନିଷ୍ଠା ଓ ସାମାଜିକ ଦାୟିତ୍ୱ' ବିଷୟରେ ଦିଗନିର୍ଦ୍ଦେଶନ ଦିଆଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚୀତ କରିଯାଇଛି। କାର୍ଯ୍ୟକ୍ରମକୁ ଡକ୍ଟର ରାଜଶ୍ରୀ ଦତ୍ତ ସଂଯୋଜନା ଓ ପରିଚାଳନା କରିଥିଲେ ତଥା ଡକ୍ଟର ଦେବଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଏଡିଏମ୍ ଅଫିସ ସମ୍ମୁଖରେ ବିଜେଡ଼ିର ବିକ୍ଷୋଭ




**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପରିଷଦକୁ ଡବଲ୍ ଇଞ୍ଜିନ୍ ସରକାର ଡିଏମ୍ ଫାଣ୍ଡି ଅନୁଦାନ ବନ୍ଦ କରିବା ପାଇଁ ନୋଟିଫିକେସନ୍ କରିଛନ୍ତି। ଏହାକୁ ବିରୋଧ କରି ବ୍ୟାସନଗର ପୌରପରିଷଦ ବିଜେଡ଼ି ପକ୍ଷରୁ ପ୍ରତିବାଦ କରି ସ୍ଥାନୀୟ କଳିଙ୍ଗନଗର ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରାଯାଇଥିଲା। ତୁରନ୍ତ ଏହି ନୋଟିଫିକେସନ୍‌କୁ ରଦ୍ଦ କରି ଡିଏମ୍ ଫଣ୍ଡ ଅନୁଦାନ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉର୍ଦ୍ଦେଶ୍ୟରେ କଳିଙ୍ଗନଗର ଏଡିଏମ୍‌ଙ୍କୁ ଏକ ଦାବିପତ୍ର ପଦାନ କରାଯାଇଛି । କଳିଙ୍ଗ ନଗର ଶିଳ୍ପାଞ୍ଚଳର ମୁଖ୍ୟ ଦ୍ୱାର ବ୍ୟାସନଗର ସହର ଏହି ସହରର ଉପରେ ସମ୍ପୃକ୍ତ ନିର୍ଭର ଶିଳ କଳିଙ୍ଗନଗର ଶିଳ୍ପା ଅଞ୍ଚଳ । ଅନ୍ୟ ପକ୍ଷରେ ସୁକିନ୍ଦା ଖଣି ଉପତ୍ୟକାର କ୍ରୋମାଇଟ୍ ପରିବହନ ଏହି ସହର ଦେଇ ବାହାରକୁ ଯାଇଥାଏ । ଏହି ସହର ଧୂଳି ଧୂଆଁରେ ପ୍ରଭାବିତ ହେଉଛନ୍ତି ବ୍ୟାସନଗର ସହରବାସୀ । ତେଣୁ ଡିଏମ୍ ଏଫ୍ ଫଣ୍ଡ ପାଇ ବା ପାଇଁ ହକ୍‌ଦାର ବ୍ୟାସନଗର ସହର । ଏହି ସହରକୁ ଡବଲ୍ ଇଞ୍ଜିନ ସରକାର ବଞ୍ଚିତ କରିଥିବାରୁ ବିଜୁ ଜନତା ଦଳ ତରଫରୁ ୨୬ ଗୋଟି ୱାର୍ଡର ଜନସାଧାରଣମାନେ ଚୋରଦା କେଟିଲ ଛକରୁ ବିଜେଡି ନେତା ଭବ ପ୍ରସାଦ ଦାସ ଓ ପୌର ପରିଷଦର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳଙ୍କ ନେତୃତ୍ୱରେ ଏକ ରାଲି ବାହରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରା ବାଜି କରି ଏ.ଡି.ଏମ୍ ଅଫିସରେ ପହଞ୍ଚି ବିକ୍ଷୋଭ ପଦର୍ଶନ କରିଥିଲେ । ବିଜୁ ଜନତା ଦଳର ବୁଦ୍ଧିଜୀବୀ, ମହିଳା, ଯୁବକମାନେ ସାମିଲ ହୋଇ ଦୃଢ ପ୍ରତିବାଦ କରିଥିଲେ । ଏହାର ପ୍ରଭାବରେ କେବଳ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କର ପ୍ରିୟ ନେତା ଭବ ପ୍ରସାଦ ଦାସ, ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ଅମୁଲ୍ୟ କୁମାର ନାୟକ, ସଭାପତି ବିଜୁ ଜନତା ପାରିଷଦମାନେ ଡବଲ୍ ଇଞ୍ଜିନ ସରକାରକୁ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ।

## ବ୍ଲକ ଅଫିସ୍ ଆଗରେ ମିଶନ ଶକ୍ତି ମହିଳାମାନଙ୍କ ଗଣଧାରଣା

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଅଫିସ ସମ୍ମୁଖରେ ମିଶନ ଶକ୍ତିର ମହିଳାମାନେ ତାଙ୍କର ଦାବି ପୂରଣ ପାଇଁ ଗଣଧାରଣାରେ ବସିଛନ୍ତି । ଖପ୍ରାଖୋଲ ବ୍ଲକର ୨୧ଟି ପଞ୍ଚାୟତ ସ୍ତରୀୟ ସଂଘର ସମସ୍ତ କମ୍ୟୁନିଟି ସପୋଟ ଷ୍ଟାଫ୍ ଏମ୍‌ବିକେ, ସିଆର୍‌ପି, ପିଏମ୍, କେଏମ୍, ବିଏମ୍ ମାନଙ୍କର ଛଅ ମାସ ହେଲା ପାଉଥିବା ଇନ୍‌ସେନ୍‌ଟିଭ ବୋନସ୍ ଦରମା ପରିବର୍ତ୍ତେ ସ୍ଥାୟୀ ଦରମା ବର୍ତ୍ତମାନ ଲାଗୁ କରିବା ପାଇଁ ସରକାରଙ୍କୁ ଦାବିକରି ଗଣଧାରଣାରେ ବସିଛନ୍ତି । ତାଙ୍କୁ ସ୍ଥାୟୀ ଦରମା ମିଳିବା ପାଇଁ ସରକାରଙ୍କୁ ଗୁହାରି ଜଣାଇଛନ୍ତି ।



## ସ୍ୱାଧୀନତା ସଂଗ୍ରାମୀ ଭବନ ନିର୍ମାଣ ପାଇଁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସ୍ୱାଧିନତା ସଂଗ୍ରାମୀ ଏବଂ ଉତ୍ତରଦାୟାଦ ତରଫରୁ ଭ୍ରମରଦିଆ ପାଟଣା ସଂଗ୍ରାମୀ ଭବନ ପଡିଆରେ ଏକ ସଂଗ୍ରାମୀ ଭବନ ନିର୍ମାଣ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ସଂଘ ପକ୍ଷରୁ କୁଳମଣି ରାଉତ, ତୁଷାରକାନ୍ତ ବୋଷ, ସତ୍ୟନାରାୟଣ ନାୟକ, କୁବିହାରୀ ପରିଡା, ପଦ୍ମନାଭ ଦାସ, ପଞ୍ଚାନନ ଦାସ, ଅଶୋକ କୁମାର ଦାସ, ପ୍ରଦିପ କୁମାର ଦାସ ପ୍ରମୁଖ ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ଉକ୍ତ ପଡିଆରେ ଏକ ସଂଗ୍ରାମୀ ଭବନ ନିର୍ମାଣ ପାଇବା ପାଇଁ ଦାବି କରିଛନ୍ତି । ତତ୍‌କାଳୀନ ଜିଲ୍ଲାପାଳଙ୍କ ସମୟରେ ଭ୍ରମରଦିଆ ପାଟଣା ପଡିଆକୁ ସଂଗ୍ରାମୀ ଭବନ ପଡିଆରେ ନାମିତ କରିଥିଲେ । ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନର ଟାଳଟୁଳ ନୀତି ଯୋଗୁ ସେଠାରେ ସଂଗ୍ରାମୀ ଭବନ ନିର୍ମାଣରେ ବିଳମ୍ବ ହେଉଛି । ତୁରନ୍ତ ସଂଗ୍ରାମୀ ଭବନ ନିର୍ମାଣ କାରିବା ପାଇଁ ସମିତି ପକ୍ଷରୁ ଦାବି ହେଉଛି ।

## ଚିରା ଫଟା ଲୁଗା ଘେରରେ ବିତୁଛି ୪ ପିଲାଙ୍କ ଜୀବନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ରଖେ ହରି ମାରେ କିଏ, ସରକାରଙ୍କ ଏତେ ଯୋଜନା ବିଫଳ ହୋଇଛି । ଚାରିଜଣ ଶିଶୁଙ୍କର ଦିନ ବିତୁଛି ଖରା, ବର୍ଷା, କାକରେ । ଏକ ଚିରାଲୁଗା ପଠା ଘର ଭିତରେ, ଗୋଟିଏ ଓଳି ଖାଇଲେ ଅନ୍ୟ ଓଳି ଭୋକ ଉପବାସରେ ଶୋଇ ରହୁଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ବ୍ୟାସନଗର ପୌରପରିଷଦ ୧୭ ନମ୍ବର ୱାର୍ଡ ସାପଗଡିଆ, ପଦ୍ମପୁର ଆଦିବାସୀ ସାହିରେ। ବାପ ରାମ ହାଁସଦା (୩୭) ନାମକ ଜଣେ ଦିନ ମଜୁରିଆ, ତାଙ୍କର ଚାରିଗୋଟି ଛୁଆ ପିଲା, ମା' ସାବିତ୍ରୀ ହାଁସଦା (୩୩)କୁ ନିଜ ନିଜ ଭିତରେ ଝଗଡା ଲାଗିବାରୁ ସାବିତ୍ରୀ ତିନିମାସ ହେଲା କେଉଁଆଡେ ଚାଲିଯାଇଛି । ବଡ ଝିଅକୁ ୧୬ ବର୍ଷ, ଯାହା ଖଟିକି ଆଣେ ଦୁଃଖ କଷ୍ଟରେ ପରିବାର ଚଳିଯାଏ।



## ସାବୁଲିଆ ପାରିପାର୍ଶ୍ୱିକ ଅଞ୍ଚଳରେ ନବରାତ୍ର ପୂଜା ଶୁଭାରମ୍ଭ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତ ବର୍ଷ ରମ୍ଭା ସାବୁଲିଆ ପାରିପାର୍ଶ୍ୱିକ ଅଞ୍ଚଳରେ ବିଭିନ୍ନ ଠାକୁରାଣୀ ମନ୍ଦିର ମାନଙ୍କରେ ନବରାତ୍ର ପୂଜା ଜାକଜମକ ସହିତ ପାରମ୍ପରିକ ପ୍ରଥା ଅନୁସାରେ ଆରମ୍ଭ ହୋଇଛି। ମାନସିକଧାରୀମାନେ ବିଭିନ୍ନ ଦିନ ଭିନ୍ନ ଭିନ୍ନ ବ୍ୟଞ୍ଜନର ବିଭିନ୍ନ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା ଦଶମୀ ପର୍ଯ୍ୟନ୍ତ ଚାଲୁ ରହିବ। ପୂଜାର୍ଚ୍ଚନା, ଆଳତି, ଶାନ୍ତି ଶୃଙ୍ଖଳା ଓ ମା'ଙ୍କ ଭୋଗରାଗ ନୀତିକାନ୍ତି ପ୍ରକାରେ ଅନୁଷ୍ଠିତ ହେଉଛି। ଏଥି ସହିତ ବିଳମ୍ବିତ ରାତ୍ରରେ ଠାକୁରାଣୀ ମନ୍ଦିର ମାନଙ୍କରେ ବଳି ପକାଯାଉଥିବା ଲକ୍ଷ୍ୟ କରାଯାଉଛି। ତତ୍ ସଙ୍ଗେ ସଙ୍ଗେ ମନ୍ଦିର ମାନଙ୍କରେ ବିଭିନ୍ନ ରଙ୍ଗ ବେରଙ୍ଗର ଚିକ୍‌ମିକ୍ ଆଲୋକ ମାଳାରେ ଝଲସୁଥିବାରୁ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ସୁଅ ଛୁଟିବାରେ ଲାଗିଛି। ଭକ୍ତମାନେ ଦର୍ଶନ ସହିତ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଅପେକ୍ଷା କରି ଭୋଗ ଭକ୍ଷଣ କରୁଥିବା ଜଣାଯାଇଛି। ବିଭିନ୍ନ ଦେବଦେବୀ ମାନଙ୍କରେ ପୂଜା ଉତ୍ସବ ଚଳଚଞ୍ଚଳ ହୋଇଉଠୁଛି।

## ବିଜେପି ପକ୍ଷରୁ ୧୭୨ ୟୁନିଟ୍ ରକ୍ତ ସଂଗ୍ରହ



**କେନ୍ଦୁଝର, ନ୍ୟୁଜ୍**

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଜୟନ୍ତୀ ତଥା ସେବାପକ୍ଷ ଅବସରରେ ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଉତ୍ସାହିତ ରକ୍ତଦାତାଙ୍କ ନିକଟରୁ ୧୭୨ ୟୁନିଟ୍ ରକ୍ତ ସଂଗୃହିତ ହୋଇ ମାନବ କଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତ ଭଣ୍ଡାରକୁ ପ୍ରେରଣ କରାଯାଇଥିବାର ଜଣାପଡିଛି । କେନ୍ଦୁଝର ସାଂସଦ ଅନନ୍ତ ନାୟକ ଏବଂ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଏହି ଶିବିରରେ ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିବା ସହିତ ଭାରତମାତାଙ୍କ ଫୋଟ ଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସେହିପରି ବିଜେପି ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ବିଜେପି ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ, ସାଂସଦ ପ୍ରତିନିଧି ହରିହର ମହାନ୍ତ, ଦିଲ୍ଲୀପ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ ଏବଂ ଶମ୍ଭୁନାଥ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ଏବଂ ଜ୍ଞାନ ରଂଜନ ସାମନ୍ତ ସିଂହାର, ଜିଲ୍ଲା ଉପସଭାପତି ଗୋପୀନାଥ ରାମ, ଜିଲ୍ଲା ସମ୍ପାଦକ ଦୀପକ ଜେନା ଏବଂ ଯଶସ୍ୱିନୀ ବଳ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାଗିରଥି ସିଂହ ପ୍ରମୁଖ ତଥା ଅନ୍ୟ ନେତୃବର୍ଗମାନେ ଉପସ୍ଥିତ ରହି ରକ୍ତଦାନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତ ଭଣ୍ଡାରର ଡାକ୍ତର ବିପିନ ବିହାରୀ ପାତ୍ରଙ୍କ ତତ୍ତ୍ୱାବଧାନରେ ତଥା ସମସ୍ତ ସହଯୋଗୀ କର୍ମଚାରୀଙ୍କ ସହଯୋଗରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସାଂସଦ ଅନନ୍ତ ନାୟକ ଏବଂ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଜେପିର ମଣ୍ଡଳ ସଭାପତି ତଥା ମୋର୍ଚ୍ଚାର ନେତୃତ୍ୱ ଓ କାର୍ଯ୍ୟକର୍ତ୍ତା ମାନଙ୍କ ସହଯୋଗରେ ଏହି ରକ୍ତଦାନ ଶିବିର ସାଫଲ୍ୟ ମଣ୍ଡିତ ହୋଇଥିଲା।

# ନିୟନ୍ତ୍ରଣ ବାହାରେ ପଲିଥିନ୍ ବ୍ୟବହାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗତ ସୋମବାର ସହରରେ ଏକ ଗାଈର ପେଟରୁ ୪୦ କିଲୋ ଓଜନର ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବାହାରିଥିଲା । କିଛି ଦିନ ତଳେ ଚିକିତ୍ସାଧୀନ ଅବସ୍ଥାରେ ଗାଈର ମୃତ୍ୟୁ ହୋଇଥିଲା। ଗୋଟିଏ ପଟେ ପଲିଥିନ୍ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗିଥିବା ବେଳେ ଅନ୍ୟପଟେ ଏକ ଗାଈ ପେଟରୁ ୪୦ କିଲୋ ଓଜନର ପଲିଥିନ୍ ମିଳିବାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟରେ ପଲିଥିନ୍ ବ୍ୟବହାର ଉପରେ କଟକଣାକୁ ୪ ବର୍ଷରୁ ଅଧିକ ସମୟ ହୋଇଗଲାଣି । ତଥାପି ବ୍ରହ୍ମପୁର ବଜାରରେ ପଲିଥିନ୍ ସକ୍ରିୟ ଉପସ୍ଥିତି ଦେଖିବାକୁ ମିଳୁଛି । ଗ୍ରାହକଙ୍କ ଠାରୁ ଦୋକାନୀ ପର୍ଯ୍ୟନ୍ତ, ଛୋଟ ହେଉ ବଡ଼ ଦୋକାନ, ମଲ୍ ହେଉ ଅବା ରାସ୍ତା କଡ଼ରେ ପରିବାର ଦୋକାନ, ସବୁଠି ଏବେ ପଲିଥିନ୍ କାରବାର ବହୁ ଭାବରେ ବ୍ୟବହାର ହେଉଛି । ବ୍ରହ୍ମପୁର ମହାନଗର ନିଗମ ତରଫରୁ କାଁ ଭାଁ ଛୋଟ ଛୋଟ ଦୋକାନୀଙ୍କ ଉପରେ ଚଢ଼ଉ ହେଉଛି। କିନ୍ତୁ ହୋଲ୍‌ସେଲ୍ ବିକ୍ରେତାଙ୍କ ପର୍ଯ୍ୟନ୍ତ ପହଞ୍ଚିପାରୁନାହିଁ ମହାନଗର ନିଗମ । ଫଳରେ ସହରରେ ବେଧଡ଼କ୍ ଭାବେ ପଲିଥିନ୍ ବ୍ୟବହାର ହେଉଛି । ୨୦୧୯ ଅକ୍ଟୋବର ଦୁଇ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ରାଜ୍ୟ ସରକାର ଓଡ଼ିଶାରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଷେଧ କରିଥିଲେ । ଘୋଷଣାର କିଛିଦିନ ପର୍ଯ୍ୟନ୍ତ କଟକଣାର ପ୍ରଭାବ ରହିଥିଲା । କଟକଣା ଲାଗିଲା । ଧରପଗଡ଼ ଆରମ୍ଭ ହେଲା । ଆଉ ଆରମ୍ଭରୁ ଅନେକ ସ୍ଥାନରେ ଦୋକାନୀ ଏବଂ ମହାନଗର ନିଗମ ଅଧିକାରୀଙ୍କ ଭିତରେ ଝଗଡ଼ା ମଧ୍ୟ ହେଲା । କିନ୍ତୁ ଧୀରେ ଧୀରେ ପୁଣି ଥରେ ପୂର୍ବ ପରିସ୍ଥିତିକୁ ଫେରିଗଲା । କଟକଣା ଅନୁଯାୟୀ, ଚିହ୍ନଟ ହୋଇଥିବା ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ସାମଗ୍ରୀଗୁଡ଼ିକର କଡ଼ାକଡ଼ି ଯାଞ୍ଚ ଲାଗି କମିଟି ଗଠନ ହେବା କଥା । ତେବେ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇନଥିବାରୁ ଏହାର ସୁଫଳ



ଦେଖିବାକୁ ମିଳୁନାହିଁ । ସାମଗ୍ରୀକ ଭାବେ ଏହି ଦାୟିତ୍ୱ ପରିବେଶ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗକୁ ଦିଆଯାଇଛି । ହେଲେ ପଲିଥିନ୍ ଓ ହାନିକାରକ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ରୋକ୍ ଲଗାଇବା ପାଇଁ ପ୍ରୟାସ କରାଯାଉଥିବା ମନେହେଉନାହିଁ । ବଜାର ଠାରୁ ଆରମ୍ଭ କରି ଫାଷ୍ଟଫୁଡ୍ ଦୋକାନ, ଚା ଦୋକାନ, ଘରକରଣା ସାମଗ୍ରୀ, ପରିବା, ସବୁକିଛି କିଣିବା ପାଇଁ ପଲିଥିନ୍ ବ୍ୟବହାର ହେଉଛି । ମହାନଗର ତରଫରୁ ମଝିରେ ମଝିରେ ସହରରେ ଚଢ଼ଉ କରାଯାଉଛି । ଏହା ସତ୍ତ୍ୱେ ପ୍ରତିଦିନ ସଫେଇ ପରେ ଟ୍ରାକ୍ଟର ଓ ଅନ୍ୟ ଯାନ ଯୋଗେ କୁଢ଼ କୁଢ଼ ପଲିଥିନ୍ ଡମ୍ପିଂୟାର୍ଡ଼କୁ ନିଆଯାଉଛି । ବ୍ୟାପକ ଭାବେ ବ୍ୟବହୃତ ହେଉଥିବା ପଲିଥିନ୍ ସହରର ସୁସ୍ଥ ପରିବେଶ ପ୍ରତି ବିପଦ ସୃଷ୍ଟି କଲାଣି । ପ୍ଲାଷ୍ଟିକ୍‌ର ବ୍ୟାପକ ତଥା ଅନିୟନ୍ତ୍ରିତ ବ୍ୟବହାର ସମଗ୍ର ବିଶ୍ୱକୁ ପ୍ରଭାବିତ କରିଚାଲିଛି । ପରିତ୍ୟକ୍ତ ପଲିଥିନ୍ ବ୍ୟାଗ, ପାଣି ବୋତଲ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ପଦାର୍ଥ ପରିବେଶରେ ବ୍ୟାପକ ପ୍ରଦୂଷଣ ଘଟାଉଛି । ପଲିଥିନ୍ ମିଶା ଖାଦ୍ୟ ଖାଇବା ପରେ ବୁଲା ଗାଈ, ଗୋରୁ ଅସୁସ୍ଥ ହେଉଛନ୍ତି । ପଲିଥିନ୍ ଦ୍ୱାରା ଜଳ ଓ ପରିବେଶ ପ୍ରଦୂଷିତ ହେଉଛି । ଅନେକ ସ୍ଥାନରେ ସଫେଇ କର୍ମଚାରୀ ପଲିଥିନ୍‌କୁ ଜାଳି ଦେଉଥିବା ନଜିର ରହିଛି । ଏହି ଧୂଆଁ ପରିବେଶକୁ ବିଷାକ୍ତ କରିଦେଉଛି । ସହରରେ ବେଧଡ଼କ ଭାବରେ ଅତି ନିମ୍ନମାନର ପଲିଥିନ୍ ବ୍ୟାଗ୍ ସବୁ ବ୍ୟବହାର କରାଯାଉଛି । ତେଣୁ ଉତ୍ତମ ପରିବେଶ ପାଇଁ ପଲିଥିନ୍ କଟକଣାକୁ ଦୃଢ଼ ଭାବେ କାର୍ଯ୍ୟକାରୀ କରାଇବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଗଠନ କରାଯିବା ସହିତ ବ୍ୟାପକ ଚଢ଼ଉ ପାଇଁ ସାଧାରଣରେ ମତପ୍ରକାଶ ପାଇଛି । ଅନ୍ୟପଟେ ବଜାରରେ ମଧ୍ୟ ବହୁ ଭାବେ ପଲିଥିନ୍ ବିକ୍ରି ହେଉଛି । ବଡ଼ବଜାର, ସାନବଜାର ଏବଂ ସହରର ଅନ୍ୟ କେତେକ ସ୍ଥାନରେ ପ୍ରଚୁର ଭାବେ ପଲିଥିନ୍ ବିକ୍ରି ହେଉଛି । ହୋଲ୍‌ସେଲ୍‌ରେ ଟ୍ରକ୍‌ରେ ଭର୍ତି ହୋଇ ପଲିଥିନ୍ ବଜାରକୁ ଆସୁଛି । ହେଲେ ଛୋଟ ଛୋଟ ଦୋକାନୀଙ୍କୁ ଧରାଯାଉଥିଲେ ମଧ୍ୟ ହୋଲ୍‌ସେଲ୍ ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ ପ୍ରଶାସନ ।



# କଟକର ପ୍ରଥମ ଓ ପୁରୁଣା ଦୁର୍ଗାପୂଜା ମଣ୍ଡପ:୫୦୦ ବର୍ଷ ଧରି ସମାନ ପଦ୍ଧତିରେ ମା'ଙ୍କ ଆରାଧନା

**କଟକ, ନ୍ୟୁଜ୍ ବ୍ୟୁରୋ**

ହଜାର ବର୍ଷର ପୁରୁଣା ସହର କଟକ । ଆଉ ସହରର ପରମ୍ପରା ବି ବହୁ ପୁରୁଣା । କଟକର ଛାତିରେ ଲେଖା ହୋଇଛି ଅନେକ ପରମ୍ପରାର କଥା । ଦଶହରା ଆସିଲେ ସେସବୁ ପରମ୍ପରା ଜାଗ୍ରତ ହୋଇପଡେ । ମା'ଙ୍କ ଆବାହାନ ପାଇଁ ଚଳଚଞ୍ଚଳ ହୋଇପଡ଼େ ରୌପ୍ୟ ନଗରୀ । ଚାନ୍ଦି ମେଢ ସାଙ୍ଗକୁ ମା'ଙ୍କ ସ୍ୱତନ୍ତ୍ର ପୂଜା ପାଇଁ ପ୍ରସିଦ୍ଧ କଟକ ସହର । ତେବେ କଟକରେ କେବେ, କେଉଁଠି ଓ କିଏ ପ୍ରଥମେ ଆରମ୍ଭ କରିଥିଲେ ମା'ଙ୍କ ଆବାହନ ? ସେହି ପୂଜା ମଣ୍ଡପର ବିଶେଷତ୍ୱ କ'ଣ ରହିଛି ? କଟକର ବାଲୁବଜାର ପୂଜା ମଣ୍ଡପ । ଯେଉଁଠି ପ୍ରଥମେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିଲା । ବଡ଼କଥା ହେଉଛି କି ଦୀର୍ଘ ୫ ଶହ ବର୍ଷରୁ ଅଧିକ ସମୟ ଧରି ଏହି ମଣ୍ଡପରେ ମା'ଙ୍କ ପୂଜା ହୋଇଆସୁଛି । ହେଲେ ପରମ୍ପରା ଅନୁଯାୟୀ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଏବେବି ସମାନ ଶୈଳୀରେ ନିର୍ମାଣ ହେଉଛି ଆଉ ପୂଜା ବି କରାଯାଉଛି । ଅର୍ଥାତ ୫ ଶହ ବର୍ଷ ତଳେ ମା'ଙ୍କ ମୂର୍ତ୍ତିର ଉଚ୍ଚତା, ପ୍ରସ୍ତୁତି ପ୍ରଣାଳୀ ଓ ଗଠନ ଶୈଳୀ ଯେମିତି ଥିଲା, ଆଜି ବି ଠିକ୍ ସେମିତି ରହିଛି । ଶହ ଶହ ବର୍ଷ ମଧ୍ୟରେ କଟକ ସହରରେ ପ୍ରାକୃତିକ ଦୁର୍ବିପାକ ହେଉ ବା ମାହାମାରୀର ପ୍ରକୋପ, କେବେବି ଏହି ମଣ୍ଡପର ପରମ୍ପରା ଉପରେ ପ୍ରଭାବ ପକାଇପାରିନାହିଁ । କେବଳ ସେତିକି ନୁହେଁ, ଏହା ଏମିତି ଏକ ମଣ୍ଡପ ଯେଉଁଠାରେ ମା'ଙ୍କ ମୂର୍ତ୍ତି ରଙ୍ଗ କାର୍ଯ୍ୟରେ କେବେବି ରସାୟନିକ ରଙ୍ଗ ବ୍ୟବହାର କରାଯାଏନାହିଁ । ସ୍ୱତନ୍ତ୍ର ଭାବରେ ପ୍ରାକୃତିକ ପଦାର୍ଥ ଓ ପ୍ରକ୍ରିୟାରେ ରଙ୍ଗ ପ୍ରସ୍ତୁତ କରାଯାଇ ମା'ଙ୍କୁ ରଙ୍ଗ କରାଯାଇଥାଏ । ୧୫୦୮ ମସିହାର କଥା । ଶ୍ରୀକ୍ଷେତ୍ର ଆଗମନ ସମୟରେ ଚୈତନ୍ୟ ମହାପ୍ରଭୁ କଟକ ବାଲୁବଜାର ଠାରେ କିଛିଦିନ ବିତାଇଥିଲେ । କୁହାଯାଏ ସେହି ସମୟରେ ଶରତ ଋତୁର ଆଗମନ ହୋଇଥିଲା । ଏହି ସମୟରେ ଚୈତନ୍ୟ ମହାପ୍ରଭୁ ନିଜେ ଏହି ସ୍ଥାନରେ ମା'ଙ୍କ ଘଟ ସ୍ଥାପନ କରି ପ୍ରଥମେ ଦୁର୍ଗାପୂଜା ଆରମ୍ଭ କରିଥିଲେ । ପରେ ଚୈତନ୍ୟ ପୁରୀ ଚାଲିଯାଇଥିଲେ । କିନ୍ତୁ ଯିବା ପୂର୍ବରୁ ତାଙ୍କ ସହିତ ଆସିଥିବା ବଙ୍ଗର ବାନାର୍ଜୀ ପରିବାରକୁ ଏଠାରେ ଥିବା ମଠରେ ରଖିବା ସହ ପ୍ରତିବର୍ଷ ଶରତ ଋତୁରେ ମା'ଙ୍କ ପୂଜା କରିବା ପାଇଁ କହିଥିଲେ । ସେବେଠାରୁ ବିନୋଦ ବିହାରୀ ମଠ ମନ୍ଦିର ପରିସରରେ ଥିବା ପୂଜା ମଣ୍ଡପରେ ଘଟ ପୂଜା ଆରମ୍ଭ ହୋଇ ପରେ ପରେ ଏଠାରେ ମା'ଙ୍କ ଦଶଭୂଜା ମୂର୍ତ୍ତିକୁ ଏହି ମଣ୍ଡପରେ ପୂଜା କରାଯିବା ଆରମ୍ଭ ହୋଇଥିଲା । ଏହି ମଣ୍ଡପରେ ମା'ଙ୍କ ମୂର୍ତ୍ତି ନିର୍ମାଣ ଠାରୁ ଆରମ୍ଭ କରି ପୂଜା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ପିଢି ପରେ ପିଢି ସେହି ବାନାର୍ଜୀ ପରିବାରର ସଦସ୍ୟମାନେ ହିଁ କରିଆସୁଛନ୍ତି । ବଡ଼ କଥା ହେଉଛି କି ଏହି ମା'ଙ୍କ ମୂର୍ତ୍ତିରେ କୌଣସି ପ୍ରକାରର କୃତ୍ରିମ ରଙ୍ଗ ବ୍ୟବହାର କରାଯାଏନାହିଁ । ବାହ୍ୟ ଚାକଚକ୍ୟ ନୁହେଁ ବରଂ ଏଠାରେ କେବଳ ନିଷ୍ଠାର ସହ ପୂଜାର୍ଚ୍ଚନାକୁ ହିଁ ପ୍ରାଧାନ୍ୟ ଦିଆଯାଇଥାଏ । ଏହା ବ୍ୟତିତ ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ପ୍ରତ୍ୟକ୍ଷ ଦେବୀ ଭାବେ ବିବେଚନା କରନ୍ତି ସ୍ଥାନୀୟ ଲୋକେ । ବିନୋଦ-ବିହାରୀ ବାଲୁବଜାର ପୂଜା ମଣ୍ଡପ ହେଉଛି କଟକର ଏକ ମାତ୍ର ପୂଜା ମଣ୍ଡପ ଯେଉଁଠାରେ ମୂର୍ତ୍ତି ତଆରି ଠାରୁ ଆରମ୍ଭ କରି ପୂଜା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଗୋଟିଏ ପରିବାରର ଲୋକଙ୍କ ଦ୍ୱାରା ହିଁ କରାଯାଇଥାଏ । କଟକ ସହରର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା ଅନୁଷ୍ଠିତ ହୁଏ । କିନ୍ତୁ ବିନୋଦ-ବିହାରୀ ବାଲୁବଜାର ପୂଜା ମଣ୍ଡପ ଅନ୍ୟ ପୂଜା ମଣ୍ଡପ ଠାରୁ ଯେତିକି ନିଆରା ସେତିକି ଭିନ୍ନ ମଧ୍ୟ । କାରଣ ଏହି ପୂଜା ମଣ୍ଡପ ସହିତ ଜଡିତ ରହିଛି ଅନେକ ଅଲୌକିକ କଥାବସ୍ତୁ । ମା'ଙ୍କ ଆବାହନୀ ନିଶାର୍ଦ୍ଧରେ କରାଯାଇଥାଏ । ଆଉ ଏହି ସମୟରେ କେବଳ ଜଣେ ମାତ୍ର ପୂଜକ ମା'ଙ୍କ ଚକ୍ଷୁଦାନ ନୀତି ସମ୍ପୂର୍ଣ୍ଣ କରିଥାନ୍ତି । ସେହି ସମୟରେ ମଣ୍ଡପ ଏବଂ ଏହାର ଚର୍ତୁପାଶ୍ୱରେ ଏକ ଅଦ୍ଭୁତ ବାତାବରଣ ସୃଷ୍ଟି ହୁଏ । ଦୃଶ୍ୟମାନ ହୁଏ ଏକ ରହସ୍ୟମୟ ଛାଇ ଏବଂ ଶୁଭେ ପାଉଁଜିର ରୁଣୁଝୁଣ ଶବ୍ଦ । କେବଳ ସେତିକି ନୁହେଁ ମା'ଙ୍କୁ ଘଟ ମଧ୍ୟରେ ସ୍ଥାପିତ ହେବା ଲାଗି ମନ୍ତ୍ର ଉଚ୍ଚାରଣ କରି ଆବାହନ କରୁଥିବା ସମୟରେ ନିଜେ ପୂଜକ ମଧ୍ୟ ଶିହରି ଉଠିଥାନ୍ତି । ପ୍ରତିବର୍ଷ ପୂଜା ସମୟରେ ଏହିଭଳି ଅଲୌକିତାକୁ ଅନୁଭବ କରିଆସୁଥିବା କହିଛନ୍ତି ମା'ଙ୍କ ପୂଜକ ଲୋକନାଥ ବାନାର୍ଜୀ । କେବଳ ସେତିକି ନୁହେଁ ବରଂ କଟକ ସହରରେ ପୂଜା ପାଉଥିବା ସମସ୍ତ ପୂଜା ମଣ୍ଡପ ମଧ୍ୟରେ ବିନୋଦ ବିହାରୀ ବାଲୁବଜାର ପୂଜାମଣ୍ଡପକୁ ବଡ ଭଉଣୀର ଆଖ୍ୟା ଦିଆଯାଇଛି । ୫ ଶହ ବର୍ଷ ବିତି ଗଲାଣି କିନ୍ତୁ ବିନୋଦ ବିହାରି ମଣ୍ଡପରେ ପୂଜା ବିଦ୍ଧି ସେତେବେଳେ ଯାହା ଥିଲା, ଆଜି ବି ତାହା ହିଁ ରହିଛି ବୋଲି ପୂଜା କମିଟି କର୍ମକର୍ତ୍ତା କହିଛନ୍ତି । ପୂଜକ କାଳୀ ପ୍ରସାଦ ବାନାର୍ଜୀ କହିଛନ୍ତି, 'ବାପା, ଜେଜେବାପା ଅମଳରୁ ପିଢ଼ି ପରେ ପିଢି ପାରମ୍ପରାକୁ ଗତାନୁଗତିକ ଭାବରେ ଆମେ ବଜାୟ ରଖିଛୁ । ବିଶେଷ କରି ବଙ୍ଗୀୟ ପୂଜା ପଦ୍ଧତି ହେଉ ବା ସମୟ ନିର୍ଘଣ୍ଟ ଗୁପ୍ତ ପଞ୍ଜିକା ଅନୁଯାୟୀ କରାଯାଏ । ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ଥିବା ବିଧି କାଳିକା ପୁରାଣ ଦୁର୍ଗାପୂଜା ପଦ୍ଧତିରେ କରାଯାଏ । ପୂର୍ବରୁ ଯେଉଁ ଶୈଳୀ, କେଉଁ ଗଠନରେ ମା'ଙ୍କ ମୂର୍ତ୍ତି ନିର୍ମାଣ କରାଯାଉଥିଲା ଆଜି ତାହା ସେମିତି ରହିଛି ।' କଟକରେ ଦଶହରା ପାଇଁ ପ୍ରଥମେ ମୂଳଦୁଆ ଏହିଠାରେ ହିଁ ପଡିଥିଲା । ନଦିଆ ନବଦ୍ୱିପରୁ ଆସିଥିବା ବାନାର୍ଜୀ ପରିବାର ଏହି ପୀଠରେ ୧୫୦୮ ମସିହାରେ ଘଟପୂଜା ପରେ ୧୫୧୪ ମସିହାରେ ମୃଣ୍ମୟୀ ମୂର୍ତ୍ତୀରେ ମା' ଦୁର୍ଗାଙ୍କ ପୂଜା ଆରମ୍ଭ କରିଥିଲେ । ଦୀର୍ଘ ୫୦୯ ବର୍ଷ ଧରି ଏଠାରେ ପୂଜା ଆୟୋଜନ କରାଯାଉଛି । ୨୦୦୨ ମସିହାରୁ ଏହି ମଣ୍ଡପରେ ଚାନ୍ଦି ମେଢ଼ ଆରମ୍ଭ କରାଯାଇଥିଲା । ପ୍ରାୟ ସାଢ଼େ ୩ କୁଇଣ୍ଟାଲ ଚାନ୍ଦିରେ ଏହି ମେଢ଼ ପ୍ରସ୍ତୁତ କରାଯାଇଛି । ତେବେ ଅଷ୍ଟମୀ ପୂଜାରେ ଏହି ମଣ୍ଡପରେ ହଜାର ହଜାର ବ୍ରତଧାରୀଙ୍କ ଭିଡ଼ ଜମିଥାଏ । ଏନେଇ ବାଲୁବଜାର ପୂଜା କମିଟି ସଭାପତି ପୃଥ୍ୱୀରାଜ ସାହୁ କହିଛନ୍ତି, ୧୫୦୮ ମସିହାରେ ଏଠାରେ ଘଟ ସ୍ଥାପନ କରାଯାଇଥିଲା । ୧୫୦୯ ମସିହାରୁ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା ଆରମ୍ଭ ହୋଇଥିଲା । ଶ୍ରୀ ଚୈତନ୍ୟ ମହାପ୍ରଭୁ ଜଗନ୍ନାଥ ଧାମକୁ ଯାତ୍ରା କରିବା ସମୟରେ ଶରତ ଋତୁ ହୋଇଥିଲା । ସେ ବିନୋଦବିହାରୀ ମଠରେ ରହିଥିଲେ । ସେ ଏଠାରୁ ଯିବା ପୂର୍ବରୁ ତାଙ୍କ ସହ ଆସିଥିବା ବ୍ରହ୍ମଣ ବାନାର୍ଜୀ ପରିବାରକୁ ଘଟ ପୂଜା ଓ ମୂର୍ତ୍ତି ଗଢ଼ିବାର ଜିମା ଦେଇଯାଇଥିଲେ । ପର୍ଯ୍ୟାୟକ୍ରମେ ଆଜି ପର୍ଯ୍ୟନ୍ତ ସେହି ବାନାର୍ଜୀ ପରିବାର ମୂର୍ତ୍ତି ନିର୍ମାଣ ସହ ପୂଜା କରନ୍ତି । ଏଠାରେ କୌଣସି ବାହାର ବ୍ରାହ୍ମଣ ଆସି ପୂଜା କରନ୍ତିନାହିଁ । ଏଠାରେ ପୂଜା ନୀତିକାନ୍ତି ଓ ପଦ୍ଧତିକୁ ସମ୍ପୂର୍ଣ୍ଣ ଭାବରେ ପ୍ରାଧାନ୍ୟ ଦିଆଯାଏ ।' ଏହି ମଣ୍ଡପର ଆଉ ବିଶେଷତ୍ୱ ହେଉଛି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣରେ ରାସାୟନିକ ରଙ୍ଗ ବ୍ୟବହାର ହୁଏ ନାହିଁ । ପ୍ରାକୃତିକ ଭାବରେ ରଙ୍ଗ ପ୍ରସ୍ତୁତ କରି ମା'ଙ୍କ ରଙ୍ଗ କାର୍ଯ୍ୟ ହୋଇଥାଏ । ରଥଯାତ୍ରା ସମୟରୁ ରଙ୍ଗ ପାଇଁ ବିଭିନ୍ନ ପ୍ରାକୃତିକ ସାମଗ୍ରୀ ଗୁଡିକ ପ୍ରସ୍ତୁତ କରାଯାଇଥାଏ । ତେନ୍ତୁଳି ମଞ୍ଜି, ତେନ୍ତୁଳି ପାଉଡର, କଇଁଥ ଅଠା, ଶଙ୍ଖ ଗୁଣ୍ଡ, ମନ୍ଦାର, ହଳଦୀ ଆଦି ବିଭିନ୍ନ ପ୍ରକାର ପ୍ରାକୃତିକ ସାମଗ୍ରୀରୁ ରଙ୍ଗ ପ୍ରସ୍ତୁତ କରାଯାଏ । ପ୍ରଥମେ ଏହାକୁ ଶୁଖାଇ ଗୁଣ୍ଡ କରି ରଙ୍ଗ ପ୍ରସ୍ତୁତ କରାଯାଏ । ପରେ ମା'ଙ୍କୁ ରଙ୍ଗ କରିବାରେ ବ୍ୟବହାର କରାଯାଇଥାଏ । ସବୁଠାରୁ ବଡ଼ କଥା ହେଉଛି ଏହି ମଣ୍ଡପର ଯିଏ ମୂର୍ତ୍ତି କାରିଗର ସେ ପୂଜକ ବଂଶାନୁ ଭାବରେ ଏମାନେ ମା'ଙ୍କ ମୂର୍ତ୍ତି ନିର୍ମାଣ ଆଉ ପୂଜା କରିଥାଆନ୍ତି ।







## ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ଦାବିରେ ଅହୋରାତ୍ର ଧାରଣା ଆରମ୍ଭ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାରେ ଏକ ମେଡିକାଲ୍ କଲେଜ ଓ ହସ୍‌ପିଟାଲ୍ ପ୍ରତିଷ୍ଠା ଦାବି ଦୀର୍ଘଦିନ ହେଲା କରାଯାଉଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ଉଦାସୀନ ରହିଥିବାରୁ ଏହାର ପ୍ରତିବାଦରେ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ମାଧ୍ୟମରେ ଏକ ଅହୋରାତ୍ର ଧାରଣା କାର୍ଯ୍ୟକ୍ରମ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଛି । ଦାବି ପୁରଣ ପର୍ଯ୍ୟନ୍ତ ଏହା ଚାଲିବ ବୋଲି କମିଟିର କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି । ରାଜ୍ୟରେ ତିନିଟି ମେଡିକାଲ୍ କଲେଜ ଥିଲା ସେତେବେଳଠୁ ଅର୍ଥାତ୍ ୨୦୧୫ ମସିହା ଠାରୁ ମେଡିକାଲ୍ କଲେଜ ପ୍ରତିଷ୍ଠା ପାଇଁ ଜିଲ୍ଲାରେ ଆନ୍ଦୋଳନ ଆରମ୍ଭ ହେଇଛି । ସେତେବେଳେ ସମସ୍ତ ବିରୋଧୀ ରାଜନୈତିକ ଦଳ, ଗଣସଙ୍ଗଠନ, ସାମାଜିକ ସଂଗଠନ, ବୁଦ୍ଧିଜୀବୀ ସମ୍ପ୍ରଦାୟ ନିଜସ୍ୱ ଭାବେ ଆନ୍ଦୋଳନ କରିଆସିଛନ୍ତି । ଏହା ମଧ୍ୟରେ ୩ ରୁ ୧୭ ମେଡିକାଲ୍ କଲେଜ ରାଜ୍ୟରେ ଘୋଷଣା ହେଇଛି । ସରକାର ପରେ ସରକାର ବଦଳିଛି । କିନ୍ତୁ କେନ୍ଦ୍ରାପଡା ଜିଲ୍ଲା ଯେଉଁ ଦୁଃଖିଆକୁ ସେହି ଦୁଃଖିଆ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିଧାନସଭାର ଚାଲିଥିବା ମୌସୁମୀ ଅଧିବେଶନରେ ମୋହନ ସରକାର ବିଧାନସଭାରେ କେନ୍ଦ୍ରାପଡାରେ ମେଡିକାଲ୍ କଲେଜ ଘୋଷଣା କରିବା ଦାବିରେ ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ସୋମବାର ଠାରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଅନୁଷ୍ଠିତ ଆହୋରାତ୍ର ଗଣଧାରଣାର ପ୍ରଥମ ଦିନରେ ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ । ବିଜେଡ଼ିର ରାଜ୍ୟ ନେତା ରବି ସାମଲ, କଂଗ୍ରେସ ପ୍ରଫୁଲ୍ଲ ଦାସ, ସିପିଆଇ (ଏମ୍) ଗୟାଧର ଧଳ, ସିପିଆଇ ବିକାଶ ବେଉରା, ଆମ୍ ଆଦ୍‌ମି ସୂର୍ଯ୍ୟକାନ୍ତ ପରିଡା, କଂଗ୍ରେସ ସସ୍ମିତା ପଣ୍ଡା, ଜଗତଜୀବନ ଦାଶ, ଫକୀର ଚରଣ ଖଟୁଆ ପ୍ରମୁଖ ବକ୍ତବ୍ୟ ରଖି ଏହି ଐତିହାସିକ ଲଢେଇରେ ସାରା ଜିଲ୍ଲାର ଆବଳ ବୃଦ୍ଧ ବନିତା, ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନକୁ ଚଳେଇ ରଖିବା ପାଇଁ ଅନୁରୋଧ କରିଥିଲେ ।

## କୋରେଇ ବ୍ଲକ୍‌ରେ ଭାରି ଯାନବାହନ ଚଳାଚଳ ନିଷେଧ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

କୋରେଇ ବ୍ଲକ୍‌ର ସଠିପୁର ଠାରୁ ବୈତରଣୀ ରୋଡ ପର୍ଯ୍ୟନ୍ତ ଭାରି ଯାନବାହନ ଚଳାଚଳକୁ ଏକ ମାସ ପର୍ଯ୍ୟନ୍ତ ନିଷେଧ କରାଯାଇଛି । ମୋଟର ଭେହିକଲ୍ ଆଇନ୍ ୧୯୮୮ର ଧାରା ୧୧୫ ସହିତ ଓଡ଼ିଶା ମୋଟର ଭେହିକଲ୍ ନିୟମାବଳୀ ୧୯୯୩ର ନିୟମ ୬୩ ଓ ୯୩ ଅନୁଯାୟୀ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଏହି ଆଦେଶ ଜାରି କରିଛନ୍ତି । ସଡ଼କ ବିସ୍ତାର, ସୁଦୃଢ଼ୀକରଣ କାମ ସମୟରେ ଯାତାୟାତ ଜାମ୍ ଓ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ସମୟରେ ସମସ୍ତ ଭାରି ଯାନବାହନ ବୈତରଣୀ ସଡ଼କ ରାସ୍ତାରୁ ରଗଡି, ବରୁଣ୍ଡାଇ, ମିନାବଜାର, ପଟିକୋଟେ ମାର୍ଗରେ ପରିଚାଳିତ ହେବ । ଏହି ନିଷେଧ ୨୧.୦୯.୨୦୨୫ ରୁ ୨୦.୧୦.୨୦୨୫ (୧ ମାସ ପର୍ଯ୍ୟନ୍ତ) କାର୍ଯ୍ୟକାରୀ ରହିବ ।

## ଶୁଆକାଟି ଗ୍ରାମପଞ୍ଚାୟତକୁ 'ଇ-ଗଭର୍ଣ୍ଣାନ୍ସ' ପୁରସ୍କାର

**କେନ୍ଦୁଝର, ନ୍ୟୁଜ୍**




କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ଶୁଆକାଟୀ ଗ୍ରାମ ପଞ୍ଚାୟତ ୨୨ ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ୨୦୨୫ରେ ଏକ ମର୍ଯ୍ୟାଦାଜନକ ଜୁରି ପୁରସ୍କାର ଜିତି ଓଡ଼ିଶା ଏବଂ କେନ୍ଦୁଝର ପାଇଁ ସୁନାମ ଆଣି ଦେଇଛି । ବିଶାଖାପାଟଣାରେ ଆରମ୍ଭ ହୋଇଥିବା ଦୁଇ ଦିନିଆ ୨୮ତମ ଜାତୀୟ ଇ-ଗଭର୍ଣ୍ଣାଂଶ ସମ୍ମିଳନୀରେ ବାଂଶପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଂଜିତ ପ୍ରତାପ ବଳ ଓ ଶୁଆକାଟୀ ସରପଞ୍ଚ କୌତୁକ ନାଏକ କେନ୍ଦ୍ରମନ୍ତ୍ରୀ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, କାର୍ମିକ, ସାଧାରଣ ଅଭିଯୋଗ ବିଭାଗ ଜିତେନ୍ଦ୍ର ସିଂହଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଚଳିତ ବର୍ଷ ପ୍ରଥମଥର ପାଇଁ ଗ୍ରାମ ପଞ୍ଚାୟତ ଲାଗି ଉଦ୍ଦିଷ୍ଟ ବର୍ଗରେ ଏହା ଦେଶର ଅନ୍ୟ ତିନୋଟି ସ୍ଥାନୀୟ ସଂସ୍ଥା ମଧ୍ୟରେ ସ୍ଥାନ ପାଇ ଏକ ବିରଳ ସଫଳତା ହାସଲ କରିପାରିଛି । ଏହି ସମ୍ମାନ ତୃଣମୂଳ ସ୍ତରରେ ଲୋକଙ୍କୁ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିଥିବା ପଦକ୍ଷେପ ଗୁଡ଼ିକକୁ ପ୍ରୋତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ ଅଟେ । ଦେଶର ସରକାରୀ ଏଜେନ୍ସି ଏବଂ ପ୍ରତିଷ୍ଠାନ ଗୁଡ଼ିକରେ ଡିଜିଟାଲ୍ ଶାସନରେ ଉତ୍କର୍ଷତାକୁ ସ୍ୱୀକୃତି ଏବଂ ପ୍ରୋତ୍ସାହିତ କରିବା ପାଇଁ କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ମନ୍ତ୍ରଣାଳୟ ଦ୍ୱାରା ଇ-ଗଭର୍ଣ୍ଣାନ୍ସ ପାଇଁ ବାର୍ଷିକ ଜାତୀୟ ପୁରସ୍କାର ଅନୁଷ୍ଠିତ ହୋଇଥାଏ । କୃତ୍ରିମ ବୁଦ୍ଧିମତ୍ତା ଏବଂ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନବସୃଜନ, ସାଇବର ସୁରକ୍ଷା ଅଭ୍ୟାସ, ଡାଟା ବିଶ୍ଳେଷଣ ମାଧ୍ୟମରେ ଡିଜିଟାଲ୍ ପରିବର୍ତ୍ତନ ଏବଂ ରାଜ୍ୟ କିମ୍ବା ଜିଲ୍ଲା ସ୍ତରରେ ସଫଳ ଜାତୀୟ ପ୍ରକଳ୍ପଗୁଡ଼ିକର ପ୍ରତିକୃତି ସମେତ ଛଅଟି ବର୍ଗରେ ମୋଟ୍ ୧୦ଟି ସ୍ୱର୍ଣ୍ଣ ଏବଂ ୬ଟି ରୌପ୍ୟ ପୁରସ୍କାର ଘୋଷଣା କରାଯାଇଥିଲା । ଇ-ଗଭର୍ଣ୍ଣାନ୍ସରେ ଭାରତର ପ୍ରଗତିକୁ ପାଳନ କରିବା ଏବଂ ପରବର୍ତ୍ତୀ ପଦକ୍ଷେପ ବିଷୟରେ ଆଲୋଚନା କରିବା ପାଇଁ ସାରା ଦେଶରୁ ଡିଜିଟାଲ୍ ଅଗ୍ରଣୀଙ୍କ ଏକ ସମାବେଶ ୨୮ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ସମ୍ମିଳନୀରେ ଆୟୋଜିତ ହେଇଛି ଯାହା ଉଦ୍‌ଯାପିତ ହୋଇଛି । ସୂଚନାଯୋଗ୍ୟ ଶୁଆକାଟୀ ଗ୍ରାମ ପଞ୍ଚାୟତ ଓଡ଼ିଶା ୱାନ୍ ଏବଂ ସେବା ଓଡ଼ିଶା ପ୍ଲାଟ୍‌ଫର୍ମ ମାଧ୍ୟମରେ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ଡିଜିଟାଇଜ କରିଛି, ଯାହା ୨୪ ଘଣ୍ଟିଆ ନାଗରିକଙ୍କୁ ଉପଲବ୍ଧତା ପ୍ରଦାନ କରୁଛି । ମହିଳା ନେତୃତ୍ୱ ଏବଂ ଅନ୍ତର୍ଭୁକ୍ତ ସେବା ପ୍ରଦାନକୁ ସୁନିଶ୍ଚିତ କରି ପ୍ରଯୁକ୍ତିବିଦ୍ୟାର ଉପଯୁକ୍ତ ବ୍ୟବହାର ଦ୍ୱାରା ନାଗରିକ ସେବାରେ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିପାରିଛି । ଜିଲ୍ଲାରେ ଇ-ଗଭର୍ଣ୍ଣାନ୍ସକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରି ଜିଲ୍ଲାପାଳ, କେନ୍ଦୁଝର ଶ୍ରୀ ବିଶାଳ ସିଂହ କହିଛନ୍ତି "ଶୁଆକାଟୀ ଗ୍ରାମପଞ୍ଚାୟତ ଜାତୀୟ ସ୍ତରରେ ପୁରସ୍କୃତ ହେବା କେନ୍ଦୁଝର ଜିଲ୍ଲା ପାଇଁ ଏକ ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦର ମୁହୂର୍ତ୍ତ । ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାରରେ ଶୁଆକାଟୀ ଗ୍ରାମ ପଞ୍ଚାୟତକୁ ସ୍ୱତନ୍ତ୍ର ଜୁରି ପୁରସ୍କାର ମିଳିବା ତୃଣମୂଳ ସ୍ତରରେ ମଧ୍ୟ ପ୍ରଯୁକ୍ତିର ପରିବର୍ତ୍ତନକାରୀ ଶକ୍ତିର ପ୍ରମାଣ । ଏହି ମାନ୍ୟତା ନବସୃଜନ ଏବଂ ଦୃଢ଼ ସମର୍ପଣ ଭାବ ଦ୍ୱାରା ପ୍ରଭାବଶାଳୀ ଶାସନ ପ୍ରକୃତରେ ଗ୍ରାମୀଣ ସମ୍ପ୍ରଦାୟକୁ ଉନ୍ନତ କରିପାରିବ ବୋଲି ଥିବା ଆମର ବିଶ୍ୱାସକୁ ଦୃଢ଼ କରୁଛି । ମୁଁ ଶୁଆକାଟୀ ପଞ୍ଚାୟତର ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ଉନ୍ନତ ଦୃଷ୍ଟିକୋଣ, ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଉଛି । ଏହି ସଫଳତା ନିଶ୍ଚିତ ଭାବରେ ଜିଲ୍ଲା ଏବଂ ବାହାରେ ଥିବା ଅନ୍ୟ ପଞ୍ଚାୟତଗୁଡ଼ିକୁ ଉନ୍ନତ ସେବା ପ୍ରଦାନ ପାଇଁ ଡିଜିଟାଲ୍ ମାଧ୍ୟମକୁ ଗ୍ରହଣ କରିବାକୁ ପ୍ରେରଣା ଦେବ ।" ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇ-ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ଆଉ ଦୁଇ ପାଦ ଆଗକୁ ନେବା ଦିଗରେ, ଜିଲ୍ଲା ପ୍ରଶାସନ ସମସ୍ତ ସରକାରୀ କାର୍ଯ୍ୟ OSWAS (ଓଡ଼ିଶା ରାଜ୍ୟ କାର୍ଯ୍ୟପ୍ରବାହ ସ୍ୱୟଂଚାଳିତ ବ୍ୟବସ୍ଥା) ମାଧ୍ୟମରେ କରାଯାଉଛି । ଓସ୍ୱାସ ମାଧ୍ୟମରେ ସମସ୍ତ ନଥି କାର୍ଯ୍ୟ ସମ୍ପାଦନ ଜୁନ୍ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇସାରିଛି । ଯାହାଫଳରେ ପ୍ରଶାସନିକ କାର୍ଯ୍ୟରେ ଆଶାତୀତ ଗତିଶୀଳତା ବୃଦ୍ଧି ଘଟିଛି ।

## ନିଶାମୁକ୍ତ ଭାରତ ଗଠନ ନିମନ୍ତେ ଆୟୋଜିତ ହେଲା ଗଣ ଦୌଡ "ନମୋ ଯୁବ ରନ୍"

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ସ୍ତରରେ ଗତ ୧୭ ସେପ୍ଟେମ୍ବର ଠାରୁ ଆଗାମୀ ୨ ଅକ୍ଟୋବର ପର୍ଯ୍ୟନ୍ତ ଆୟୋଜିତ ହେଉଥିବା "ସେବା ପକ୍ଷ"ର ଅଂଶରୂପ ବରଗଡ଼ ଜିଲ୍ଲା ପ୍ରଶାସନ ତଥା କ୍ରୀଡା ବିଭାଗ ଆନୁକୂଲ୍ୟରେ "ନମୋ ଯୁବ ରନ୍:ଗଣ ଦୌଡ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍ ଠାରୁ ଗାନ୍ଧୀ ଛକ, ବନ୍ଧୁଟିକ୍ରା ଛକ, ଜର୍ଜ୍ ଉଚ୍ଚ ବିଦ୍ୟାଳୟ ହୋଇ ମିନି ଷ୍ଟାଡିୟମ୍ ପର୍ଯ୍ୟନ୍ତ ଆୟୋଜିତ ଏହି ଗଣ ଦୌଡରେ ମାଦକଦ୍ରବ୍ୟ ବ୍ୟବହାରର ଅପକାରିତା ବିଷୟରେ ସଚେତନା ସୃଷ୍ଟି କରିବା ସହ ନିଶା ମୁକ୍ତ ଭାରତ ଗଠନ ନିମନ୍ତେ ସୁସ୍ଥ ଜୀବନଶୈଳୀ ପ୍ରତି ଲୋକଙ୍କ ଆଗ୍ରହ ସୃଷ୍ଟି କରିବା ପାଇଁ ଜିଲ୍ଲାର ଶତାଧିକ ଯୁବକ-ଯୁବତୀ ଓ ସାଧାରଣ ନାଗରିକ ଲୋକଙ୍କୁ ସଚେତନ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଫ୍ଲାଗ୍-ଅଫ୍ କରି ଶୁଭାରମ୍ଭ କରିଥିବା ବେଳେ ଜିଲ୍ଲା ଏଥେଲେଟିକ୍ସ ଆସୋସୋଏସନ୍ ସଭାପତି କିଶୋର ଚନ୍ଦ୍ର ମିଶ୍ର, ସଦସ୍ୟ ସୁରେଶ ଦାସ, ଅବକାରୀ ବିଭାଗର ସୁପରିଟେଣ୍ଡେଣ୍ଟ ଶୋଭନ କୁ. ନାୟକ, ନେହରୁ ଯୁବ କେନ୍ଦ୍ର ବରଗଡ଼ର ଜିଲ୍ଲା ଯୁବ ଅଧିକାରୀ କମଲ ସା ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ ।




## ଥାନାରେ ଅଭିଯୁକ୍ତର ଆତ୍ମହତ୍ୟା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

କଟକ ଚୌଦ୍ୱାର ଥାନାରେ ଅଭିଯୁକ୍ତର ଆତ୍ମହତ୍ୟା । ମୃତ ଅଭିଯୁକ୍ତ ଜଣକ ହେଲେ ଢେଙ୍କାନାଳ ସଦର ଅଞ୍ଚଳର ରସାନନ୍ଦ ନାୟକ । ତେବେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ତାଙ୍କୁ ଗାଡି ଚୋରି ମାମଲାରେ ଥାନାରେ ଅଟକ ରଖାଯାଇଥିଲା । ତେବେ ସେ ପାଇଖାନା ଯିବା ବାହାନାରେ ତା'ଭିତରେ ଆତ୍ମହତ୍ୟା କରିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ଏସ୍‌ସିବି ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ମୃତକଙ୍କ ସ୍ତ୍ରୀ ଓ ଭାଇ ତାଙ୍କୁ ଥାନାରେ ମାଡ଼ ମରାଯାଇଥିବା ଅଭିଯୋଗ କରିଛନ୍ତି । ଫଳରେ ସେ ପାଇଖାନା ଯିବା ବାହାନାରେ ତା'ଭିତରେ ଆତ୍ମହତ୍ୟା କରିଥିବା ଅଭିଯୋଗ କରିଛନ୍ତି ତାଙ୍କ ଭାଇ । ପୋଲିସ୍‌ର ଥାର୍ଡ ଡିଗ୍ରୀ ଯୋଗୁ ଅଭିଯୁକ୍ତ ଜଣଙ୍କ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି ।

## ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଘେରିବା ଘଟଣାରେ ମାମଲା ରୁଜୁ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଗତ ୧୯ ତାରିଖରେ ଜଳେଶ୍ୱର ବ୍ଲକ୍ ପରିସରରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଘେରାଉ କରିବା ଘଟଣା ଏବେ ନୂଆ ମୋଡ଼ ନେଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାଲିମା ରାଉତ ଏନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଜଳେଶ୍ୱର ପୋଲିସ ୪୨୨ ନମ୍ବରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ଅଭିଯୋଗ ଅନୁଯାୟୀ ୧୯ ତାରିଖ ମଧ୍ୟାହ୍ନ ସାଢେ ୧୨ଟା ସମୟରେ ଅଧିକାରୀ ତାଙ୍କ ଅଫିସରେ କାମ କରୁଥିବା ବେଳେ ବିଜେପି ନେତ୍ରୀ ସୁମତୀ ଦେ, କାଳିଚରଣ ଦାସ, ରବୀନ୍ଦ୍ର ପ୍ରଧାନ, ଚନ୍ଦ୍ରକାନ୍ତ ଗିରି, ଲକ୍ଷ୍ମଣନାଥ ସରପଞ୍ଚ ରଞ୍ଜନ ମହାନ୍ତି, ସମ୍ପତ୍ତାଆ ସରପଞ୍ଚ ସୁଶାନ୍ତ ପ୍ରଧାନ, ସଞ୍ଜୀବ ସେନାପତି, ସଞ୍ଜୀବ ଜେନାଙ୍କ ସମେତ ଅନ୍ୟମାନେ ସେଠାକୁ ଆସିଥିଲେ । ଶ୍ରୀମତି ଦେ ବାର୍ଦ୍ଧକ୍ୟ ଭତ୍ତା ସମ୍ପର୍କରେ ଆଲୋଚନା କରୁଥିବାବେଳେ ରବୀନ୍ଦ୍ର ପ୍ରଧାନ ଓ ଚନ୍ଦ୍ରକାନ୍ତ ଗିରି ପାଟିତୁଣ୍ଡ କରିବା ସହ ଗାଳିଗୁଲଜ କରିଥିଲେ । ଅନୁରୂପ ଭାବେ କାଳିଚରଣ ଦାସ ଓ ରତ୍ନାକର ଗିରି ମଧ ଗାଳିଗୁଲଜ କରି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସହିତ ତାଙ୍କୁ ଜଳେଶ୍ୱରରୁ ବଦଳି କରିଦେବାକୁ ଧମକ ଦେଇଥିଲେ । ଏହି ଘଟଣା ପରେ ଅଧିକାରୀଙ୍କ ମର୍ଯ୍ୟାଦା ହାନି ହେବା ସହ ଜୀବନ ପ୍ରତି ବିପଦ ରହିଛି ବୋଲି ଶ୍ରୀମତୀ ରାଉତ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କରେ ମାମଲାର ଅଭିଯୁକ୍ତ କାଳିଚରଣ ଦାସଙ୍କ ସହ ଯୋଗାଯୋଗ କଲାରୁ ସେ କହିଲେ ଭତ୍ତା ପାଇବାରୁ ବହୁ ଯୋଗ୍ୟ ବ୍ୟକ୍ତି ବଞ୍ଚିତ ହେଉଥିବାରୁ ଅଧିକାରୀଙ୍କ ସହ ଆଲୋଚନା ପାଇଁ ନେତୃସ୍ଥାନୀୟ ବ୍ୟକ୍ତି ଓ ଆଶାୟୀ ହିତାଧିକାରୀ ତାଙ୍କ ଅଫିସ୍‌କୁ ଯାଇଥିଲୁ । ଆଲୋଚନା ସମୟରେ ଅଧିକାରୀ ଆମମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଯାହାକୁ ନେଇ ଯୁକ୍ତିତର୍କ ହୋଇଥିଲା । ଉକ୍ତ ଅଭିଯୋଗ ତଦନ୍ତ ହେବାପରେ ତହା ସତ୍ୟତା ଜଣାପଡିବ ବୋଲି କହିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର






**ମେଷ:** ଦୂରଯାତ୍ରାରେ ଆନନ୍ଦ ଲାଭ । ବନ୍ଧୁ ମିଳନରେ ଆପାୟିତ ହେବେ । କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବଢିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସହଯୋଗ ଲାଭ କରିବେ । ଶାରିରୀକ ସୁସ୍ଥତା ଅନୁଭବ କରିବେ ।



**ବୃଷ:** କର୍ମକ୍ଷେତ୍ରରେ ସହଯୋଗ ପାଇ ବେଶ ଆଗେଇ ଚାଲିବେ । ଦୁଃସାହାସିକ ପଦକ୍ଷେପ ନେଇ ପ୍ରଶଂସା ଲାଭ କରିବେ । ଆୟ ଓ ବ୍ୟୟ ସାଧାରଣତଃ ସମାନ ରହିବ । ଘରେ ଶାନ୍ତି ଲାଭ ହେବାର ସୂଚନା ।



**ମିଥୁନ:** ଆତଙ୍କିତ ଅବସ୍ଥାରେ ଆଜି ଦିନଟି ବିତିବ । କର୍ମକ୍ଷେତ୍ରରେ ଜୟଯୁକ୍ତ ହୋଇ କାର୍ଯ୍ୟକ୍ରମ ହାତକୁ ନେବେ । ଆୟର ପରିମାଣ ସାମାନ୍ୟ ବଢିବ । ଠକାମିର ଶିକାର ହେବେ ।



**କର୍କଟ:** ହିତ ବିପରୀତ ପରି କାର୍ଯ୍ୟ କରିଚାଲିବେ । ଆପଣ ଭଲ କଥାଟେ କହିଲେ ମଧ୍ୟ କେହି ଗ୍ରହଣ କରିବେ ନାହିଁ । ଅଯଥା ବାଦବିବାଦ ସୃଷ୍ଟି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ କଳହ ଦେଖାଦେଇ ପାରେ ।



**ସିଂହ:** କର୍ମକ୍ଷେତ୍ରରେ ସହକାରୀ ତଥା ସହକର୍ମୀଙ୍କ ସହଯୋଗ ଲାଭ କରି ଆନନ୍ଦିତ ହେବେ । ଉଚ୍ଚ ଆଶା କ୍ରମେ ଫଳବତୀ ହେବ । ଆୟର ସାମାନ୍ୟ ଅଗ୍ରଗତି । ପାରିବାରିକ କଳହ ସୃଷ୍ଟି ହେବ । ମନ ଅସ୍ଥିର ରହିବ ।



**କନ୍ୟା:** ମନରେ ଶାନ୍ତି ଆସିବ । ଯେକୌଣସି କାମ କରିବା ପାଇଁ ମନରେ ଉତ୍ସାହ ଜାତ ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ପ୍ରାପ୍ତ ହେବ ।



**ତୁଳା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ପୁରାତନ କାର୍ଯ୍ୟରେ ପରି ସମାପ୍ତି ହେବ । ନୂତନ କର୍ମ ପ୍ରାପ୍ତିର ସୂଚନା । ରୋଜଗାରରେ ଅଗ୍ରଗତି ହେବ । ପାରିବାରିକ ଯୋଗ ଲାଭ ହେବ । ବନ୍ଧୁ ଦର୍ଶନ ।



**ବିଛା:** ଯେତେ ଚେଷ୍ଟା କଲେ ମଧ୍ୟ ଅପବ୍ୟୟରୁ ବର୍ତିପାରିବେ ନାହିଁ । ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପରିଶ୍ରମ ବୃଦ୍ଧିର ସୂଚନା । ରୋଜଗାରରେ ସ୍ଥିରତା । ପାରିବାରିକ ଶାନ୍ତି ପ୍ରପ୍ତି ହେବ ।



**ଧନୁ:** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ଲାଭକରିବା ସହିତ ଅଗ୍ରଗତି କରି ଚାଲିବେ । ଆୟର ପରିମାଣ କ୍ରମଶଃ ବଢି ଚାଲିବ । ବନ୍ଧୁ ସହଯୋଗ ମିଳିବ । ପରିବାରରେ ଶ୍ରମ ବୃଦ୍ଧି ପାଇବ । ମନ ଭଲ ରହିବ ।



**ମକର:** କର୍ମ ସଂସ୍ଥାନରେ ଉପରିସ୍ଥ କର୍ମଚାରୀଙ୍କ ଦ୍ୱାରା ପ୍ରଶଂସା ଲାଭ ହେବ । ନିଜର କର୍ତବ୍ୟନିଷ୍ଠା ପ୍ରତିପାଦିତ କରିପାରିବେ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ । ଘରେ ଜଞ୍ଜାଳ ବୃଦ୍ଧି ହେବାର ସୂଚନା ।



**କୁମ୍ଭ:** କର୍ମକ୍ଲାନ୍ତି ଅନୁଭବ କରିବେ । ଅସହଯୋଗର ମାତ୍ରା ବଢିବ । ମତାନ୍ତର ସୃଷ୍ଟି । ଏଣୁ ବିଶ୍ରାମ ଶ୍ରେୟଜ୍ଞାନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ପ୍ରାପ୍ତି ହେବାର ସୂଚନା । ସମୟ ଭଲ ରହିବ ।



**ମୀନ:** କର୍ମବ୍ୟସ୍ତତା ମଧ୍ୟରେ ସାରା ଦିନ ରହିବେ । ଦୂରଯାତ୍ରା କରିପାରନ୍ତି । ସମୟାନୁବର୍ତିତା ହେତୁ ଉପବାସରେ ଦିନ କାଟିବେ । ଆୟରେ ବାଧାର ସମ୍ଭାବନା । ପରିବାରରେ ସୁଖ ଶାନ୍ତି ହେବ । ମହିଳାମାନେ ସୁଖୀ ହେବେ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୨୪।୯।୨୦୨୫, ଆଶ୍ୱିନ ଦି୮ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୫।୫୬ ଚନ୍ଦ୍ରୋଦୟ-ଦିଘ ୭।୨୭।୦୩**

**ତୃତୀୟା-** ଅହୋରାତ୍ର । **ଚିତ୍ରା ନକ୍ଷତ୍ର-** ଦିଘ ୪।୧୭ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୯ ଗତେ ଘ ୮।୦୩ ମଧ୍ୟେ । ଦିଘ ୧।୩୮ ଗତେ ଘ ୪।୦୧ ମଧ୍ୟେ । **ପର୍ବୋତ୍ସବ-** ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଜୟନ୍ତୀ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୨୫।୯।୨୦୨୫, ଆଶ୍ୱିନ ଦି୯ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୩୫।୦୯ସେକେଣ୍ଡ ଚନ୍ଦ୍ରୋଦୟ- ନାସ୍ତି**

**ତୃତୀୟା ମଳ-**ପ୍ରାଘ ୭।୦୬ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର-** ସଂଘ ୭।୦୯ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର, । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ପ୍ରାଘ ୭।୧୭ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୯ ଗତେ ଘ ୭।୧୫ ମଧ୍ୟେ । ସଂଘ ୭।୨୫ ଗତେ ରାଘ ୯।୩୭ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ରାଜସ୍ୱ ବଳକା କ୍ଷେତ୍ରରେ ଦେଶର ତୃତୀୟ ସ୍ଥାନରେ ଓଡ଼ିଶା

ଆର୍ଥିକ ପରିଚାଳନା କ୍ଷେତ୍ରରେ ସାରା ଦେଶ ପାଇଁ ଏକ ସଫଳ ମଡେଲ୍ ପାଲଟିଥିବା ଓଡ଼ିଶାକୁ ସିଏଜି ପ୍ରଶଂସା କରିଛନ୍ତି। ପ୍ରଥମ ଥର ପାଇଁ ସିଏଜି ରାଜ୍ୟ ଫାଇନାନ୍ସ ଉପରେ ଏକ ରିପୋର୍ଟ ଜାରି କରିଛନ୍ତି, ଯେଉଁଥିରେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜସ୍ୱ ବଳକା କ୍ଷେତ୍ରରେ ଓଡ଼ିଶା ଦେଶର ତୃତୀୟ ସ୍ଥାନରେ ଥିବା ଦର୍ଶାଯାଇଛି। ତାଲିକାର ପ୍ରଥମ ସ୍ଥାନରେ ୩୭,୨୬୩ କୋଟି ଟଙ୍କା ରାଜସ୍ୱ ବଳକା ସହ ଉତ୍ତରପ୍ରଦେଶ ଶୀର୍ଷ ସ୍ଥାନରେ ରହିଛି। ଏହା ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଗୁଜରାଟ ଓ ଓଡ଼ିଶା ନାମ ରହିଛି। ଓଡ଼ିଶାର ରାଜସ୍ୱ ବଳକା ୧୯,୪୫୬ କୋଟି ଟଙ୍କା ଥିବା ରିପୋର୍ଟରେ ଦର୍ଶାଯାଇଛି।

ସିଏଜିଙ୍କ ରିପୋର୍ଟ କହୁଛି ଯେ ୨୦୨୨-୨୩ରେ ୧୬ଟି ରାଜ୍ୟ ରାଜସ୍ୱ ବଳକା ଏବଂ ୧୨ଟି ରାଜ୍ୟ ରାଜସ୍ୱ ନିଅଣ୍ଟିଆ ଥିଲେ। ରାଜସ୍ୱ ବଳକା ଥିବା ରାଜ୍ୟଗୁଡ଼ିକ କ୍ରମାନ୍ୱୟରେ ହେଉଛି ଉତ୍ତରପ୍ରଦେଶ, ଗୁଜରାଟ (୧୯,୮୬୫ କୋଟି ଟଙ୍କା), ଓଡ଼ିଶା, ଝାଡ଼ଖଣ୍ଡ (୧୩,୫୬୪ କୋଟି ଟଙ୍କା), କର୍ଣ୍ଣାଟକ (୧୩,୪୯୬ କୋଟି ଟଙ୍କା), ଛତିଶଗଡ଼ (୮୫୯୨ କୋଟି ଟଙ୍କା), ତେଲେଙ୍ଗାନା (୫୯୪୪ କୋଟି ଟଙ୍କା), ଉତ୍ତରାଖଣ୍ଡ (୫୩୧୦ କୋଟି ଟଙ୍କା), ମଧ୍ୟପ୍ରଦେଶ (୪୦୯୧ କୋଟି ଟଙ୍କା) ଏବଂ ଗୋଆ (୨୩୯୯ କୋଟି ଟଙ୍କା)। ଅନ୍ୟ ୨୨ଟି ରାଜ୍ୟର ମିଳିତ ରାଜସ୍ୱ ନିଅଣ୍ଟ ପରିମାଣ ୨,୨୨,୬୪୮ କୋଟି ଟଙ୍କା ଥିଲା। ରାଜସ୍ୱ ନିଅଣ୍ଟ ଭରଣା କରିବା ଲାଗି ୨୦୨୨-୨୩ରେ ୮୬,୨୦୧ କୋଟି ଟଙ୍କାର ଅର୍ଥ ଆୟୋଗ ଅନୁଦାନ ଦିଆଯାଇଥିଲା ଯାହା ମୋଟ୍ ରାଜସ୍ୱ ନିଅଣ୍ଟର ୩୯ ପ୍ରତିଶତ ଥିଲା। ରାଜସ୍ୱ ନିଅଣ୍ଟ ଥିବା ରାଜ୍ୟଗୁଡ଼ିକ ହେଉଛି ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ହରିୟାଣା, ହିମାଚଳପ୍ରଦେଶ, କେରଳ, ମହାରାଷ୍ଟ୍ର, ମେଘାଳୟ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ ଓ ପଶ୍ଚିମବଙ୍ଗ। ଏହି ରାଜ୍ୟଗୁଡ଼ିକର ସିଂହଭାଗ ରାଜସ୍ୱ ପ୍ରାପ୍ତିକୁ ରାଜସ୍ୱ ବ୍ୟୟ ଯଥା ବେତନ, ପେନ୍‌ସନ୍, ସୁଧ ଆଦି ଦେବାରେ ବ୍ୟବହାର କରୁଛନ୍ତି। ଏହା ସେମାନଙ୍କ ଦୁର୍ବଳ ଆର୍ଥିକ ସ୍ଥିତିକୁ ଦର୍ଶାଉଛି। ପୁଞ୍ଜି ବ୍ୟୟ ପାଇଁ ସେମାନଙ୍କ ପାଖରେ ପାଣ୍ଠି ରହୁନାହିଁ। ଫଳରେ ଭିତ୍ତିଭୂମି ବିକାଶ ଓ ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟି କରିବାରେ ଏହି ରାଜ୍ୟଗୁଡ଼ିକ ସଫଳ ହେଉନାହାନ୍ତି। ବିହାର, କେରଳ, ମେଘାଳୟ ଓ ମହାରାଷ୍ଟ୍ର ସରକାର ୯୦-୧୦୦ ପ୍ରତିଶତ ରାଜସ୍ୱକୁ ରାଜସ୍ୱ ବ୍ୟୟ ଆକାରରେ ବ୍ୟବହାର କରୁଛନ୍ତି। ଆନ୍ଧ୍ରପ୍ରଦେଶ ଓ ପଞ୍ଜାବରେ ଏହି ହାର ୭୫-୮୦ ପ୍ରତିଶତ ରହିଛି। ଆଲୋଚ୍ୟ ଆର୍ଥିକ ବର୍ଷରେ ପଶ୍ଚିମବଙ୍ଗ, କେରଳ, ଆନ୍ଧ୍ରପ୍ରଦେଶ, ହିମାଚଳପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଆସାମ, ରାଜସ୍ଥାନ, ନାଗାଲ୍ୟାଣ୍ଡ ଓ ତ୍ରିପୁରାକୁ ଅଧିକ ରାଜସ୍ୱ ନିଅଣ୍ଟ ଅନୁଦାନ ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି।

# ଶାସ୍ତ୍ରରେ ପିତୃଋଣ ପରିଶୋଧ (୧)



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପ୍ରତିବର୍ଷ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାର ସହିତ ଯାହା ଦିଆଯାଏ ତାକୁ ହିଁ କହିଥାନ୍ତି ଶ୍ରାଦ୍ଧ ଓ ଏହା କାହିଁକି କରାଯାଏ ତାହାର ତତ୍ତ୍ୱ ମଧ୍ୟ ଅତ୍ୟନ୍ତ ରହସ୍ୟପୂର୍ଣ୍ଣ। ପୁଣି ଏହା ବିଜ୍ଞାନଭିତ୍ତିକ ବୋଲି ମଧ୍ୟ ଯୁକ୍ତି ରହିଛି। ସମ୍ପୂର୍ଣ୍ଣ ବର୍ଷ ମଧ୍ୟରେ ଆଶ୍ୱିନ କୃଷ୍ଣ ପକ୍ଷକୁ ପିତୃପକ୍ଷ କୁହାଯାଏ। ଏହି ପକ୍ଷରେ ସୂର୍ଯ୍ୟାସ୍ତ ପୂର୍ବରୁ ଦିନରେ ଥରେ ମାତ୍ର ଶ୍ରାଦ୍ଧ ବା ତର୍ପଣ କରାଯିବା ସହିତ ନିରାମିଷ ଭୋଜନ, କ୍ଷୌର କାର୍ଯ୍ୟ ଓ ସ୍ତ୍ରୀ ସଙ୍ଗମ ନିଷିଦ୍ଧ ଥାଏ। ସୂର୍ଯ୍ୟଙ୍କ ଉଦୟବେଳେ ପୁଷ୍କରିଣୀ, ନଦୀ, ସମୁଦ୍ର ବା ଉଭୟର ସଙ୍ଗମ ସ୍ଥଳରେ ବଂଶର ପରଲୋକ ଗତ ଆତ୍ମାମାନଙ୍କର ସଦ୍‌ଗତି ତଥା ତୃପ୍ତି ନିମନ୍ତେ ତର୍ପଣ କ୍ରିୟା କରାଯାଏ। ଶ୍ରାଦ୍ଧ ବା ତର୍ପଣ ପରେ ସଦାଚାରୀ, ତପସ୍ୱୀ, ବିଦ୍ୱାନ ଓ ବ୍ରାହ୍ମଣମାନଙ୍କୁ ଭୋଜନ ଓ ଦାନ ଦିଆଯିବା ବିଧେୟ। ବର୍ଷ ମଧ୍ୟରେ ଏହି ପକ୍ଷରେ ଶ୍ରାଦ୍ଧ ଦେବାର ଅର୍ଥ ହେଲା ଯେ ଚନ୍ଦ୍ର ବର୍ଷର ଅନ୍ୟ ମାସ ଅପେକ୍ଷା ପୃଥିବୀର ଅତି ନିକଟବର୍ତ୍ତୀ ହୋଇଥାନ୍ତି। ଏହାଙ୍କ ଆକର୍ଷଣ ଶକ୍ତିର ପ୍ରଭାବ ପୃଥିବୀ ଓ ଏହା ଉପରେ ଥିବା ଜଡ଼ ତଥା ଜୀବଜଗତ ଉପରେ ଯଥେଷ୍ଟ ପଡ଼ିଥାଏ। ହିନ୍ଦୁମାନଙ୍କର ବିଶ୍ୱାସ ରହିଛି ଯେ ଚନ୍ଦ୍ରଲୋକର ଅପର ପାର୍ଶ୍ୱରେ କୌଣସି ଏକ ଗ୍ରହ ପ୍ରେତଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯାହାକି ଚନ୍ଦ୍ରଙ୍କ ଆକର୍ଷଣ ଶକ୍ତିର ପରିସର ଭୁକ୍ତ। ତେଣୁ ଚନ୍ଦ୍ର ପୃଥିବୀର ନିକଟତର ହେବାରୁ ତାହାଙ୍କ ଆକର୍ଷଣ ଫଳରେ ପିତୃଲୋକଙ୍କ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟ ଓ ତତ୍‌ସମ୍ପର୍କୀୟ ମନ୍ତ୍ରର ଧ୍ୱନି ସେହି ପ୍ରେତଲୋକର ନିକଟତର ହୋଇଥାଏ। ଯାହାଫଳରେ ସେମାନଙ୍କର ଚେତନା ସୃଷ୍ଟି ହୁଏ। ପ୍ରେତମାନଙ୍କର ସ୍ଥୂଳ ଶରୀର ନାହିଁ। ସୂକ୍ଷ୍ମ ଶରୀରରେ ସେମାନେ ସର୍ବଦା ରହିଥାନ୍ତି। ଯେଉଁ ତର୍ପଣ ବା ଶ୍ରାଦ୍ଧାଦି ପଦାର୍ଥ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାହୁଏ ତାହା ସେମାନେ ଗ୍ରହଣ କରିପାରନ୍ତି ନାହିଁ। ମାତ୍ର ତାହାର ସୂକ୍ଷ୍ମ ଅଂଶ ଓ ଶ୍ରଦ୍ଧାକୁ ସେମାନେ କେବଳ ଗ୍ରହଣ କରିଥାନ୍ତି। ପ୍ରେତଜଗତରେ ଯଦି ରହିଥାନ୍ତି ବର୍ଷକରେ ଥରେ ଏହି ପକ୍ଷରେ ମନେ ପକାଇଲେ ସେମାନେ ଶ୍ରାଦ୍ଧ ଦେଉଥିବା ଲୋକକୁ ଆସି ଆଶୀର୍ବାଦ କରିଥାନ୍ତି। ସ୍ତୋତ୍ର ବା ମନ୍ତ୍ର ଗାନର ଝଙ୍କାରରେ ପ୍ରେତ ଆକୃଷ୍ଟ ହୋଇ ଡାକୁଥିବା ଲୋକ ସମ୍ମୁଖରେ ଆସି ଉପସ୍ଥିତ ହୋଇଥାନ୍ତି। ମାତ୍ର ସାଧାରଣ ଲୋକଙ୍କର ଦୃଷ୍ଟି ଗୋଚରରେ ସେମାନେ ନଥାନ୍ତି। ତେବେ କେତେ ଦିନ ଆତ୍ମା ପ୍ରେତପୁରରେ ରହିପାରେ ତାହା କହିବା ସମ୍ଭବ ନୁହେଁ। ଯୋଗୀମାନଙ୍କ ବ୍ୟତୀତ ଅନ୍ୟମାନେ ଏହା ଜାଣିପାରନ୍ତି ନାହିଁ। ଶ୍ରାଦ୍ଧବେଳେ କୁଶଗୁଡ଼ିକ ବିଛାଯାଇ ତାହା ଉପରେ ହିଁ ପିଣ୍ଡ ଦାନ କରାଯାଏ। ଏହି ପିଣ୍ଡ ଉପରେ ରାଶି, ଦୁଗ୍ଧ, ମହୁ ଓ ତୁଳସୀ ପତ୍ର ଦିଆଯାଏ। ଶ୍ରାଦ୍ଧରେ ପୌରୋହିତ୍ୟ କରୁଥିବା ଆଚାର୍ଯ୍ୟ ପଦ୍ମାସନରେ ବସି ମନ୍ତ୍ର ଉଚ୍ଚାରଣ କରି ପ୍ରଥମେ ପରମେଶ୍ୱର ଓ ପିତୃପୁରୁଷଙ୍କୁ ଧ୍ୟାନ କରିଥାନ୍ତି। ତାଙ୍କୁ ଏଥିପାଇଁ ପ୍ରଥମେ ଯଜମାନଙ୍କଦ୍ୱାରା ଶ୍ରୀଫଳ ଦେଇ ବରଣ କରାଯାଇଥାଏ। ତମ୍ବା ନିର୍ମିତ ପାତ୍ରିରେ ପାଣି, ଅରୁଆ ଚାଉଳ, ମହୁ, ତିଳ, ପୁଷ୍ପ, ଚନ୍ଦନ ଦେଇ ପିଣ୍ଡ ଉପରେ ଧାର ଦିଆଯାଏ। ଯୁକ୍ତି ରହିଛି ଚାଉଳରେ ଥଣ୍ଡା ବିଦ୍ୟୁତ ଏବଂ ତିଳ ଓ ଦୁଗ୍ଧରେ ଗରମ ବିଦ୍ୟୁତ୍‌ର ସ୍ରୋତ ରହିଥାଏ। ତୁଳସୀ ପତ୍ରରେ ଉଭୟ ଥଣ୍ଡା ଓ ଗରମ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୋଇଥାଏ। ତମ୍ବାପାତ୍ରିରେ ରହିଥିବା ଉପର୍ଯ୍ୟୁକ୍ତ ପଦାର୍ଥଗୁଡ଼ିକ ଉପରେ ସୂର୍ଯ୍ୟ କିରଣ ପଡ଼ିଲେ ସେଥିରେ ଏକପ୍ରକାରର ଚୁମ୍ବକୀୟ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୁଏ। ଏହି ବିଦ୍ୟୁତ୍ ଶକ୍ତି ମାଧ୍ୟାକର୍ଷଣ ବଳରେ ତଳକୁ ଚାଲି ନଯିବା ନିମନ୍ତେ କୁପରିବାହୀ କୁଶାସନ ବା କାଷ୍ଠ ନିର୍ମିତ ପିଢ଼ା ଉପରେ ଆଚାର୍ଯ୍ୟ ଓ ଶ୍ରାଦ୍ଧ ଦେବା ବ୍ୟକ୍ତି ବସିଥିବାରୁ ତାହା ମାଟି ତଳକୁ ନଯାଇ ଊର୍ଦ୍ଧ୍ୱଗାମୀ ହୋଇଥାଏ। ଏହି ସମୟରେ ବୋଲୁଥିବା ମନ୍ତ୍ରର ଝଙ୍କାର ତଡ଼ିତ୍ ବେଗରେ ଚୁମ୍ବକୀୟ ବିଦ୍ୟୁତ୍ ଶକ୍ତିଦ୍ୱାରା ଅଦୃଶ୍ୟରେ ବିଚରଣ କରୁଥିବା ପ୍ରେତଶକ୍ତିଙ୍କୁ ଆକୃଷ୍ଟ କରି ଶ୍ରାଦ୍ଧପୀଠକୁ ନେଇଆସେ। ଶ୍ରାଦ୍ଧକର୍ତ୍ତାର ଏପରି ଭାବନା ଦେଖି ସେମାନେ ତାକୁ ଆଶୀର୍ବାଦ କରିଥାନ୍ତି ଓ ଏଥିନିମନ୍ତେ ବଢ଼ା ଯାଇଥିବା ପଦାର୍ଥର ସୂକ୍ଷ୍ମ ଅଂଶକୁ କେବଳ ଗ୍ରହଣ କରିନିଅନ୍ତି। ଯଦି କେହି ନିଜର ଅସୁସ୍ଥତାରୁ ଶ୍ରାଦ୍ଧ ଦେଇ ନପାରିଥାଏ ତେବେ ଅନ୍ୟମାନଙ୍କୁ ଭୋଜନ ଦାନ ଦେଇ ବା କେବଳ ଆଚାର୍ଯ୍ୟମାନଙ୍କଦ୍ୱାରା ଶ୍ରାଦ୍ଧକର୍ମାଦି କରିପାରନ୍ତି। ଏପରିକି ଚଳତ୍ ଶକ୍ତିହୀନ ବ୍ୟକ୍ତିଟି ନିଜ ଅକ୍ଷମତାରୁ କେବଳ ଯଦି ଅଶ୍ରୁ ଗଡ଼ାଇ ଦିଏ ତେବେ ତାହା ମଧ୍ୟ ପିଣ୍ଡଦାନ ଭାବରେ ଗୃହୀତ ହୋଇଯାଏ। ତେବେ ଶ୍ରାଦ୍ଧ ଦେବାର ଉଦ୍ଦିଷ୍ଟ ଦିନରେ ବିଦେହୀ ପିତୃପୁରୁଷମାନେ ପ୍ରକୃତରେ ଆସୁଛନ୍ତି କି ନାହିଁ ତାହା ଦେଖିବା ସମ୍ଭବ ନୁହେଁ। ପ୍ରଥମେ ଏପରି କର୍ମକୁ କେବଳ ଶ୍ରଦ୍ଧା ଭାବେ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଶ୍ରାଦ୍ଧ ତର୍ପଣ ଇତ୍ୟାଦି କେବଳ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ମଧ୍ୟରେ କରିବାକୁ ପଡ଼ିଥାଏ। ମାତ୍ର ରାତ୍ରୀରେ ଶ୍ରାଦ୍ଧ କର୍ମାଦି କରାଯାଏନାହିଁ। ତା'ର କାରଣ ହେଲା ସୌରଶକ୍ତିର ଆହରଣରୁ ହିଁ ଏପରି ଚୁମ୍ବକୀୟ ଶକ୍ତିର ଉତ୍ପନ୍ନ ହୁଏ। ପରିବାରର ପ୍ରଥମ ପୁତ୍ର ହିଁ ଶ୍ରାଦ୍ଧ ଦେବାର ଯୋଗ୍ୟ ବ୍ୟକ୍ତି ବୋଲି ଯେଉଁ ଯୁକ୍ତି ରହିଛି ତାହାର କୌଣସି କାରଣ ନାହିଁ। ଅବଶ୍ୟ ପ୍ରଥମ ସନ୍ତାନ ଭାବେ ସେ ପିତାମାତାଙ୍କର ଶ୍ରଦ୍ଧାଭାଜନ ହୋଇଥାଏ। ଶ୍ରାଦ୍ଧରେ ପୌରୋହିତ୍ୟ କରୁଥିବା ଆଚାର୍ଯ୍ୟ ଆଚାରରେ ବ୍ରାହ୍ମଣ ହୋଇଥିବାର ଆବଶ୍ୟକତା ରହିଛି। ତାଙ୍କର ଶାରୀରିକ ତ୍ରୁଟି ଅର୍ଥାତ୍ ଖଞ୍ଜ, ଦନ୍ତହୀନ, କାଣ, ସ୍ୱର ରୁକ୍ଷ ବା କର୍କଶ, ମଳିନ, ରୋଗଗ୍ରସ୍ତ ଓ ଦେହରୁ ରକ୍ତ ବା ପୂଜର ଧାର ବହୁଥିବା ବ୍ରାହ୍ମଣ ଶ୍ରାଦ୍ଧ ପାଇଁ ସର୍ବଦା ଅନୁପଯୁକ୍ତ। କେବଳ କୁଳରେ ଜନ୍ମ ହେଲେ ଯେ ଜଣେ ବ୍ରାହ୍ମଣ ହୋଇପାରିବ ତାହା ନୁହେଁ। ଜୀବ ଓ ଜଡ଼ଜଗତ ପ୍ରତ୍ୟେକଟିରେ ଯିଏ ବ୍ରହ୍ମସତ୍ତା ଉପଲବ୍ଧ କରିଥାନ୍ତି ତାଙ୍କୁ ହିଁ ବ୍ରାହ୍ମଣ କୁହାଯାଏ। ବ୍ରାହ୍ମଣ ସମ୍ପର୍କୀୟ ସ୍ୱତନ୍ତ୍ର ଅଧ୍ୟାୟରେ ଏହିସବୁର ଆଲୋଚନା କରାଯାଇଛି।

ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି-

ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ।
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ। (ଗୀତା-୧/୪୨)

କୁଳନାଶକାରୀ ଅର୍ଥାତ୍ ଯିଏ କୁଳକୁ ବିନାଶ କରନ୍ତି ସେମାନେ ବର୍ଣ୍ଣସଙ୍କର ଭାବେ ଗଣା ହୁଅନ୍ତି। ପିଣ୍ଡ ଓ ଜଳଦାନ କ୍ରିୟା ଲୁପ୍ତ ହେବାରୁ ପିତୃଲୋକେ ଶ୍ରାଦ୍ଧ ଓ ତର୍ପଣରୁ ବଞ୍ଚିତ ହୋଇ ଅଧୋଗତି ପ୍ରାପ୍ତ ହୋଇଥାନ୍ତି।

ଏହାର ଅର୍ଥ ଯେ ଯୁଦ୍ଧରେ କୁଳକୁ ସଂହାର କରିଥାଏ ତାକୁ ହିଁ କୁଳନାଶକାରୀ କୁହାଯାଇଛି। କୁଳସ୍ୟ ପଦ ସହିତ ଚ ଅବ୍ୟୟ ଥିବାରୁ ସୂଚିତ ହୁଏ ଯେ ବର୍ଣ୍ଣ ସଙ୍କର ସନ୍ତାନ କେବଳ ସେହି କୁଳନାଶକାରୀମାନଙ୍କୁ ନରକରେ ପହଞ୍ଚାଇବାର କାରଣ ହୁଏ ନାହିଁ ବରଂ ସମସ୍ତ କୁଳକୁ ନରକକୁ ନେଇଯାଏ। ଭୋଜନ ଦାନକୁ ପିଣ୍ଡ ଓ ତର୍ପଣରେ ଦୁଇ ହାତର ଆଞ୍ଜୁଳି ଭର୍ତ୍ତିକରି ଯେଉଁ ଜଳ ଦିଆଯାଏ ତାହା ଉଦକ କ୍ରିୟା ଭାବରେ ବିବେଚିତ। ଏହି ଦୁଇ କ୍ରିୟା ମିଶିଲେ ପିଣ୍ଡୋଦକ କ୍ରିୟା ହୋଇଥାଏ। ଏହାର ଅନ୍ୟ ନାମ ଶ୍ରାଦ୍ଧ ତର୍ପଣ। ଶାସ୍ତ୍ର ଓ କୂଳ ମର୍ଯ୍ୟଦା ଜାଣିବା ଲୋକେ ଶ୍ରାଦ୍ଧ ତର୍ପଣ କରିଥାନ୍ତି। ଯେଉଁମାନେ ଏହା ନ କରିଥାନ୍ତି ବା ଆଗ୍ରହ ଦେଖାନ୍ତି ନାହିଁ ବା ଯେଉଁମାନେ ଏହା କରନ୍ତି ତାଙ୍କ ପ୍ରତି ବିମୁଖ ହୋଇଥାନ୍ତି ସେମାନଙ୍କ ପିତୃପୁରୁଷମାନଙ୍କୁ ପିଣ୍ଡୋଦକ ମିଳେ ନାହିଁ, ଫଳରେ ସେମାନଙ୍କର ପତନ ହୁଏ। ପୁଣି କୁହାଯାଇଛି-

ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କର କାରକୈଃ
ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ। (ଗୀତା ୧/୪୩)

ଏହି ବର୍ଣ୍ଣସଙ୍କରକାରକ ଦୋଷଦ୍ୱାରା କୁଳଘାତକମାନଙ୍କ କୁଳଧର୍ମ ଓ ଜାତି ଧର୍ମ ନଷ୍ଟ ହୋଇଯାଏ। ଏହି ଦୋଷ ଚାରିପ୍ରକାର। (୧) କୁଳନାଶ (୨) କୁଳନାଶ ଯୋଗୁ କୁଳଧର୍ମ ନାଶ (୩) ପାପ ବୃଦ୍ଧି (୪) କୁଳ ପାପ ବୃଦ୍ଧିଦ୍ୱାରା ସ୍ତ୍ରୀମାନଙ୍କର ବ୍ୟଭିଚାରିତା ଦୋଷରେ ଦୂଷିତା ହେବା। ଏହି ଚାରି ଦୋଷକୁ ନେଇ ବର୍ଣ୍ଣ ସଙ୍କର ଉତ୍ପତ୍ତି ହୁଅନ୍ତି। ବଂଶ ପରମ୍ପରାଗତ ସଦାଚାର ସର୍ବଦା ପୂର୍ଣ୍ଣ ସନାତନ। ଶାସ୍ତ୍ରୋକ୍ତ ବର୍ଣ୍ଣଧର୍ମର ନାମ ଜାତି ଧର୍ମ। କୁଳର ଶ୍ରେଷ୍ଠ ମର୍ଯ୍ୟାଦାଗୁଡ଼ିକୁ ଜାଣିଥିବା ଓ ଆଚରଣ କରୁଥିବା ବୟୋଜ୍ୟେଷ୍ଠମାନେ ନାଶ ହୋଇଗଲେ କୁଳଧର୍ମ ନଷ୍ଟ ହୋଇଯାଏ ଓ ବର୍ଣ୍ଣ ସଙ୍କର କାରକ ଦୋଷ ବଢ଼ିଥାଏ। ସେତେବେଳେ ଜାତି ଧର୍ମ ନଷ୍ଟ ହୋଇଯାଏ ଯାହା କି ବର୍ଣ୍ଣ ଧର୍ମ ରଖିପାରେ ନାହିଁ। କାରଣ ଅନ୍ୟ ବର୍ଣ୍ଣର ସଂଯୋଗରେ ଉତ୍ପନ୍ନ ସଙ୍କର ସନ୍ତାନମାନଙ୍କଠାରେ ବର୍ଣ୍ଣ ଧର୍ମ ରହିପାରେନାହିଁ। ଏହିପରି ବର୍ଣ୍ଣସଙ୍କର କାରକ ଦୋଷଦ୍ୱାରା ଏହିସବୁ ଧର୍ମ ନାଶ ହୋଇଯାଏ। ଚନ୍ଦ୍ର ମନର ଅଧିଷ୍ଠାତା ଦେବତା। ତେଣୁ ପରଲୋକଗତ ଆତ୍ମା ଯେଉଁଠାରେ ରହିଥାନ୍ତୁ ସେ ଏହାଦ୍ୱାରା ମନ ମଧ୍ୟରେ ଆସିଥାନ୍ତି। ଶ୍ରାଦ୍ଧ ତିନିପୁରୁଷଙ୍କୁ ଦେବାର ବିଧି ରହିଛି। ପିତା, ପିତାମହ ଓ ପ୍ରପିତାମହ ଏବଂ ସେହିଭଳି ମାତା, ମାତାମହ ଓ ବୃଦ୍ଧ ପ୍ରମାତାମହ। ଶ୍ରାଦ୍ଧ ସମୟରେ ମାଟି ଉପରେ କୁଶାସନ ରଖି ତାହା ଉପରେ ହିଁ ପିଣ୍ଡ ଥୁଆହୁଏ। ରାଶି, ଦୁଗ୍ଧ, ମହୁ ଓ ତୁଳସୀପତ୍ର ଆଦି ତାହା ଉପରେ ଦିଆଯିବା ସହ ଶ୍ରାଦ୍ଧକର୍ତ୍ତା ପିତୃଗଣ, ଯମ ଓ ଶେଷରେ ଭଗବାନଙ୍କୁ ମନରେ ଧ୍ୟାନ କରିଥାନ୍ତି। ଶ୍ରାଦ୍ଧର ଆଚାର୍ଯ୍ୟ ସେତେବେଳେ ପଦ୍ମାସନରେ ସୁନ୍ଦର ଛନ୍ଦରେ ମନ୍ତ୍ର ଗାନର ଆଲୋଚନା ଆଗରୁ ହୋଇଛି। ପାଣିରେ ଶବ୍ଦ ଦ୍ୱରିତ ଦ୍ରବିଯାଏ। ପୁଷ୍କରିଣୀ, ନଦୀ ବା ସମୁଦ୍ର ମଧ୍ୟର ପାଣିରେ ପଶି ମଧ୍ୟ ମନ୍ତ୍ର ଗାନ କରିବା ସହ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ କରାଯାଇଥାଏ। ସେପରି ମନ୍ତ୍ରର ଶବ୍ଦ ପାଣିରେ ତୁରନ୍ତ ଦ୍ରବୀଭୂତ ହୋଇଯାଏ। ଉଦୟ ସୂର୍ଯ୍ୟର କିରଣ ପଡ଼ିଲେ ବାଷ୍ପୀୟ ଜଳକଣା ସୃଷ୍ଟି ହେବା ସହ ସେହି ମନ୍ତ୍ର ବାୟୁମଣ୍ଡଳରେ ଏକ ଚୁମ୍ବକୀୟ ତରଙ୍ଗ ସୃଷ୍ଟି କରିଥାଏ। ଯେଉଁ ପରଲୋକଗତ ଆତ୍ମା ପ୍ରତି ସେହି ମନ୍ତ୍ର ଉଦ୍ଦିଷ୍ଟ ତାହା ସେମାନଙ୍କ ନିକଟରେ ଅକ୍ଳେଶରେ ପହଞ୍ଚିଯାଇଥାଏ। ଯଦି ପ୍ରେତଲୋକରେ ସେମାନେ ରହିଯାଇଥାନ୍ତି ତେବେ ଶ୍ରାଦ୍ଧ ଦେଉଥିବା ଲୋକ ପାଖକୁ ସେମାନେ ସହଜରେ ଆସିପାରନ୍ତି। ଭୁବର୍ଲୋକର ବଳୟରୁ ଦୂରରେ ଥିଲେ ସେମାନଙ୍କ ପକ୍ଷରେ ଆସିବା ଟିକିଏ କଷ୍ଟକର ହୋଇପଡ଼େ। ଏପରି ନରକ କ'ଣ କେଉଁଠାରେ ଭୋଗ କରିବାକୁ ପଡ଼େ ତାହାର ମଧ୍ୟ କୌଣସି ଯୁକ୍ତିନାହିଁ।

ପୁଂ ନାମକ ନରକରୁ ପିତାର ଉଦ୍ଧାର କରୁଥିବାରୁ କେବଳ ପୁତ୍ର ହିଁ ଶ୍ରାଦ୍ଧ ଦେବାର ଯୁକ୍ତି ରହିଛି ବୋଲି ମନୁ ସଂହିତାରେ କୁହାଯାଇଛି।

ପୁଂନାମ୍ନୋ ନରକାଦ୍ ଯସ୍ମାତ୍ ତ୍ରାୟତେ ପିତରଂ ସୁତଃ
ତସ୍ମାତ୍ ପୁତ୍ର ଇତି ପ୍ରୋକ୍ତଃ ସ୍ୱୟମେବ ସ୍ୱୟମ୍ଭୁବା। (ମନୁ-୨/୧୩୮)

ଏହା ଏକ ପ୍ରକ୍ଷିପ୍ତ ଶ୍ଳୋକ। ମୂଳ ମନୁ ସଂହିତା ସହିତ ଏହିପରି ବହୁ ଶ୍ଳୋକ ମିଶିଯାଇଛି। ଏପରି ଯୁକ୍ତିର କୌଣସି ବିଜ୍ଞାନ ସମ୍ମତ ଅର୍ଥ ମିଳେନାହିଁ। ପୁତ୍ର ଓ ପୁତ୍ରୀ ଉଭୟ ପିତାମାତାଙ୍କର ଶ୍ରାଦ୍ଧ ଦେବାରେ କୌଣସି ବାରଣ ଥିବା ମଧ୍ୟ କେଉଁଠାରେ ଦେଖିବାକୁ ମିଳେନାହିଁ।

ସେହିପରି ବାଲ୍ମିକୀ ରାମାୟଣରେ ଶ୍ରାଦ୍ଧ ଦେବାର ବହୁ କଥା ଲେଖା ଅଛି। ଯେତେବେଳେ ଭରତଙ୍କୁ ଦଶରଥଙ୍କ ସ୍ୱର୍ଗବାସ କଥା କୁହାଗଲା ସେତେବେଳେ ସେ ଦକ୍ଷିଣ ଦିଗକୁ ମୁହଁ କରି ଜଳରେ ପିତାଙ୍କୁ ତର୍ପଣ କରିଥିଲେ।

ଏତତ୍ତେ ରାଜଶାର୍ଦ୍ଦୁଳ ବିମଳଂ ତୋୟମକ୍ଷୟମ୍
ପିତୃଲୋକଗତସ୍ୱାଦ୍ୟ ମଦତ୍ତମୁପତିଷ୍ଠତୁ। (ବାଲ୍ମିକୀ-୨-୧୦୩-୧୭)

ଗୃଧ୍ରରାଜ ଜଟାୟୁଙ୍କ ଅନ୍ତିମ ସମୟ ହେବାବେଳେ ଭଗବାନ ଶ୍ରୀରାମଚନ୍ଦ୍ର ତାଙ୍କୁ କୋଳକୁ ଉଠାଇ ନେଇଥିଲେ। ଦେହ ତ୍ୟାଗ ପରେ ତାଙ୍କ ଶରୀରର ଦାହ ସଂସ୍କାର କରି ଓ ଗୋଦାବରୀ ନଦୀ ଜଳରେ ଶ୍ରଦ୍ଧାଞ୍ଜଳି ସହ ପିଣ୍ଡଦାନ କରିଥିଲେ। ବ୍ରାହ୍ମଣମାନେ ପରଲୋକ ପ୍ରାପ୍ତ ଜୀବର ସ୍ୱର୍ଗବାସ ନିମନ୍ତେ ଯେପରି ମନ୍ତ୍ର ଜପ କରିଥାନ୍ତି ଭଗବାନ ରାମ ଜଟାୟୁଙ୍କ ପାଇଁ ସେହିସବୁ କରିଥିଲେ। ଅର୍ଥାତ୍ ଉପକାର କରିଥିବା ପଶୁପକ୍ଷୀଙ୍କ ପାଇଁ ମଧ୍ୟ ଶ୍ରାଦ୍ଧ ଦେବାରେ କୌଣସି ପ୍ରତିବନ୍ଧକ ନାହିଁ। ଅସ୍ୱାଭାବିକ ଭାବରେ ମୃତ୍ୟୁବରଣ କରୁଥିବା ଲୋକ ମୃତ୍ୟୁର ଠିକ୍ ଦିନ ଓ ସମୟରେ ଏକ ବାଷ୍ପୀୟ ଦେହ ଧାରଣ କରିବାକୁ ସକ୍ଷମ ହୋଇଥାଏ। ସେ ସେପରି ଦେହରେ ମଣିଷ ଭଳି କଥା ହୋଇନପାରିଲେ ମଧ୍ୟ ତାହାର ଭାବନା ପ୍ରକଟିତ ହେଉଥିବାର ଲୋକକୁ ଜଣାଯାଏ। ଦେହଧାରୀ ଲୋକଟି ଭାବିନିଏ ଯେ ମୃତାତ୍ମା ସହିତ ସେ ଯେପରି କଥା ହେଉଛି। ମାତ୍ର ସେପରି ଅବସ୍ଥା କ୍ଷଣିକ। କାହା ନିର୍ଦ୍ଦେଶରେ ଏପରି ହୁଏ ତାହା ମଧ୍ୟ ସେମାନଙ୍କୁ ଅଜଣା। ଏପରି ବହୁ ଦୃଷ୍ଟାନ୍ତ ଆଲୋଚନାକୁ ଆସିଛି। ମୃତ୍ୟୁ ପରଠାରୁ ଶ୍ମଶାନ ପର୍ଯ୍ୟନ୍ତ ପଥଶ୍ରାଦ୍ଧ ଦେବାର ବିଧି ହିନ୍ଦୁମାନଙ୍କର ରହିଛି। ତାହା କେବଳ ଶବ ସହିତ ଯାଉଥିବା ମୃତାତ୍ମାକୁ ସୂଚାଇ ଦିଆଯାଏ ଯେ ସେ ମୃତ ଓ ବହୁଦିନରୁ ରହିଆସିଥିବା ସେହି ଦେହ ଭିତରେ ଆଉ ସେ ନାହିଁ।

ଯଦ୍ ଯତ୍ ପ୍ରେତସ୍ୟ ମର୍ତ୍ତ୍ୟସ୍ୟ କଥୟନ୍ତି ଦ୍ୱିଜାତୟଃ
ତତ୍ସର୍ଗ୍ୱଗମନଂ ପିତ୍ରଂ ତସ୍ୟରାମୋ ଜଜାପହଃ। (ବାଲ୍ମିକୀ ୩/୬୦/୩୪)

ପୁଣି ବଣରେ ବୁଲୁଥିବାବେଳେ ଶ୍ରୀରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣଙ୍କ ସହିତ ଅତ୍ରି ମୁନିଙ୍କ ଆଶ୍ରମରେ ପହଞ୍ଚିଥିଲେ। ତପସ୍ୱୀ ଅତ୍ରି ପୁଷ୍କର ତୀର୍ଥକୁ ଯାଇ ସ୍ୱର୍ଗବାସୀ ପିତା ଦଶରଥଙ୍କର ପିଣ୍ଡଦାନ କରିବା ନିମନ୍ତେ ଶ୍ରୀରାମଚନ୍ଦ୍ରଙ୍କୁ ଉପଦେଶ ଦେଲେ। ତେଣୁ ପୁଷ୍କର ତୀର୍ଥରେ ପହଞ୍ଚି ଶ୍ରୀରାମଚନ୍ଦ୍ର ବଣର ସୁସ୍ୱାଦୁ ଫଳମାନ ସଂଗ୍ରହ କରି ପିତାଙ୍କୁ ପିଣ୍ଡଦାନ କରିଥିଲେ। ଲକ୍ଷ୍ମଣ ସେଠାରେ ଉପସ୍ଥିତ ବ୍ରାହ୍ମଣମାନଙ୍କୁ କନ୍ଦମୂଳ ଭୋଜନ କରାଇଥିଲେ। ଶ୍ରାଦ୍ଧ ଦେବାବେଳେ ମାତା ସୀତା ସେଠାରୁ ଅପସରି ଯାଇଥିଲେ। ତାହାର କାରଣ ଶ୍ରୀରାମଚନ୍ଦ୍ର ପଚାରିବାରୁ ମାତା ସୀତା ଉତ୍ତରରେ କହିଥିଲେ ଯେ ଯେହେତୁ ଶ୍ରାଦ୍ଧ ଦେବା ସମୟରେ ଶ୍ୱଶୁର ଦଶରଥ ଉପସ୍ଥିତ ହୋଇଥିଲେ ତେଣୁ ତାଙ୍କୁ ସମ୍ମାନ ଜଣାଇ ବୋହୂ ଭାବରେ ତାଙ୍କ ସମ୍ମୁଖରେ ଉପସ୍ଥିତ ହେବା ଠିକ୍ ନୁହେଁ ଭାବି ସେ ଚାଲିଯାଇଥିଲେ। ମହାତ୍ମା ମଦନମୋହନ ମାଳବ୍ୟ ଥରେ ଗୟା ଯାଇ ପିଣ୍ଡଦାନ ଦେବା ସମୟରେ ଦୁଇଟି ହାତ ଉପରୁ ଲମ୍ବି ଆସି ସେ ଦେଉଥିବା ପିଣ୍ଡ ଗ୍ରହଣ କରିନେଇଥିବା ତାଙ୍କ ଜୀବନୀରେ ଉଲ୍ଲେଖ ଅଛି।

ନଦୀର ସଙ୍ଗମ ସ୍ଥଳରେ ଅସ୍ଥି ବିସର୍ଜନ ସହ ତୀର୍ଥ କ୍ଷେତ୍ରରେ ଶ୍ରାଦ୍ଧ ଦେବାକୁ ବହୁ ଶ୍ରଦ୍ଧାଳୁ ଇଚ୍ଛା କରିଥାନ୍ତି। ସେପରି ସ୍ଥାନର ପୌରାଣିକ ମହିମା, ଆକର୍ଷଣ ଶକ୍ତି, ବାୟୁର ଗତି, ସୂର୍ଯ୍ୟଙ୍କ ରଶ୍ମୀର ପ୍ରଭାବ ଇତ୍ୟାଦି ବିଚାରକୁ ନେଇ ତୀର୍ଥସ୍ଥାନର ସୃଷ୍ଟି ହୋଇଥାଏ। ମାତ୍ର ସର୍ବତ୍ର ନୁହେଁ। ପ୍ରାଚୀନ ଯୁଗରୁ ସମୁଦ୍ରରେ ଅସ୍ଥି ବିସର୍ଜନ ଓ ତାହାର ତଟଦେଶରେ ଶ୍ରାଦ୍ଧ କର୍ମାଦି କରିବା ଉପଯୁକ୍ତ ସ୍ଥାନ ଭାବେ ସର୍ବଦା ବିବେଚିତ। ମାତ୍ର ତାହା କୋଳାହଳଠାରୁ ଦୂର ହେବା ଉଚିତ। ମୃତ୍ୟୁ ପରର ବହୁ ରହସ୍ୟ ଉଦ୍‌ଘାଟନ କରିଥିଲେ ଠାକୁର ଶ୍ରୀନିଗମାନନ୍ଦ। ତାଙ୍କର ମୃତା ପତ୍ନୀ ମାତା ସୁଧାଂଶୁବାଳାଙ୍କୁ ସେ ଦେଖି ତାଙ୍କୁ ମଧ୍ୟ ଶ୍ରାଦ୍ଧ ଦେଇଥିବା ତାଙ୍କ ଜୀବନ ଚରିତ୍ରରୁ ଦେଖିବାକୁ ମିଳିଥାଏ। ପୁରାଣମାନଙ୍କରେ ଏହିପରି ବହୁ ଉଦାହରଣମାନ ଦେଖିବାକୁ ମିଳେ। ତେବେ ସମସ୍ତ ପୁରାଣ ଏକମତ ଯେ ମୃତକକୁ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ କରିବା ବିଧେୟ। ମୃତ୍ୟୁ ପରେ ଆତ୍ମାର ଅବସ୍ଥିତି ସମ୍ପର୍କରେ ବହୁ ରହସ୍ୟଜନକ ତଥ୍ୟ ବେଳେବେଳେ ଆଲୋଚନାକୁ ଆସିଥାଏ। ବହୁ ଯୋଗୀ ଓ ସାଧକମାନେ ବି ଏହାର ଭୂରିଭୂରି ପ୍ରମାଣ ଦେଇଯାଇଛନ୍ତି। ଏପରିକି ବହୁ ଲୋକ ପୂର୍ବରୁ ସେମାନଙ୍କ ମୃତ୍ୟୁ ହେବାର ଦିନ ଓ ସମୟ ମଧ୍ୟ କହିଯାଇଥିଲେ। ତେବେ ମରିଥିବା ଲୋକଟି ହିଁ ଅନୁଭବ କରିଥାଏ ମୃତ୍ୟୁର ପରବର୍ତ୍ତୀ ଜୀବନ। ଯାହାକି ଜାଣିହୁଏ ନାହିଁ।

# ସ୍ୱଭାବ କବିଙ୍କ ସାହିତ୍ୟରେ ମାତୃଭାଷା ଓ ପ୍ରକୃତିର ପ୍ରତିଛବି



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍-୫, ଭୁବନେଶ୍ୱର
ଫୋନ୍- ୮୨୪୯୬୫୦୪୧୪

'ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?'

ଏହି କାଳଜୟୀ ପଂକ୍ତି ଏବଂ ପ୍ରେରଣାଦାୟୀ କବିତାର କବି ତଥା ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟତମ କର୍ଣ୍ଣଧାର ଥିଲେ ସ୍ୱଭାବ କବି ଗଙ୍ଗାଧର ମେହେର। ତାଙ୍କର ରଚନାବଳୀ ତତ୍କାଳୀନ ଓଡ଼ିଆ କାବ୍ୟ ସାହିତ୍ୟରେ ସୃଷ୍ଟି କରିଥିଲା ନବ ଦିଗନ୍ତ ଓ ଅନୁପମ ଝଙ୍କାର। ଗଙ୍ଗାଧରଙ୍କ ମନୋରମ ଏବଂ ଶିକ୍ଷଣୀୟ ରଚନାରେ ପ୍ରକୃତି ହୋଇଉଠେ ଜୀବନ୍ତ। ତାଙ୍କର ଅନେକ ପ୍ରଭାବଶାଳୀ ରଚନାରେ ପ୍ରକୃତିର ମନଲୋଭା ଏବଂ ଜୀବନ୍ତ ଚିତ୍ରଣ ପାଇଁ ଗଙ୍ଗାଧର ମେହେର ସ୍ୱଭାବକବି ଏବଂ ପ୍ରକୃତିକବି ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ଉତ୍କଳ ମାତାର ଏହି ସୁଯୋଗ୍ୟ ସାରସ୍ୱତ ସାଧକ ୧୮୬୨ ମସିହା ଅଗଷ୍ଟ ୦୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ଦିନ ଅବିଭକ୍ତ ସମ୍ବଲପୁର ଜିଲ୍ଲା ଏବଂ ବର୍ତ୍ତମାନର ବରଗଡ଼ ଜିଲ୍ଲାସ୍ଥିତ ବରପାଲି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଓ ମାତା ସେବତୀ ଦେବୀ ଥିଲେ। ମାତ୍ର ଦଶ ବର୍ଷ ବୟସରେ ସେ ଶାନ୍ତା ଦେବୀଙ୍କୁ ବିବାହ କରିଥିଲେ ଓ ଶାନ୍ତାଦେବୀଙ୍କ ମୃତ୍ୟୁପରେ ସେ ଚମ୍ପାଦେବୀଙ୍କୁ ପୁନଃ ବିବାହ କରିଥିଲେ। ତାଙ୍କର ଦୁଇ କନ୍ୟା - ବସୁମତି ଓ ଲକ୍ଷ୍ମୀ ଏବଂ ଦୁଇ ପୁତ୍ର ଅର୍ଜୁନ ଓ ଭଗବାନ ଥିଲେ। ପିତା ନିଜର କୌଳିକ ବୃତ୍ତି ଲୁଗାବୁଣା ସାଙ୍ଗକୁ ଆୟୁର୍ବେଦିକ ବୈଦ୍ୟ ଭାବରେ କାର୍ଯ୍ୟ କରୁଥିଲେ। ଏଥିରେ ସେ ନିଜ ପରିବାରର ଭରଣପୋଷଣ କରିବାରେ ଅସମର୍ଥ ଥିଲେ। ଫଳରେ ବାଲ୍ୟକାଳରୁ ଗଙ୍ଗାଧର ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦାରିଦ୍ର୍ୟତା ମଧ୍ୟରେ ବୁଡ଼ି ରହି ଗଙ୍ଗାଧର ବିଶେଷ ଅଧ୍ୟୟନ କରିପାରି ନଥିଲେ। ଅଭାବ ଅନାଟନ ମଧ୍ୟରେ ରହି ସେ ଅତି କଷ୍ଟରେ ପଞ୍ଚମ ଶ୍ରେଣୀଯାଏ ପାଠ ପଢ଼ିଥିଲେ। ଚାଟଶାଳୀରୁ ଫେରିବା ପରେ ସେ ତନ୍ତଶାଳାରେ ଲୁଗା ବୁଣିବା କାର୍ଯ୍ୟରେ ପିତାଙ୍କୁ ସାହାଯ୍ୟ କରୁଥିଲେ। ନିଜ ଉଦ୍ୟମ ବଳରେ ସେ ଘରେ ବସି ବିଭିନ୍ନ ପୁରାଣ ଶାସ୍ତ୍ର ଅଧ୍ୟୟନକରି ଅଗାଧ ପାଣ୍ଡିତ୍ୟର ଅଧିକାରୀ ହୋଇପାରିଥିଲେ। ତାଙ୍କର ସ୍ୱଚ୍ଛ ଓ ସୁନ୍ଦର ହସ୍ତାକ୍ଷର ପାଇଁ ଅନେକ ଲୋକ ତାଙ୍କ ଦ୍ୱାରା ଲେଖାଲେଖି କରିବାପାଇଁ ଆସୁଥିଲେ। ତାଙ୍କର କଠିନ ପରିଶ୍ରମ ପାଇଁ ପରିବାରର ଆର୍ଥିକ ଅବସ୍ଥା କ୍ରମେ ସୁଧୁରିବାକୁ ଲାଗିଲାବେଳେ ପୈତୃକ ଘରେ ନିଆଁ ଲାଗିଯିବାରୁ ସେ ଅନେକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ବରପାଲିର ତତ୍କାଳୀନ ଜମିଦାର ଲାଲ୍ ନୃପରାଜ ସିଂହ ତାଙ୍କୁ ଅମିନ ପଦରେ ଚାକିରି ଖଣ୍ଡିଏ ଦେଲେ। ପରେ ସେ ପଦୋନ୍ନତି ପାଇ ମୋହରିର ପଦରେ ନିଯୁକ୍ତ ହୋଇଥିଲେ। ତାଙ୍କୁ ସମ୍ବଲପୁର, ବିଜେପୁର ଏବଂ ପଦ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ସେ ୧୮୮୫ ମସିହାରେ ଅମିନ ଭାବରେ ଚାକିରି ଜୀବନ ଆରମ୍ଭକରି ୧୯୧୭ ମସିହାରେ ମୋହରିର ଭାବେ ଅବସର ନେଇଥିଲେ।

ବାଲ୍ୟକାଳରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ତାଙ୍କର ଆଦ୍ୟ ରଚନାବଳୀ ଭିତରେ 'ରସ ରତ୍ନାକର' ଓ 'ଅହଲ୍ୟା ସ୍ତବ' ଆଦି ଅନ୍ୟତମ ଯାହା ରୀତିଯୁଗୀୟ ଶୈଳୀରେ ରଚିତ। ସହଜ ସରଳ ଗାଉଁଲି ଭାଷାରେ ଓଡ଼ିଶାର ଅପରୂପ ଶୋଭାକୁ ସେ ନିଜ ଲେଖନୀ ମୁନରେ ନୂଆ ରୂପ ଦେଉଥିଲେ। ତାଙ୍କ ରଚିତ 'ଭାରତୀ ଭକ୍ତି', 'ଭାରତୀ ରୋଦନ', 'ଉଦବୋଧନ' ଓ 'ମାତୃଭୂମି' ଆଦି କବିତା ମାଧ୍ୟମରେ ମାତୃଭୂମି ଓ ମାତୃଭାଷା ପ୍ରତି ତାଙ୍କର ପ୍ରଗାଢ ଅନୁରାଗ ଓ ଦରଦ ଆଜି ମଧ୍ୟ ସତତଃ ସତର୍କ କରିଥାଏ। ସେହିସବୁ ଅମଳିନ କବି ପ୍ରତିଭା ମଧ୍ୟରୁ ଗୋଟିଏ ପଂକ୍ତି-

'ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ,
କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ।।
ଉଚ୍ଚ ଭାଷୀ ଲୋକେ ତା'କୁ ନୀଚାଗଣି,
ଉଚ୍ଚ ସମାଜରେ ହୁଅନ୍ତି ଅଗ୍ରଣୀ।'

୧୯୨୫ ମସିହା ଏପ୍ରିଲ ମାସ ୦୪ ତାରିଖରେ ତାଙ୍କର ନଶ୍ୱର ଶରୀର ପଞ୍ଚଭୂତରେ ଲୀନ ହୋଇଗଲା ସତ, କିନ୍ତୁ ତାଙ୍କର ଅବିନଶ୍ୱର କାବ୍ୟ କବିତା କାଳଜୟୀ ହେଲା। ଆଜିମଧ୍ୟ ସ୍ୱଭାବ କବିଙ୍କ କବିତା ଆମ ମନରେ ମାତୃଭାଷା ପ୍ରୀତି ଜାଗ୍ରତ କରାଏ। ଏହି ଭାଷା ପ୍ରୀତିରେ ତାଙ୍କର ଅମୃତସମ କାଳଜୟୀ ସୃଷ୍ଟି ମାଧ୍ୟମରେ କହିଛନ୍ତି

'ଉଚ୍ଚ ହେବାପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା।'

ବାଲ୍ୟକାଳରୁ ସାହିତ୍ୟ ପ୍ରତି ତାଙ୍କର ଆଗ୍ରହ ଦେଖାଯାଇଥିଲା। ସେ ଛୋଟ ଥିବା ଅବସ୍ଥାରେ ବଳରାମ ଦାସଙ୍କ ଦ୍ୱାରା ରଚିତ ଜଗମୋହନ ରାମାୟଣ ଶୁଣିଥିଲେ ଏବଂ ପରେ ସେ ନିଜେ ଏହାକୁ ପଢିବା ସହିତ ସାରଳା ଦାସଙ୍କ ଓଡ଼ିଆ ମହାଭାରତ ମଧ୍ୟ ଅଧ୍ୟୟନ କରିଥିଲେ। ଅନେକ ସଂସ୍କୃତ ପୁସ୍ତକ ମଧ୍ୟ ପଢିଥିଲେ ଯାହାମଧ୍ୟରେ 'ରଘୁବଂଶ' ଉଲ୍ଲେଖଯୋଗ୍ୟ। ତୁଳସୀ ରାମାୟଣ ମଧ୍ୟ ତାଙ୍କର ଅତିପ୍ରିୟ ଥିଲା। ବଙ୍ଗାଳି ପତ୍ରିକା ଏବଂ ଖବରକାଗଜ ବି ସେ ପାଠ କରୁଥିଲେ। ତାଙ୍କ ରଚନାରେ ପ୍ରକୃତିର ବାହ୍ୟରୂପ ସହିତ ଆଭ୍ୟନ୍ତରୀଣ ରୂପର ବର୍ଣ୍ଣନା ତଥା ମାନବତାର ଉଲ୍ଲେଖ ରହିଛି। ଗଙ୍ଗାଧରଙ୍କ ସ୍ୱଚ୍ଛ ରଚନାଶୈଳୀ, ଛନ୍ଦ ମାଧୁର୍ଯ୍ୟ ଏବଂ ଭାଷାର ସୌନ୍ଦର୍ଯ୍ୟ ସହିତ ପ୍ରକୃତି ଓ କଳ୍ପନାର ବର୍ଣ୍ଣନାରେ ପାଠକମାନେ ମନ୍ତ୍ରମୁଗ୍ଧ ହୋଇଯାଆନ୍ତି।

ଜୀବନର ସକଳ ଦୁଃଖ, ଯନ୍ତ୍ରଣା, ଗ୍ଲାନ, ଅବସାଦ, ଆଶା ଓ ଆଶଙ୍କା ମଧ୍ୟରେ ବଞ୍ଚିରହି ଗଙ୍ଗାଧର ନିରନ୍ତର ଗାଇ ଚାଲିଥିଲେ ଅମୃତର ଗୀତିକା। ଓଡ଼ିଆ ସାହିତ୍ୟ ଜଗତର ମଉଡମଣି ଏବଂ ଓଡ଼ିଆ ସାହିତ୍ୟ ଆକାଶର ଏକ ଉଜ୍ଜ୍ୱଳତମ ନକ୍ଷତ୍ର ଥିଲେ କବି ଗଙ୍ଗାଧର। ଓଡ଼ିଆ ସାହିତ୍ୟ ଆକାଶରେ ଯେତେବେଳ ଘୋଟି ଆସିଥିଲା ଦୁର୍ଦ୍ଦିନର କଳା ବଉଦ, ଓଡ଼ିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାକୁ ଚାଲିଥିଲା ଏକ ହୀନ ଚକ୍ରାନ୍ତ, ଠିକ୍ ସେତିକିବେଳେ ଓଡ଼ିଆ ଭାଷାକୁ ସମୃଦ୍ଧ ଓ ଋଦ୍ଧିମନ୍ତ କରି ଗଢିତୋଳିବାକୁ ଯେଉଁ କେତେଜଣ ଅଣ୍ଟା ଭିଡିଥିଲେ ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ କବି ଗଙ୍ଗାଧର। ସ୍ୱକୀୟ ସାଧନା ବଳରେ କବି ଗଙ୍ଗାଧର ଓଡ଼ିଆ କାବ୍ୟ ଜଗତକୁ ପ୍ରତିଦାନରେ ଦେଇଥିଲେ ଅନେକ ଅନନ୍ୟ ଉପହାର ଓ କରିଥିଲେ ସୁଶ୍ରୀ ଏବଂ ଶୋଭା ବିମଣ୍ଡିତ।

ଗଙ୍ଗାଧରଙ୍କ ସାହିତ୍ୟ - ପ୍ରକୃତି ପ୍ରେମ, ବିଭୂ ଚେତନା ବା ଭଗବତ ପ୍ରେମ ଓ ସ୍ୱଦେଶ ପ୍ରୀତିର ଏକ ତ୍ରିବେଣୀ ସଙ୍ଗମ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କରି ସାହିତ୍ୟରେ ପ୍ରକୃତି ଯେତେ ଜୀବନ୍ତ ଭାବେ ଚିତ୍ରିତ, ସମପରିମାଣରେ ଦେଶ ପ୍ରେମର ସ୍ୱଚ୍ଛ ସଲିଳ ଧାରା ତାଙ୍କ ସାହିତ୍ୟର ଛତ୍ରେ ଛତ୍ରେ ପ୍ରବାହିତ। ଅନୁରୂପ ଭାବରେ ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରତି କବିଙ୍କର ପ୍ରେମ ଓ ସମର୍ପିତ ମନୋଭାବ ପରିଦୃଷ୍ଟ ହୁଏ ତାଙ୍କରି ସାହିତ୍ୟରେ। କବି ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରକୃତି କେବେହେଲେ ନିର୍ଜୀବ, ଜଡ଼ ଅଥବା ଅଚେତନ ନୁହେଁ, ବରଂ ଜୀବନ୍ତ ସ୍ଫୁର୍ତ୍ତିମୟୀ ଓ ବାକଦାୟିନୀ। ଉଦାହରଣ ସ୍ୱରୂପ ଆମେ ନେଇପାରିବା କବିଙ୍କ 'ତପସ୍ୱିନୀ' କାବ୍ୟକୁ। ବାଲ୍ମିକୀ ମୁନିଙ୍କ ଆଶ୍ରମରେ ସୀତାଙ୍କ ଅବସ୍ଥାନ କାଳର ଏକ ଦୃଶ୍ୟ। ଉଷାକାଳ ଉପରେ ଜୀବନ ସତ୍ତାର ଆରୋପଣକରି ତାକୁ ଚିତ୍ରିତ କରିଛନ୍ତି ଏକ ନାରୀ ରୂପରେ। ଜାନକୀ ବା ସତୀ ସୀତାଙ୍କର ଦର୍ଶନ ପାଇଁ ସେ କିପରି ପ୍ରସ୍ତୁତହୋଇ ଆସିଛି ଆମେ ଦେଖିବା କବିଙ୍କ ଭାଷାରେ -

'ମଙ୍ଗଳେ ଅଇଲା ଉଷା ବିକଚ ରାଜୀବ ଦୃଶା
ଜାନକୀ- ଦର୍ଶନ-ତୃଷା ହୃଦୟେ ବହି
କର-ପଲ୍ଲବେ ନୀହାର ମୁକ୍ତା ଘେନି ଉପହାର
ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି
କଳ କଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତୀ ରାତି ପାହିଲା।।'

କବିଙ୍କ ଦୃଷ୍ଟିରେ ଏ ସକଳ ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କରି ସର୍ଜନାମାତ୍ର। ତେଣୁ କବି ସେଇ ଭଗବାନଙ୍କୁ ସିନ୍ଧୁ ସହିତ ତୁଳନାକୁ ଯଥୋଚିତ ମାନି ନାହାନ୍ତି। କବିଙ୍କ ଭାଷାରେ:

'ବିଶ୍ୱ ଜୀବନରେ ତୁମଙ୍କୁ କରୁଣା ସିନ୍ଧୁ,
ବୋଲିବାକୁ ମନ ବୋଲୁନାହିଁ
ଯେଣୁ ସିନ୍ଧୁ ତବ କୃପାବିନ୍ଦୁ।'

ପ୍ରକୃତରେ କବି ଗଙ୍ଗାଧର ଥିଲେ ଅନିର୍ବଚନୀୟ କବି ପ୍ରତିଭାର ଅଧିକାରୀ। ତାଙ୍କର କୃତି ସମୂହ ମାନବିକତା, ଈଶ୍ୱରାନୁରାଗ, ନୈତିକତା, ସମ୍ବେଦନଶୀଳତା, ମାତୃଭାଷା ଓ ମାତୃଭୂମି ପ୍ରୀତି ପରି ଅନେକ ନୈସର୍ଗିକ ଗୁଣରେ ପରିପୂର୍ଣ୍ଣ। ତାଙ୍କର ପ୍ରତ୍ୟେକ କାବ୍ୟ କବିତା ଭାଷାର ସୌନ୍ଦର୍ଯ୍ୟ ଭାବର ଗାମ୍ଭୀର୍ଯ୍ୟ ତଥା ଅନ୍ତଃ ସୌନ୍ଦର୍ଯ୍ୟରେ ବିମଣ୍ଡିତା। ଯାହାର ପଠନ ପାଠକ ପ୍ରାଣରେ ସୃଷ୍ଟିକରେ ଅପୂର୍ବ ପୁଲକ, ଅଦ୍ଭୁତ ଉନ୍ମାଦନା ଏବଂ ମଣିଷକୁ କିଛି ସମୟପାଇଁ ନେଇଯାଇଥାଏ ଏକ ଅତିନ୍ଦ୍ରିୟ ରାଜ୍ୟକୁ।

ଏ ଉତ୍କଳ ଭାରତୀଙ୍କ ବରପୁତ୍ର ଗଙ୍ଗାଧର ଏକାଧାରରେ ଥିଲେ ଅମ୍ଳାନ ପ୍ରତିଭାବନ୍ତ କାବ୍ୟ ଶିଳ୍ପୀ, ପ୍ରକୃତିବାଦୀ, ସୌନ୍ଦର୍ଯ୍ୟ ପିପାସୁ, ସ୍ୱଦେଶ ପ୍ରେମୀ ଓ ଯୁଗ ସଚେତକ ସାରସ୍ୱତ ସ୍ରଷ୍ଟା। କେବଳ ଓଡ଼ିଆ ସାହିତ୍ୟ କାହିଁକି, ବିଶ୍ୱ ସାହିତ୍ୟ ଦରବାରରେ ମଧ୍ୟ ସେ ସମ୍ମାନ ପାଇବାକୁ ସୁଯୋଗ୍ୟ ଅଟନ୍ତି, ଏହା ସତତ ସ୍ୱୀକାର୍ଯ୍ୟ।

ତାଙ୍କର କାବ୍ୟ କବିତା ମଧ୍ୟରେ ; ରସ ରତ୍ନାକର, ଇନ୍ଦୁମତି, ଉତ୍କଳ ଲକ୍ଷ୍ମୀ, କୀଚକବଧ, ଅଯୋଧ୍ୟା ଦୃଶ୍ୟ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ପଦ୍ମିନୀ (ଶେଷକୃତି), ଅର୍ଘ୍ୟଥାଳି, କବିତା କଲ୍ଲୋଳ, କବିତାମାଳା, ଅହଲ୍ୟାସ୍ତବ, ମହିମା, ଭାରତୀ ଭାବନା, କୁମାରଉତ୍ସବ ଓ ଭକ୍ତି ଉପହାର ଇତ୍ୟାଦି ଉଲ୍ଲେଖଯୋଗ୍ୟ ଅଟେ।

ବାଣୀ - ବରପୁତ୍ର ଗଙ୍ଗାଧର ମେହେରଙ୍କ ମର ଶରୀରରେ ଅମରତ୍ୱ ସୃଷ୍ଟି କରିଥିଲା ତାଙ୍କର ଉଚ୍ଚକୋଟୀର କବି ପ୍ରତିଭା। ଦିବ୍ୟ ପ୍ରତିଭା ତାଙ୍କ ଭଳି ଜଣେ କବିଙ୍କୁ ଅମରତ୍ୱ ପ୍ରଦାନ କରିପାରିଛି। ଧନ୍ୟ ତୁମେ କବି ଗଙ୍ଗାଧର ଧନ୍ୟ ତୁମ କବିତା ଓ କାଳଜୟୀ କୃତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ସେପ୍ଟେମ୍ବର ୨୦୨୫ ବୁଧବାର

# ଆଭା

## ନବରାତ୍ରର କିଛି ବିଶେଷତ୍ୱ





# ମା'ଙ୍କ ମୂର୍ତ୍ତି ତିଆରିରେ ଲାଗେ ବେଶ୍ୟାଳୟର ମାଟି



ସମାଜରେ ଆଜି ବି ବେଶ୍ୟା କୁ ଘୃଣ୍ୟ ଦୃଷ୍ଟିରେ ଦେଖାଯାଉଛି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଯାହାକୁ ଆମ ସମାଜ ଘୃଣ୍ୟ ଦୃଷ୍ଟିରେ ଦେଖୁଛି । ସେହି ବେଶ୍ୟାଳୟର ମାଟି, ମା' ଦୁର୍ଗାଙ୍କ ମୂର୍ତ୍ତି ତିଆରି ପାଇଁ ଲାଗି କରାଯାଇଥାଏ । ମାତ୍ର ଆପଣଙ୍କ ମନରେ ଏନେଇ ନିଶ୍ଚୟେ ପ୍ରଶ୍ନ ଉଠୁଥିବ କି ମା'ଙ୍କ ମୂର୍ତ୍ତି ପାଇଁ କାହିଁକି ବେଶ୍ୟାଳୟ ମାଟି ବ୍ୟବହାର କରାଯାଏ । ତେବେ ଆଜି ଆମେ ଆପଣଙ୍କୁ ଏହାର କିଛି ପୌରାଣିକ ମହତ୍ତ୍ୱ ବିଷୟରେ କହିବାକୁ ଯାଉଛୁ । ପାରମ୍ପରିକ ମାନ୍ୟତା ଅନୁଯାୟୀ, ଗୋମୂତ୍ର, ଗୋବର, କାଠି, ସିନ୍ଦୁର, ପବିତ୍ର ନଦୀର ମାଟି, ବନସ୍ପତି ଏବଂ ଜଳ ସହିତ ନିଷିଧ ପାଲିର ମାଟିରେ ମାତାଙ୍କ ମୂର୍ତ୍ତି ତିଆରି ସର୍ବଶ୍ରେଷ୍ଠ ହୋଇଥାଏ । ବେଶ୍ୟାଙ୍କ ଆଖ ପାଖ ଅଞ୍ଚଳକୁ ନିଷିଧ ପାଲି ବୋଲି କୁହାଯାଇଥାଏ । ଯେଉଁଠିକୁ ଯିବା ନିଷେଧ ମୂର୍ତ୍ତି ତିଆରିରେ ବେଶ୍ୟାଳୟ ମାଟି ମିଶିଲେ ତାହା ପୂର୍ଣ୍ଣ ହୋଇଥାଏ ବୋଲି ମାନ୍ୟତା ରହିଛି । ଏହି ପରମ୍ପରା ବହୁ ପୁରାତନ କାଳରୁ ପ୍ରଚଳିତ ହୋଇ ଆସୁଛି । ଲୋକକଥା ଅନୁଯାୟୀ,ପ୍ରାଚୀନ କାଳରେ ମା'ଦୁର୍ଗାଙ୍କର ଜଣେ ବେଶ୍ୟା ଭକ୍ତ ଥିଲେ । ତାକୁ ତିରସ୍କାରରୁ ରକ୍ଷା କରିବା ପାଇଁ ମା'ସ୍ୱୟଂ ତା'ର ଅଗଣା ମାଟିରୁ ନିଜ ମୂର୍ତ୍ତି ସ୍ଥାପିତ କରିବା ପରମ୍ପରା ଆରମ୍ଭ କରିଥିଲେ । ସେହିପରି ଅନ୍ୟ ଏକ ମାନ୍ୟତା ଅନୁଯାୟୀ, ଯେବେ ବି କୌଣସି ବ୍ୟକ୍ତି ବେଶ୍ୟାଳୟକୁ ଯାଇଥାନ୍ତି, ସେଠାରେ ସେ ତାଙ୍କର ସମସ୍ତ ପବିତ୍ରତା, ମାନସମ୍ମାନ, ପୁଣ୍ୟ ଆଦିକୁ କାଢି ଫିଙ୍ଗି ଦେଇଥାନ୍ତି । ଭିତରେ ସେ କେବଳ ପୁରୁଷ ହିଁ ରହିଯାଇଥାନ୍ତି । ସେଥିପାଇଁ ମା'ଙ୍କ ମୂର୍ତ୍ତି ତିଆରିରେ ବେଶ୍ୟାଳୟା ମାଟି ଶୁଭ ହୋଇଥାଏ । କାରଣ ସେମାନେ ସାରା ଦୁନିଆର ପୁରୁଷଙ୍କ ପବିତ୍ରତାକୁ ନିଜ ଦେହକୁ ନେଇ ଥାନ୍ତି । ଆହୁରି ମଧ୍ୟ କେହି କେହି ମତ ଦିଅନ୍ତି କି ବେଶ୍ୟାବୃତ୍ତି ସବୁଠାରୁ ବଡ ଅପରାଧ । ତେଣୁ ଏମାନଙ୍କୁ ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ମୋକ୍ଷ ପ୍ରାପ୍ତି କରିବାକୁ ବେଶ୍ୟାଳୟର ମାଟିକୁ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣରେ ବ୍ୟବହାର କରାଯାଇଥାଏ ।

## ନବରାତ୍ରରେ କେଉଁଦିନ ସ୍ଥାପନା ହେବ କଳଶ?

ହିନ୍ଦୁ ପର୍ବ ପର୍ବଣୀରେ ନବରାତ୍ରକୁ ସାରା ଦେଶରେ ଧୂମଧାମରେ ପାଳନ କରାଯାଏ । ଏହି ସମୟରେ ୯ ଦିନ କାଳ ଲୋକେ ଘରେ ଦୂର୍ଗାଙ୍କ ୯ ରୂପକୁ ପୂର୍ଣ୍ଣ ବିଧିବିଧାନ ସହ ପୂଜା କରିଥାନ୍ତି । ମାନ୍ୟତା ରହିଛି ମା'ଦୁର୍ଗା ନବରାତ୍ର କାଳରେ ପୃଥିବୀ ଲୋକକୁ ଆସନ୍ତି ଓ ଘରେ ଘରେ ରୁହନ୍ତି । ଏହି ସମୟରେ ସୂଚିମନ୍ତ ପୂଜାର୍ଚ୍ଚନା କଲେ ମା' ଦୁର୍ଗା ସନ୍ତୁଷ୍ଟ ହୁଅନ୍ତି ଓ ଭକ୍ତଙ୍କ ସବୁ କଷ୍ଟ ନିବାରଣ କରନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି । ନବରାତ୍ର କାଳରେ କଳଶ ସ୍ଥାପନା ବିଶେଷ ଗୁରୁତ୍ୱ ରହିଛି । ଘରେ ବିଧିବିଧାନ ପୂର୍ବକ ନବରାତ୍ର କଳଶ ସ୍ଥାପନା କଲେ ନକରାତ୍ମକ ଉର୍ଜା ଅପସରିଯିବା ସହ ସକରାତ୍ମକ ଉର୍ଜାର ପ୍ରବାହ ହୋଇଥାଏ ବୋଲି କୁହାଯାଏ । କଳଶ ବା ଘଟ ସ୍ଥାପନା ନବରାତ୍ର ପ୍ରଥମ ଦିନ ହିଁ କରାଯାଏ । ଏଣୁ ନକରାତ୍ମକ ଉର୍ଜାକୁ ଦୂରେଇ ରଖିବା ପାଇଁ ଉପଯୁକ୍ତ ବିଧିବିଧାନ ଓ ମୁହୂର୍ତ୍ତରେ କଳଶ ସ୍ଥାପନା କରିବାର ପ୍ରଥା ରହିଛି । ଶାରଦୀୟ ନବରାତ୍ର ପ୍ରତିବର୍ଷ ଆଶ୍ୱିନମାସ ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହୋଇଥାଏ । ଉଦୟ ତିଥି ଅନୁସାରେ ଚଳିତବର୍ଷ ନବରାତ୍ର ଠାରୁ ଆରମ୍ଭ ହେବ ଓ କଳଶ ସ୍ଥାପନା ମଧ୍ୟ ଏହି ଦିନ ହେବ । ଏଥି ପାଇଁ ନବରାତ୍ର ପ୍ରଥମ ଦିନ ପ୍ରତ୍ୟୁଷରୁ ବିଛଣା ତ୍ୟାଗ କରିବା ପରେ ସ୍ନାନ ଶୌଚ ଶେଷ କରି ହଳଦିଆ ବସ୍ତ୍ର ପରିଧାନ କରନ୍ତୁ । ଏହା ପରେ ନବରାତ୍ର କଳଶ ସ୍ଥାପନା ନିମନ୍ତେ ଆୟୋଜନ କରନ୍ତୁ । କଳଶ ସ୍ଥାପନା ନିମନ୍ତେ ମା'ଙ୍କ ନିମନ୍ତେ ଏକ ଚୌକିର ବ୍ୟବସ୍ଥା କରନ୍ତୁ । ଏହା ଉପରେ ନାଲି ରଙ୍ଗର ବସ୍ତ୍ର ପାରି ମା'ଦୁର୍ଗାଙ୍କ ଫଟୋ ସ୍ଥାପନା କରନ୍ତୁ । କଳଶ ସ୍ଥାପନା ନିମନ୍ତେ ତମ୍ବା ଅଥବା ମାଟିର ପାତ୍ରରେ ସ୍ୱଚ୍ଛ ଜଳ ଭରନ୍ତୁ । ଏହି କଳଶରେ ଏକ ମୁଦ୍ରା, ଗୁଆ ଓ ଲବଙ୍ଗ ପକାନ୍ତୁ । ଏହା ପରେ ଏକ ନଡିଆକୁ ନାଲି ଓଢ଼ଣୀ ଓ ସୂତା ବାନ୍ଧି କଳଶ ଉପରେ ରଖନ୍ତୁ । ଏହା ପରେ ଏକ ମାଟିର ପାତ୍ର ନିଅନ୍ତୁ । ଏଥିରେ ମାଟି ପକାଇ ଜବ ବୁଣି ଦିଅନ୍ତୁ । ଏହି ସବୁ କାମ ସାରିବା ପରେ ମାଟିପାତ୍ରରେ ଜବ ଓ କଳଶକୁ ମା'ଦୁର୍ଗାଙ୍କ ଡାହାଣପଟେ ସ୍ଥାପନା କରି ଦିଅନ୍ତୁ ଓ ବିଧିବିଧାନ ସହ ମା'ଦୁର୍ଗାଙ୍କ ପୂଜାର୍ଚ୍ଚନା କରନ୍ତୁ । ନବରାତ୍ର ପ୍ରଥମ ଦିନକୁ ମା' ଶୈଳପୁତ୍ରୀଙ୍କ ସ୍ୱରୂପରେ ପୂଜା କରାଯାଏ ।

## ନବରାତ୍ରୀ ସମୟରେ ଖାଦ୍ୟ ପ୍ରସ୍ତୁତରେ ଦେଶୀ ଘିଅ ମିଶ୍ରଣ କରିବା ଲାଭ ଦାୟକ ହୋଇଥାଏ

ଶାରଦୀୟ ଋତୁରେ ନଅ ରାତି ଧରି ପାଳନ ହେଉଥିବା ନବରାତ୍ରି ହିନ୍ଦୁ ସଂସ୍କୃତିରେ ବହୁତ ଗୁରୁତ୍ୱପୂର୍ଣ୍ଣ । ଏବର୍ଷ ନବରାତ୍ରୀ ପାଖେଇ ଆସିଲାଣି । ଆପଣ କେଉଁଦିନ ଠାରୁ ନବରାତ୍ରୀ ଆରମ୍ଭ କରୁଛନ୍ତି ? ତେବେ ଆମେ ଆପଣଙ୍କୁ କହିରଖୁଛୁ ଯେ ନବରାତ୍ରୀ ସମୟରେ ଭକ୍ତମାନେ ଦୁର୍ଗାଙ୍କ ଆଶୀର୍ବାଦ ପାଇବାକୁ ଉପବାସ କରନ୍ତି । ନବରାତ୍ରୀ ସମୟରେ ଉପବାସ ପରେ ଯେଉଁ ଖାଦ୍ୟ ପ୍ରସ୍ତୁତ କରାଯାଏ ସେଥିରେ ଦେଶୀ ଘିଅ ମିଶ୍ରଣ କରିବାକୁ ଆଦୌ ଭୁଲନ୍ତୁ ନାହିଁ । ନବରାତ୍ରୀ ଉପବାସ ସମୟରେ ଦେଶୀ ଘିଅ ଖାଇବା କେବଳ ଏକ ପରମ୍ପରା ନୁହେଁ, ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅନେକ ଉପାୟରେ ଲାଭଦାୟକ ଅଟେ । ଘିଅ ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହା ଶହ ଶହ ବର୍ଷ ଧରି ବ୍ୟବହୃତ ହୋଇଆସୁଛି । ଦେଶୀ ଘିଅକୁ ପସନ୍ଦ କରାଯିବାର ଗୋଟିଏ କାରଣ ହେଉଛି ଏଥିରେ ବହୁତ ଅଧିକ ଶକ୍ତି ଥାଏ । ଯାହାକି ଶରୀର କ୍ଳାନ୍ତ ଥିଲେ ତାହାକୁ ଦୂର କରି ଦେଇଥାଏ ।

# ୬ଟି ରାଜ୍ୟର ବିଭିନ୍ନ ନବରାତ୍ରି ପାଳନ...

ସାରା ଦେଶରେ ଆରମ୍ଭ ହୋଇଛି ନବରାତ୍ରି । ଏହି ଦିନଟି ହିମାଳୟର କନ୍ୟା ଏବଂ ଦେବୀ ଦୁର୍ଗାଙ୍କ ପ୍ରଥମ ରୂପ ଦେବୀ ଶୈଳପୁତ୍ରୀଙ୍କ ପୂଜା ପାଇଁ ଉତ୍ସର୍ଗୀକୃତ । ଏହି ଦିନ କଳଶ ସ୍ଥାପନ ସହିତ ୯ଦିନ ବ୍ୟାପୀ ଉପବାସ ଆରମ୍ଭ ହୁଏ । କୁହାଯାଏ ଯେ ଏହି ଉପବାସ ପାଳନ କରିବା ଦ୍ୱାରା ଦେବୀ ଦୁର୍ଗାଙ୍କ ଆଶୀର୍ବାଦ ମିଳିଥାଏ ଏବଂ ଜୀବନରେ ଖୁସିର ଆଗମନ ହୁଏ । ଯଦି ଆପଣ ଭାରତର ବିବିଧ ସଂସ୍କୃତି ବିଷୟରେ ଜାଣିବାକୁ ଚାହୁଁଛନ୍ତି, ତେବେ ନବରାତ୍ରିଠାରୁ ଭଲ ସମୟ ଆଉ କିଛି ନାହିଁ । ଏହି ୯ରାତିର ଉତ୍ସବରେ ରଙ୍ଗ, ସଙ୍ଗୀତ, ନୃତ୍ୟ ଏବଂ ଭକ୍ତିର ସମାଗମ ହୁଏ । ଏହି ୯ଦିନ ଦେବୀ ଦୁର୍ଗାଙ୍କ ପୂଜା କରାଯାଏ । ଦେଶର ପ୍ରତ୍ୟେକ କୋଣରେ ଭିନ୍ନ ଭିନ୍ନ ଢଙ୍ଗରେ ଏହାକୁ ପାଳନ କରାଯାଇଥାଏ । ଆଜି ଆମେ ୬ଟି ରାଜ୍ୟରେ କିଭଳି ନବରାତ୍ରି ପାଳନ କରାଯାଏ, ସେ ବିଷୟରେ ଜଣାଇବୁ ।

ଗୁଜରାଟ: ଗୁଜରାଟରେ ନବରାତ୍ରିର ୯ଦିନ ଖୁବ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ଏହି ୯ଦିନ ଚାରିଆଡ ଆଲୋକିତ ହେବା ସହ ଦାଣ୍ଡିଆ ଖେଳ ଓ ଗରବା ନୃତ୍ୟରେ ମଜିଯାଆନ୍ତି ଗୁଜରାଟବାସୀ । ପାରମ୍ପରିକ ପୋଷାକ ପିନ୍ଧି ଗୁଜରାଟବାସୀ ସାଂସ୍କୃତିକ ସଙ୍ଗୀତର ତାଳେ ତାଳେ ନୃତ୍ୟ କରିଥାନ୍ତି । ଏଠାରେ ଭକ୍ତମାନେ ଦେବୀ ଦୁର୍ଗା ଏବଂ ତାଙ୍କର ୯ଅବତାରକୁ ସମ୍ମାନ ଦେବା ପାଇଁ ୯ଦିନ ପାଇଁ ଉପବାସ ରଖନ୍ତି । ପ୍ରତ୍ୟେକ ସନ୍ଧ୍ୟାରେ, ଉପବାସ କରୁଥିବା ମହିଳାମାନେ ମାଟିପାତ୍ରରେ ଦୀପ ଜାଳି ପ୍ରାର୍ଥନା କରନ୍ତି, ଯାହା ଜୀବନ ଏବଂ ଦିବ୍ୟ ଶକ୍ତିର ପ୍ରତୀକ ଅଟେ ।

ପଶ୍ଚିମବଙ୍ଗ: ପଶ୍ଚିମବଙ୍ଗରେ, ନବରାତ୍ରିକୁ ଦୁର୍ଗା ପୂଜା ଭାବରେ ପାଳନ କରାଯାଏ । ଏହି ମହାନ ଉତ୍ସବ ଦେବୀ ଦୁର୍ଗାଙ୍କ ମହିଷାସୁର ଉପରେ ବିଜୟକୁ ସମ୍ମାନିତ କରିବା ପାଇଁ କରାଯାଏ । ଦେବୀ ଦୁର୍ଗାଙ୍କ ବିଜୟକୁ ପାଳନ କରିବା ପାଇଁ ପୀଠ ଓ ପେଣ୍ଡାଲରେ ମା'ଙ୍କୁ ପୂଜା କରାଯାଏ । ଲୋକେ ପେଣ୍ଡାଲ ବୁଲିବା ସହ ସ୍ୱାଦିଷ୍ଟ ଖାଦ୍ୟର ମଜା ନେଇଥାନ୍ତି । ପ୍ରତ୍ୟେକ ଦିନ ପାରମ୍ପରିକ ନୃତ୍ୟ ଏବଂ ସଙ୍ଗୀତ ପରିବେଶଣ କରାଯାଇଥାଏ, ଯାହା ମୁଖ୍ୟ ଆକର୍ଷଣ ପାଲଟେ । ଶୋଭାଯାତ୍ରା, ଲୋକନୃତ୍ୟ ଏବଂ ଧାର୍ମିକ ରୀତିନୀତିରେ ପେଣ୍ଡାଲ ଦୁଲୁକୁଥାଏ । ସାରା ଦେଶରୁ ଲୋକମାନେ କୋଲକାତାକୁ ଆକର୍ଷଣୀୟ ସାଜସଜ୍ଜା ଏବଂ ସାଂସ୍କୃତିକ ପ୍ରଦର୍ଶନ ଦେଖିବା ପାଇଁ ଆସିଥାନ୍ତି ।

ହିମାଚଳ ପ୍ରଦେଶ: ହିମାଚଳ ପ୍ରଦେଶରେ ନବରାତ୍ରି ମହା ଭକ୍ତିର ସହିତ ପାଳନ କରାଯାଏ । ଏହାର ମୁଖ୍ୟ ଆକର୍ଷଣ ହେଉଛି କୁଲୁ ଦଶହରା ପର୍ବ, ଯାହା ଏକ ସପ୍ତାହ ଧରି ଚାଲିଥାଏ । ଏହି ଅନନ୍ୟ ଉତ୍ସବ ପ୍ରଭୁ ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନକୁ ଚିହ୍ନିତ କରେ । ଏଠାରେ କୁଲୁର ଧଳପୁର ମଇଦାନକୁ ଭଗବାନ ରଘୁନାଥଜୀଙ୍କ ପ୍ରତିମାକୁ ଏକ ଶୋଭାଯାତ୍ରା କରି ନିଆଯାଏ । ପ୍ରଭୁ ରଘୁନାଥଜୀଙ୍କୁ ଦର୍ଶନ କରିବା ପାଇଁ ସ୍ଥାନୀୟ ମନ୍ଦିରରୁ ହଜାର ହଜାର ଦେବୀଦେବତାମାନଙ୍କୁ ସଜା ଯାଇ ଛୋଟ ଛୋଟ ରଥରେ ଅଣାଯାଏ । ଏହି ଉତ୍ସବ ଶେଷରେ ଲଙ୍କା ଦହନ କରାଯାଇଥାଏ । କୁଲୁରେ ଦଶହରା 'ବିଜୟ ଦଶମୀ' ଦିନ ଆରମ୍ଭ ହୁଏ ଏବଂ ସାତ ଦିନ ପର୍ଯ୍ୟନ୍ତ ଚାଲିଥାଏ ।

ତାମିଲନାଡୁ: ତାମିଲନାଡୁରେ, ନବରାତ୍ରିକୁ ଗୋଲୁ କିମ୍ବା କୋଲୁ ଭାବରେ ପାଳନ କରାଯାଏ । ଲୋକମାନେ ଘର ପାହାଚରେ ବା ଘରର ଥାକରେ ବିଭିନ୍ନ ଦେବାଦେବୀଙ୍କ କଣ୍ଢେଇ ବା ମୂର୍ତ୍ତିଗୁଡ଼ିକ ରଖିଥାନ୍ତି । ଏହାକୁ ଦେଖିବା ପାଇଁ ବନ୍ଧୁ ଓ ଅତିଥିମାନେ ଘରକୁ ଆସନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ପାରମ୍ପରିକ ଶାସ୍ତ୍ରୀୟ ସଙ୍ଗୀତ ଏବଂ ନୃତ୍ୟ କରନ୍ତି ଲୋକେ ।

ରାଜସ୍ଥାନ: ରାଜସ୍ଥାନରେ ରାଜକୀୟ ଢ଼ଙ୍ଗରେ ନବରାତ୍ରି ପାଳନ କରାଯାଏ । ଉଦୟପୁର ଏବଂ ଯୋଧପୁରରେ ଥିବା ବିଳାସପୂର୍ଣ୍ଣ ପ୍ରାସାଦରେ ପାରମ୍ପରିକ ସଙ୍ଗୀତ, ନୃତ୍ୟ ଏବଂ ରାଜକୀୟ ଶୋଭାଯାତ୍ରା ସହିତ ନବରାତ୍ରି କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ମହିଳାମାନେ ଉତ୍କୃଷ୍ଟ ରାଜସ୍ଥାନୀ ପୋଷାକ ପିନ୍ଧି ଏହି ଉତ୍ସବକୁ ପାଳନ କରନ୍ତି ।

କେରଳ: କେରଳରେ, ନବରାତ୍ରି ଜ୍ଞାନ ଏବଂ କଳାର ଦେବୀ ମା' ସରସ୍ୱତୀଙ୍କୁ ପୂଜା କରାଯାଏ । ଛାତ୍ରଛାତ୍ରୀମାନେ ଦେବୀଙ୍କ ଆଶୀର୍ବାଦ ପାଇଁ ତାଙ୍କ ମୂର୍ତ୍ତି ସମ୍ମୁଖରେ ସେମାନଙ୍କର ପୁସ୍ତକ ଏବଂ ବାଦ୍ୟଯନ୍ତ୍ର ରଖନ୍ତି । ଏହାକୁ ଆୟୁଧ ପୂଜା ମଧ୍ୟ କୁହାଯାଏ । କାରଣ ଏହି ସମୟରେ ବିଭିନ୍ନ ଉପକରଣ ଏବଂ ଯାନର ପୂଜା କରାଯାଏ । ପୂଜା ପାଇଁ ଲୋକେ ବ୍ୟବହାର କରୁଥିବା ଉପକରଣ, ଯାନବାହନ ଏବଂ ଯନ୍ତ୍ରପାତି ସଫା କରି ଏହାକୁ ସଜାଇଥାନ୍ତି ।

ଓଡ଼ିଶା: ଓଡ଼ିଶାରେ, ନବରାତ୍ରିକୁ ଦୁର୍ଗାପୂଜା ଭାବରେ ପାଳନ କରାଯାଏ, ଯାହା ଶେଷ ଚାରି ଦିନ: ସପ୍ତମୀ, ଅଷ୍ଟମୀ, ନବମୀ ଏବଂ ଦଶମୀକୁ କେନ୍ଦ୍ରିତ କରିଥାଏ । ଭକ୍ତମାନେ ଦେବୀ ଦୁର୍ଗାଙ୍କ ପ୍ରତିମା ସହିତ ବଡ଼ ବଡ଼ ମଣ୍ଡପ ନିର୍ମାଣ କରନ୍ତି, ଯାହାକୁ ବିଜୟା ଦଶମୀ ପରେ ଜଳାଶୟରେ ବିସର୍ଜନ କରାଯାଏ । ଉତ୍ସବଗୁଡ଼ିକରେ ଦୈନନ୍ଦିନ ରୀତିନୀତି, ମନ୍ତ୍ର ପାଠ, କୁମାରୀ ପୂଜା ଏବଂ ସନ୍ଧି ପୂଜା ଅନ୍ତର୍ଭୁକ୍ତ । ଏହି ସମୟରେ ରାସ୍ତାଗୁଡ଼ିକୁ ଆଲୋକମାଳାରେ ସଜାଯାଇଥାଏ ଏବଂ ସାଂସ୍କୃତିକ ସଙ୍ଗୀତ, ପାରମ୍ପରିକ ନୃତ୍ୟ ସହିତ ଲୋକେ ଏହି ଉତ୍ସବ ପାଳନ କରିଥାନ୍ତି ।

# କୁମାରୀ କନ୍ୟା ମା' ଦୁର୍ଗାଙ୍କ ପରି ପବିତ୍ର ଓ ପୂଜନୀୟା

ନବରାତ୍ରି ସମୟରେ କୁନି ଝିଅମାନେ ପାଲଟିଯାଆନ୍ତି ଦେବୀ । ସେତେବେଳେ ବଡ଼ମାନେ ସେମାନଙ୍କ ପାଦଛୁଇଁ ଆଶୀର୍ବାଦ ନେଇଥାନ୍ତି । ଏଭଳି ବିସ୍ମୟ ପଛରେ ରହିଛି ବିଶ୍ୱାସ । କୁମାରୀ କନ୍ୟା ମା' ଦୁର୍ଗାଙ୍କ ପରି ପବିତ୍ର ଓ ପୂଜନୀୟା ବୋଲି ଶାସ୍ତ୍ରରେ ଅଭିହିତ କରାଯାଇଛି । ସପ୍ତମୀ ତିଥିରୁ କନ୍ୟାପୂଜନ ଆରମ୍ଭ ହୁଏ । ଅଷ୍ଟମୀ ଓ ନବମୀ ତିଥିରେ କନ୍ୟାମାନଙ୍କୁ ଦେବୀଙ୍କ ପ୍ରତିନିଧି ସ୍ୱରୂପ ପୂଜାର୍ଚ୍ଚନା କରାଯାଏ । ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ କୁମାରୀ କନ୍ୟାମାନଙ୍କୁ ପୂଜା କରାଯାଇଥାଏ । ଏପରିକି ପଡ଼ୋଶୀ ରାଷ୍ଟ୍ର ନେପାଳରେ ମଧ୍ୟ କୁମାରୀ ପୂଜନର ପୃଥକ୍ ପରମ୍ପରା ରହିଛି । କୁମାରୀ ପୂଜନର ବିଭିନ୍ନ ଦିଗକୁ ନେଇ ଏଥରର ପ୍ରମୁଖ ପ୍ରସଙ୍ଗ ।

ଭାରତୀୟ ସଂସ୍କୃତିରେ ନାରୀ ହିଁ ନାରାୟଣୀ; ଅର୍ଥାତ୍ ସେ ଗୃହର ସର୍ବମୟୀ କର୍ତ୍ତ୍ରୀ । ପାର୍ବତୀ ରୂପେ ସେ ବଶମ୍ବଦା ପତ୍ନୀ, ଲକ୍ଷ୍ମୀ ରୂପେ ଗୃହିଣୀ ଓ ସରସ୍ୱତୀ ରୂପେ ପରିବାରର ଆଦ୍ୟ ଶିକ୍ଷୟିତ୍ରୀ । ଅନ୍ନପୂର୍ଣ୍ଣା ରୂପେ ସେ ପରିବାର ଏବଂ ଅତିଥିମାନଙ୍କର କ୍ଷୁଧାତୃଷା ନିବାରଣରେ ମୁଖ୍ୟ ଭୂମିକା ତୁଲାଏ । ଆବଶ୍ୟକ ସ୍ଥଳେ କାଳୀ ରୂପ ଧାରଣକରି ସେ ଦଣ୍ଡ ପ୍ରଦାନ କରିଥାଏ । ଏଣୁ ଭାରତୀୟ ପରମ୍ପରାରେ ସକଳ ଦେବୀଙ୍କ ପ୍ରତିଭୂ ଭାବେ ନାରୀ ଆରାଧନାକୁ ଅଗ୍ରାଧିକାର ଦିଆଯାଇଛି । ପୂଜାପର୍ବାଣି ଓ ଧର୍ମୀୟ ପରମ୍ପରାରେ ମଧ୍ୟ ଏହାକୁ ସଂଯୁକ୍ତ କରାଯାଇଛି । ଏହି କ୍ରମରେ ନବରାତ୍ରି ଓ ଦଶହରା ସମୟରେ ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ କୁମାରୀ କନ୍ୟାମାନଙ୍କୁ ପୂଜା କରାଯାଇଥାଏ । ଏହା ସମାଜରେ ନାରୀର ମାହାତ୍ମ୍ୟ ସୂଚାଇବା ସହ ସେମାନଙ୍କୁ ନିଜର ଭୂମିକା ଓ ଗୁରୁତ୍ୱ ସଂପର୍କରେ ଅବଗତ କରାଇଥାଏ ।

ଚଳିତବର୍ଷ ଶାରଦୀୟ ନବରାତ୍ରି ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୨ରେ ଶେଷହେଉଛି । ଏହି ନଅଦିନ ମୁଖ୍ୟତଃ ଉପବାସ ପାଳନକରି ଦେବୀଙ୍କ ଆରାଧନା କରାଯାଏ । ନବରାତ୍ରି ବେଳେ ସପ୍ତମୀ ତିଥିରୁ କନ୍ୟାପୂଜନ ଆରମ୍ଭ ହୁଏ । ଅଷ୍ଟମୀ ଓ ନବମୀ ତିଥିରେ କନ୍ୟାମାନଙ୍କୁ ଦେବୀଙ୍କ ପ୍ରତିନିଧି ସ୍ୱରୂପ ପୂଜାର୍ଚ୍ଚନା କରାଯାଏ । ଦେଶର କେତେକ ପ୍ରାନ୍ତରେ ଛୋଟ ଛୋଟ ଝିଅଙ୍କୁ ଘରକୁ ଆମନ୍ତ୍ରଣକରି ଭୋଜନ ଦିଆଯାଇ ତୃପ୍ତ କରିବା ପରମ୍ପରା ବି ରହିଛି । କେତେକ ହୁଏତ ଭାବୁଥିବେ, କନ୍ୟା ବା ଝିଅମାନଙ୍କୁ ପୂଜା କରାଯିବାର ତାତ୍ପର୍ଯ୍ୟ କ'ଣ ? କୁମାରୀ କନ୍ୟା ମା' ଦୁର୍ଗାଙ୍କ ପରି ପବିତ୍ର ଓ ପୂଜନୀୟା ବୋଲି ଶାସ୍ତ୍ରରେ ଅଭିହିତ କରାଯାଇଛି । ରଜସ୍ୱଳା ହୋଇ ନଥିବା ଝିଅଙ୍କୁ ଦୁର୍ଗାଙ୍କ ସ୍ୱରୂପ ବୋଲି ବିବେଚନା କରି ପୂଜାକରିବା ସହ ଭୋଜନାର୍ପଣ କରାଯାଏ । ଶାସ୍ତ୍ର କହେ, ହୋମ, ଜପ ଓ ଦାନ ଦ୍ୱାରା ମା' ଯେତିକି ସନ୍ତୁଷ୍ଟ ହୋଇ ନଥା'ନ୍ତି, କନ୍ୟାଙ୍କୁ ପୂଜା କଲେ ତା'ଠାରୁ ଅଧିକ ସନ୍ତୁଷ୍ଟ ହୋଇଥା'ନ୍ତି । ବିଧିସମ୍ମତ ଓ ଶ୍ରଦ୍ଧାପୂର୍ବକ କୁମାରୀପୂଜନ ହୃଦୟରୁ ଭୟ ଦୂରକରେ ବୋଲି ଲୋକବିଶ୍ୱାସ ରହିଛି । କନ୍ୟାପୂଜନ ପାଇଁ ୨ରୁ ୧୦ ବର୍ଷୀୟା କନ୍ୟାଙ୍କୁ ହିଁ ଚୟନ କରାଯାଏ । ୯ଜଣ କନ୍ୟାଙ୍କୁ ଘରକୁ ଆମନ୍ତ୍ରଣକରି ସସମ୍ମାନ ସ୍ୱତନ୍ତ୍ର ଆସନ ଦିଆଯାଏ । ପାଦଧୋଇ ବସାଇବା ପରେ ମଥାରେ ସିନ୍ଦୂରଦେଇ ନାଲିରଙ୍ଗର ଓଢ଼ଣି ପକାଯାଏ । ଦେବୀଙ୍କୁ ସ୍ମରଣକରି ବା ମା' ଦୁର୍ଗାଙ୍କ ମନ୍ତ୍ର ଜପି ପୂଜାର୍ଚ୍ଚନା ଓ ପ୍ରସାଦ ଅର୍ପଣ କରାଯାଏ । ଏହାପରେ ନବକନ୍ୟାଙ୍କୁ ଭୋଜନ ପରଷାଯାଏ । ଶେଷରେ ଦାନଦକ୍ଷିଣା ସହ ସେମାନଙ୍କ ପାଦଛୁଇଁ ଆଶୀର୍ବାଦ ନିଆଯାଏ । କେତେକ ଅଞ୍ଚଳରେ କନ୍ୟାପୂଜନ ବେଳେ ଜଣେ ବାଳକକୁ ବାବା ଭୈରବଙ୍କ ସ୍ୱରୂପ ଭାବେ ପୂଜା କରାଯିବାର ବିଧି ଅଛି ।

ପୁରାଣରେ କନ୍ୟା ପୂଜନ

ପୌରାଣିକ ଆଖ୍ୟାନ ଅନୁସାରେ, ଇନ୍ଦ୍ର ବ୍ରହ୍ମାଙ୍କୁ ମା' ଭଗବତୀଙ୍କୁ ପ୍ରସନ୍ନ କରିବାର ଉପାୟ ପଚାରିଲାରୁ ବ୍ରହ୍ମା କୁମାରୀ ପୂଜା ସର୍ବୋତ୍ତମ ଉପାୟ ବୋଲି ତାଙ୍କୁ କହିଥିଲେ । ସେହି ବିଧି ଅନୁସାରେ ନଅଜଣ କୁମାରୀଙ୍କୁ ଘରକୁ ଡାକି ତାଙ୍କ ପାଦଧୋଇ, କୁଙ୍କୁମ ଲଗାଇ ପୂଜା କରାଯାଏ । ଏହାପରେ ତାଙ୍କୁ ବସ୍ତ୍ର, ଗହଣା, ଫଳ ଓ ଅନ୍ନ ଆଦି ଦିଆଯାଏ । ପ୍ରତିପଦରୁ ଆରମ୍ଭକରି ନବମୀ ପର୍ଯ୍ୟନ୍ତ ପ୍ରଥମ ଦିନ ଜଣେ, ଦ୍ୱିତୀୟ ଦିନ ଦୁଇଜଣ, ତୃତୀୟ ଦିନ ତିନିଜଣ, ଏହିଭଳି ନବମୀ ଦିନ ନଅଜଣ କୁମାରୀଙ୍କୁ ପୂଜାକରି ଭୋଜନ ଦେଲେ ମନମୁତାବକ ଫଳ ମିଳେ ବୋଲି ବିଶ୍ୱାସ ରହିଛି । ଅଷ୍ଟମୀ ଦିନ ମହାଗୌରୀଙ୍କର ଉପାସନା କରାଯାଏ । କନ୍ୟାପୂଜନ ଦ୍ୱାରା ସମ୍ମାନ, ଲକ୍ଷ୍ମୀ, ବିଦ୍ୟା ଓ ତେଜ ପ୍ରାପ୍ତି ହୋଇଥାଏ । ଭୟ, ବାଧା ଓ ଶତ୍ରୁ ବିନାଶ ମଧ୍ୟ ହୋଇଥାଏ ।

ଦେଶରେ କେଉଁଠି

ଭାରତର ଅଧିକାଂଶ ପ୍ରାନ୍ତରେ କୁମାରୀ ପୂଜନ ପ୍ରଚଳିତ ଥିଲେ ହେଁ ଦିଲ୍ଲୀ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗ ସମେତ ଉତ୍ତର ଓ ପୂର୍ବ ଭାରତରେ ନବରାତ୍ର ସମୟରେ ସ୍ଥାନୀୟ ପରମ୍ପରା ମୁତାବକ ଆଡ଼ମ୍ବର ସହକାରେ କନ୍ୟାପୂଜନ କରାଯାଏ । ସଂସ୍କୃତି ଗବେଷକଙ୍କ ମତାନୁସାରେ, ଓଡ଼ିଶା ଓ ଉତ୍ତରାଖଣ୍ଡ ଭଳି ରାଜ୍ୟର ଏହା ମୌଳିକ ପରମ୍ପରା ହୋଇ ନ ଥିଲେ ବି କାଳକ୍ରମେ ଗ୍ରହଣୀୟ ହୋଇଛି ।

ପଶ୍ଚିମ ଭାରତରେ, ବିଶେଷକରି ଗୁଜରାଟରେ ଧୁମ୍‌ଧାମ୍‌ରେ ନବରାତ୍ରି ପାଳନ କରାଯାଏ । ସେଠାରେ ଝିଅବୋହୂମାନେ ଦାଣ୍ଡିଆ ଓ ଗରବା ନୃତ୍ୟ କରିବା ପରମ୍ପରା ରହିଛି । ପୁଣି ବିଶ୍ୱାସ ପ୍ରଚଳିତ ଅଛି ଯେ ଏହି ନୃତ୍ୟକଲେ ଝିଅମାନଙ୍କର ଗର୍ଭାଶୟ ଶକ୍ତ ହୋଇଥାଏ ଏବଂ ସେମାନେ ସନ୍ତାନ ପ୍ରସବ ଶକ୍ତି ହାସଲ କରିପାରନ୍ତି ।

ନଅ ଦିନରେ ଦେବୀଙ୍କ ନଅରୂପ

ନବରାତ୍ରିରେ ଦେବୀଙ୍କୁ ନଅ ଦିନରେ ନବମାତୃକା ଭାବେ ଆରାଧନା କରାଯାଇଥାଏ ।

ପ୍ରଥମ ଦିନ ମାତା ଶୈଳପୁତ୍ରୀ: ହିମାଳୟଙ୍କ କନ୍ୟା ରୂପେ ଜାତ ମାତାଙ୍କୁ ଶୈଳପୁତ୍ରୀ କୁହାଯାଏ । ନାରୀ ଜୀବନର ବାଲ୍ୟାବସ୍ଥାରେ ମାତୃରୂପ ଅନୁଭବକରି ପୂଜନ ପାଇଁ ଏହି ରୂପ ଉଦ୍ଦିଷ୍ଟ ।

ଦ୍ୱିତୀୟ ଦିନ ମାତା ବ୍ରହ୍ମଚାରିଣୀ: ଜନ୍ମ ପରେ ଝିଅ କିଶୋରୀ ଏବଂ ପରେ ବିବାହଯୋଗ୍ୟା ହେଲେ ଭଲ ବର ନିମନ୍ତେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନହୁଏ ।

ତୃତୀୟ ଦିନ ମାତା ଚନ୍ଦ୍ରଘଣ୍ଟା: ଯୁବତୀ ତା' କୁମାରୀତ୍ୱକୁ ସୁରକ୍ଷିତ ରଖିବା ପାଇଁ ଘଣ୍ଟା ଶବ୍ଦ ବ୍ୟବହାର କରିଥାଏ । ଘଣ୍ଟା ବଜାଇ ନାରୀ ପ୍ରତିପକ୍ଷକୁ ଭୟଭୀତ କରାଇ ସମାଜକୁ ସତର୍କ କରାଇଥାଏ । ଏହି ରୂପ ଚନ୍ଦ୍ରଘଣ୍ଟା ଭାବେ ନାମିତ ।

ଚତୁର୍ଥ ଦିନ ମାତା କୁଷ୍ମାଣ୍ଡା: ଉପଯୁକ୍ତ ବର ପ୍ରାପ୍ତିପରେ ନାରୀ ସନ୍ତାନସମ୍ଭବା ହୋଇଥାଏ । କୁ+ଉଷ୍ମ+ଅଣ୍ଡ= କୁଷ୍ମାଣ୍ଡ । ସ୍ତ୍ରୀଲିଙ୍ଗରେ ଏହା କୁଷ୍ମାଣ୍ଡା ବା ସନ୍ତାନସମ୍ଭବା । ତେଣୁ ନାରୀଙ୍କୁ ଅଗ୍ରପୂଜ୍ୟା ବୋଲି ବିବେଚନା କରାଯାଏ ।

ପଞ୍ଚମ ଦିନ ମାତା ସ୍କନ୍ଦମାତା: ଦେବ ସେନାପତି କାର୍ତ୍ତିକଙ୍କ ଅନ୍ୟନାମ ସ୍କନ୍ଦ । ଏଠାରେ ଦେବୀ ତାଙ୍କ ମାତା ରୂପେ ଅଭିଷିକ୍ତା । ସନ୍ତାନ ଲାଳନପାଳନ ଭଳି ସାଧନା ପାଇଁ ସମାଜ ମାତୃରୂପା ନାରୀ ନିକଟରେ ଚିରଋଣୀ ।

ଷଷ୍ଠ ଦିନ ମାତା କାତ୍ୟାୟନୀ: ମହିଷାସୁର ଅତ୍ୟାଚାରରେ ତ୍ରିପୁର ଥରହର ହେବାରୁ ଦେବତାଙ୍କ ତେଜପୁଞ୍ଜରୁ ଦେବୀ ସୃଷ୍ଟି ହେଲେ । ମାତ୍ର ଦେବତାଙ୍କ ତେଜପୁଞ୍ଜ ଊଣା ହେବାରୁ କାତ୍ୟାୟନ ଋଷି ତାଙ୍କ ତେଜ ଦାନ କଲେ । ବୀରା ଗୁଣଯୁକ୍ତହୋଇ ସେ ମହିଷାସୁର ବଧ କଲେ । ତେଣୁ ତାଙ୍କ ନାମ କାତ୍ୟାୟନୀ ।

ସପ୍ତମ ଦିନ ମାତା କାଳରାତ୍ରି: ସର୍ବଂସହା ନାରୀ ପରିବାରର ବିପଦ ଓ ଦୁଃଖ ଏଡ଼ାଇବା ପାଇଁ ସାଜେ ଉଗ୍ର କାଳୀ । କାଳରାତ୍ରି ନାରୀର ସବୁଠାରୁ ଭୟଙ୍କର ରୂପ ।

ଅଷ୍ଟମ ଦିନ ମାତା ମହାଗୌରୀ: ଅଷ୍ଟମ ସମ୍ମାନ ତଥା ଶୁଭଙ୍କର ଅବସ୍ଥା ଭାବେ ବିବେଚିତ । ତ୍ୟାଗ, ଶୌର୍ଯ୍ୟ, ପରାକ୍ରମ, ସଂଯମ, ସହନଶୀଳତା, ସୁରକ୍ଷା, ଆଦି ସୁଗୁଣ ପୁଣି ଆବଶ୍ୟକ ସ୍ଥଳେ କରାଳ ରୂପ ଧାରଣକରି ସମାଜରୁ ସମ୍ମାନ ପାଇଲେ ନାରୀ ଶାନ୍ତ ରୂପରେ ମାତାମହୀ ରୂପେ ଅବତୀର୍ଣ୍ଣ ହୁଏ । ସେଥିପାଇଁ ସେ ମହାଗୌରୀ ଭାବେ ପୂଜନୀୟା ।

ନବମ ଦିନ ମାତା ସିଦ୍ଧିଦାତ୍ରୀ: ଅନ୍ତିମ ଦିବସରେ ମା' ଦୁର୍ଗାଙ୍କୁ ସିଦ୍ଧିଦାତ୍ରୀ ରୂପେ ପୂଜା କରାଯାଏ । ଏହି ରୂପରେ ପଦ୍ମାସନା ଦେବୀ ଚତୁର୍ଭୁଜା ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥାନ୍ତି । ଏଥିସହ ନବରାତ୍ର ନବଦୁର୍ଗା ପୂଜା ସମ୍ପୂର୍ଣ୍ଣ ହୋଇଥାଏ ।

ପୁରୀରେ କୁଆଁରୀଙ୍କ ନେତପର୍ବ

ବଳିରେ ବଳି, ନକର ଅଳି, କାଲି ଆଣିଦେବି ସରୁଚକୁଳି... । ସରୁଚକୁଳିର ଉପରେ ମହୁ, ଧୂପ, ଖଟିଗଲେ ରଜାଙ୍କ ବହୂ... । ମାର୍କଣ୍ଡ ପୁଷ୍କରିଣୀ କୂଳରେ ସେବାୟତଘର କୁନି କୁନି ଝିଅଙ୍କ ମୁହଁରୁ ଉତୁରିଥାଏ ଏହି ପଂକ୍ତି । ଯୋଗ୍ୟ ବର, ଭଲ ଘର ପାଇବା ପାଇଁ କିଛି ସେବାୟତଙ୍କ ପରିବାରର କୁନି ଝିଅମାନଙ୍କୁ ନେଇ 'ନେତପର୍ବ' ପାଳନ ହୁଏ । ବାଜୁବନ୍ଧ, ବାହୁଟି, କଙ୍କଣ, ଚୁଡ଼ି, ମଥାମଣି, ହାରମାଳା, ଓଡ଼ିଆଣୀ ଆଦି ସ୍ୱର୍ଣ୍ଣ ଅଳଙ୍କାର ପରିଧାନକରି ଦେବୀ ବେଶରେ ସୁସଜ୍ଜିତା କୁନି ଝିଅମାନେ ସକାଳୁ ଆସି ଏହି ପୂଜା କରନ୍ତି । ଏହା ଆଶ୍ୱିନ ପ୍ରତିପଦଠାରୁ ଆରମ୍ଭ ହୁଏ । ଅଢ଼େଇ ବର୍ଷରୁ ୧୦ ବର୍ଷ ବୟସ ମଧ୍ୟରେ କୁନି ଝିଅମାନେ କରନ୍ତି ନେତକନ୍ୟା ଉତ୍ସବ । ଶିବଙ୍କୁ ପାଇବା ପାଇଁ ଦେବୀ ପାର୍ବତୀ ଏହି ପୂଜା କରିଥିବାରୁ ସେବାୟତ ଘରେ ଏହା ପାଳନ କରାଯାଏ ବୋଲି କଥିତ ଅଛି । କୁମାରପୂର୍ଣ୍ଣମୀ ଦିନ ମାନସିକ ଗୁଆ ବିସର୍ଜନ ପରେ ଚାନ୍ଦଉତ୍ସବ କରି ନଡ଼ିଆରେ ଖିରି ରାନ୍ଧି ଖାଇବା ବିଧି ରହିଛି ।

ନେପାଳର କୁମାରୀ ଦେବୀ: ହସ ଲୁହରେ ଦେଶର ଭାଗ୍ୟ

ନେପାଳରେ ରାଜନୈତିକ ଅସ୍ଥିରତା ଚାଲିଥିବା ବେଳେ ସୋସିଆଲ୍ ମିଡିଆରେ ଏ ବିଷୟରେ ଭିନ୍ନ ଚର୍ଚ୍ଚା ଚାଲିଛି । କିଛି ନେପାଳବାସୀ ଦାବି କରିଥିଲେ ଯେ ପୂର୍ବରୁ ହିଁ ଦେବୀ ଏହି ଅନିଷ୍ଟର ସଙ୍କେତ ଦେଇଥିଲେ । ସେଠାକାର କିଛି ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଇନ୍ଦ୍ର ଯାତ୍ରା ଭିଡିଓ ସେୟାର୍ କରିଥିଲେ । କୁହାଯାଉଛି ଯେ ଯାତ୍ରା ବେଳେ କୁମାରୀ ଦେବୀ ଭାବପ୍ରବଣ ଦିଶୁଛନ୍ତି । ଏହା କୌଣସି ଅନିଷ୍ଟର ପୂର୍ବ ସଙ୍କେତ । ସ୍ଥାନୀୟ ଭାଷାରେ ଏହି ଦେବୀଙ୍କୁ 'କୁମାରୀ ମାଜୁଦେବୀ' କହନ୍ତି । ଏବେ ଭାଇରାଲ୍ ହେଉଥିବା ଭିଡିଓରେ ଦେବୀ ରୂପଧାରୀ କୁନିଝିଅଟି କାନ୍ଦୁଥିବା ଦେଖାଯାଉଛି । ଦେବୀଙ୍କର ଏଭଳି ଭାବକୁ ନେପାଳର ବିନାଶ ସହିତ ଯୋଡ଼ାଯାଉଛି । ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ୨୦୧୫ରେ ନେପାଳରେ ୭.୮ ତୀବ୍ର ଭୂକମ୍ପରେ ପ୍ରାୟ ୯ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୦ ଲକ୍ଷରୁ ଅଧିକ ଘର ନଷ୍ଟ ହୋଇଯାଇଥିଲା । ସେହି ସମୟରେ କୁମାରୀ ଦେବୀ କ୍ରୋଧିତ ହେବା କଥା କୁହାଯାଇଥିଲା ।

ନେପାଳ ସଂସ୍କୃତି ଅନୁସାରେ, ଶହ ଶହ ବର୍ଷ ଧରି କୁମାରୀ ଦେବୀ ବାଛିବାର ପରମ୍ପରା ଚାଲିଆସୁଛି । ଯେଉଁ କୁମାରୀ ଝିଅଠାରେ ଦୈବୀ ଲକ୍ଷଣ ଦେଖାଯାଏ ଏବଂ ଯିଏ ଦେବୀ ହେବାର ସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି, ତାଙ୍କୁ କୁମାରୀ ଦେବୀ ଭାବରେ ବଛାଯାଏ । ଏହି ଦେବୀ ନେପାଳ ଲୋକଙ୍କୁ ବିପଦରୁ ରକ୍ଷାକରନ୍ତି । ପର୍ବପର୍ବାଣିରେ ଦେବୀଙ୍କୁ ତାଙ୍କ ଆବାସ ବାହାରକୁ ଅଣାଯାଏ ଏବଂ ଦର୍ଶନ ପାଇଁ ଲୋକଙ୍କ ଭିଡ଼ ଜମେ । କୁମାରୀ ଦେବୀଙ୍କୁ ତାଙ୍କର ମାସିକ ଧର୍ମ ଆରମ୍ଭ ନହେବା ପର୍ଯ୍ୟନ୍ତ ଏହି ପଦରେ ରଖାଯାଏ । ଏହାପରେ ତାଙ୍କୁ ପଦରୁ ହଟାଯାଏ ଏବଂ ନୂଆ କୁମାରୀ ଦେବୀଙ୍କ ସନ୍ଧାନ ଆରମ୍ଭ ହୁଏ । ତେବେ ପଦରୁ ହଟାଯିବା ପରେ ତାଙ୍କୁ ଆଜୀବନ ପେନ୍‌ସନ୍ ଓ ସମ୍ମାନ ମିଳେ । ନେପାଳର ଲୋକ କହନ୍ତି ଯେ କୁମାରୀ ଦେବୀ ହେଉଛନ୍ତି ସାକ୍ଷାତ ମା' କାଳୀ । ଯାତ୍ରାବେଳେ ସେ କେଉଁ ଭକ୍ତଙ୍କୁ କିମ୍ବା ସମସ୍ତ ଭକ୍ତଙ୍କୁ ଦେଖି ହସିଲେ ବର୍ଷଟି ସୁଖ-ସମୃଦ୍ଧିରେ କଟେ, କିନ୍ତୁ ସେ ଯଦି କାନ୍ଦନ୍ତି ତେବେ ଦେଶରେ ଅନିଷ୍ଟ ଘଟେ ।

ପଶ୍ଚିମ ଓଡ଼ିଶାରେ କନ୍ୟାପୂଜନ

ଆଶ୍ୱିନ ମାସରେ ପଶ୍ଚିମ ଓଡ଼ିଶାରେ ନବରାତ୍ରି ପୂଜା ଆଡ଼ମ୍ବର ସହକାରେ ପାଳନ କରାଯାଏ । ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟି ସମୀର ପ୍ରଧାନ କହିଛନ୍ତି, ଏହିଦିନ ମା'ଙ୍କ ପୂଜା ସହିତ କନ୍ୟାପୂଜନ କରାଯାଏ । ନବମୀ ଦିନ ଉଚିତ ଲଗ୍ନରେ ଏହି ପୂଜା କରିବାର ବିଧି ରହିଛି । ମା'ଙ୍କ ପୂଜା ପରେ ପରେ ୯ଜଣ ଶିଶୁକନ୍ୟାଙ୍କୁ ବସାଇ ସେମାନଙ୍କୁ ଠାକୁରାଣୀ ବେଶକରି ବନ୍ଦାପନା କରାଯାଏ । ତା'ପରେ ମନ୍ଦିର ପରିକ୍ରମା କରାଯାଏ । ଏହାପରେ ଝିଅମାନଙ୍କୁ ଅନ୍ୟ ପୀଠଗୁଡ଼ିକୁ ଦର୍ଶନ ପାଇଁ ନିଆଯାଏ । ସେମିତି ଅନ୍ୟ ପୀଠରେ ଯେଉଁ ଝିଅମାନଙ୍କୁ ପୂଜା କରାଯାଏ ସେମାନେ ମା'ଙ୍କ ଦର୍ଶନ ପାଇଁ ସମଲେଶ୍ୱରୀ ମନ୍ଦିରକୁ ଆସିଥାନ୍ତି ।

# ନବଦୁର୍ଗା: କୁଷ୍ମାଣ୍ଡା, ସ୍କନ୍ଦମାତା ଓ କାତ୍ୟାୟନୀ

ପ୍ରଥମ ତିନି ଦୁର୍ଗା- ଶୈଳପୁତ୍ରୀ, ବ୍ରହ୍ମଚାରିଣୀ ଓ ଚନ୍ଦ୍ରଘଣ୍ଟାଙ୍କ ପରେ, ପରବର୍ତ୍ତୀ ତିନି ଦୁର୍ଗା ହେଉଛନ୍ତି- କୁଷ୍ମାଣ୍ଡା, ସ୍କନ୍ଦମାତା ଓ କାତ୍ୟାୟନୀ । ଏମାନେ ଯଥାକ୍ରମେ ନବରାତ୍ରିର ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଦିବସର ଉପାସ୍ୟା ।

କୁଷ୍ମାଣ୍ଡା:

କୁଷ୍ମାଣ୍ଡା ମା' ଦୁର୍ଗାଙ୍କର ଚତୁର୍ଥ ରୂପ । ତତ୍ତ୍ୱ ଅନୁସାରେ, ସେ ଈଷତ୍ ହାସ୍ୟ ସହିତ ଅଣ୍ଡ ବା ବ୍ରହ୍ମାଣ୍ଡର ସୃଷ୍ଟି କରାନ୍ତି । ସେଥିପାଇଁ ତାଙ୍କର ନାମ କୁଷ୍ମାଣ୍ଡା । ଯେତେବେଳେ, ଏ ଜଗତ୍ ବା ସଂସାରର ଅସ୍ତିତ୍ୱ ନ ଥିଲା, ସବୁକିଛି ଅନ୍ଧକାରରେ ନିମଜ୍ଜିତ ରହିଥିଲା, ସେତେବେଳେ ଏହି ଦେବୀ ତାଙ୍କର ମୃଦୁହାସ୍ୟ ଦ୍ୱାରା ବ୍ରହ୍ମାଣ୍ଡର ସୃଷ୍ଟି କରିଥିଲେ । ସେଥିପାଇଁ ସେ ଏ ସଂସାରର ଆଦିରୂପା, ଆଦିଶକ୍ତି । ସୂର୍ଯ୍ୟମଣ୍ଡଳର ଅନ୍ତର୍ଲୋକରେ ସେ ନିବାସ କରନ୍ତି । ସେଥିପାଇଁ ତାଙ୍କର ଅଙ୍ଗକାନ୍ତି ଉଜ୍ଜ୍ୱଳ, ସୂର୍ଯ୍ୟସମ । ତାଙ୍କ ପରି ଭାସ୍ୱର ଶରୀର ଅନ୍ୟ କାହାର ନାହିଁ । ଦଶଦିଗ ତାଙ୍କରି ତେଜରେ ପ୍ରକାଶମାନ ହୋଇଛନ୍ତି । ବ୍ରହ୍ମାଣ୍ଡର ସମସ୍ତ ବସ୍ତୁ ଓ ପ୍ରାଣୀମାନଙ୍କର ସମସ୍ତ ତେଜ ତାଙ୍କରି ଛାୟା ।

ଦେବୀ କୁଷ୍ମାଣ୍ଡା ଅଷ୍ଟଭୁଜା । ସେ ତାଙ୍କର ସାତ ହାତରେ- କମଣ୍ଡଳୁ, ଧନୁ, ବାଣ, ପଦ୍ମପୁଷ୍ପ, ଅମୃତ କଳସ, ଚକ୍ର ଓ ଗଦା ଧାରଣ କରନ୍ତି । ତାଙ୍କର ଅଷ୍ଟମ ହସ୍ତରେ ସିଦ୍ଧି ଓ ନିଧି ପ୍ରଦାନକାରୀ ଜପମାଳା ଶୋଭିତ । ତାଙ୍କର ବାହନ ସିଂହ । ତାହାଙ୍କୁ କୁଷ୍ମାଣ୍ଡ ବଳି ପ୍ରଦାନ କରାଯାଏ । ନବରାତ୍ରିର ଚତୁର୍ଥ ଦିନ ଏହି ଦେବୀଙ୍କୁ ଉପସନା କରିବା ସମୟରେ ସାଧକଙ୍କର ମନ ଅନାହତ ଚକ୍ରରେ ଅବସ୍ଥାନ କରେ । ତାଙ୍କର ଉପାସନା ଫଳରେ, ଆୟୁ, ଯଶ, ବଳ, ବୁଦ୍ଧି ଓ ଆରୋଗ୍ୟ ଲାଭ ହୁଏ ।



ସ୍କନ୍ଦମାତା:

ସ୍କନ୍ଦମାତା ମା' ଦୁର୍ଗାଙ୍କର ପଞ୍ଚମ ରୂପ । କାର୍ତ୍ତିକେୟଙ୍କର ଅନ୍ୟ ନାମ ସ୍କନ୍ଦ । ଶିଶୁ ସ୍କନ୍ଦ ଏହାଙ୍କର କୋଳରେ ବିରାଜିତ ଥିବା ଦେଖାଯାଏ । ଏଣୁ ସେ ତାଙ୍କର ମାତା- ସ୍କନ୍ଦମାତା । ସାଧକଙ୍କର ମନ ଏହି ଦିନ ବିଶୁଦ୍ଧ ଚକ୍ରରେ ଅବସ୍ଥାନ କରେ । ଏହି ଦେବୀ ଚତୁର୍ଭୁଜା । ସେ ଗୋଟିଏ ଉର୍ଦ୍ଧ୍ୱ ହସ୍ତରେ ଶିଶୁ ସ୍କନ୍ଦଙ୍କୁ ଧରିଥିବା ବେଳେ ଉର୍ଦ୍ଧ୍ୱମୁଖୀ ଅନ୍ୟ ହସ୍ତରେ ପଦ୍ମପୁଷ୍ପ ଧାରଣ କରିଥାନ୍ତି । ତାଙ୍କର ଗୋଟିଏ ହସ୍ତ ନିମ୍ନମୁଖୀ ହୋଇ ଅଭୟ ମୁଦ୍ରାରେ ରହିଥାଏ ଏବଂ ଅନ୍ୟ ହସ୍ତଟି ଉର୍ଦ୍ଧ୍ୱମୁଖୀ ହୋଇ ପଦ୍ମପୁଷ୍ପ ଧାରଣ କରିଥାଏ । ତାଙ୍କର ଶରୀରର କାନ୍ତି ଶୁଭ୍ର । ତାଙ୍କର ବାହନ ସିଂହ । ପଞ୍ଚମ ଦିବସର ଉପାସ୍ୟା ଏହି ଦେବୀଙ୍କର ଉପାସନା କାଳରେ ସାଧକଙ୍କର ମନ ବିଶୁଦ୍ଧ ଚକ୍ରରେ ଅବସ୍ଥାନ କରେ । ସେ ନିଜ ସ୍ୱରୂପର ବିଶୁଦ୍ଧ ଚେତନା ଦିଗରେ ଅଗ୍ରସର ହୁଅନ୍ତି । ତାଙ୍କର ମନ ପରମ ଶାନ୍ତି ଓ ସୁଖ ଅନୁଭବ କରେ ଏବଂ ତାଙ୍କ ନିମନ୍ତେ ମୋକ୍ଷର ଦ୍ୱାର ଉନ୍ମୁକ୍ତ ହୋଇଯାଏ ।

କାତ୍ୟାୟନୀ: କାତ୍ୟାୟନୀ ମା' ଦୁର୍ଗାଙ୍କର ଷଷ୍ଠ ରୂପ । ଏହି ନାମର ତାତ୍ପର୍ଯ୍ୟ ରହିଛି । ମହର୍ଷି 'କତ'ଙ୍କର ପୁତ୍ର ଥିଲେ 'କାତ୍ୟ' । ସେହି ଗୋତ୍ରରେ ଜନ୍ମଗ୍ରହଣ କରିଥିଲେ କାତ୍ୟାୟନ । ସେ କଠୋର ତପସ୍ୟା କରି ମା' ଭଗବତୀଙ୍କୁ କନ୍ୟା ରୂପେ ଲାଭ କରିଥିଲେ । ସେହି କନ୍ୟା ହେଉଛନ୍ତି କାତ୍ୟାୟନୀ ।ପରବର୍ତ୍ତୀ କାଳରେ ଯେତେବେଳେ ଦୁର୍ଦ୍ଦାନ୍ତ ମହିଷାସୁରର ଉତ୍ପାତରେ ପୃଥିବୀ ଥରହର ହେଲା, ସେତେବେଳେ ଦେବଗଣଙ୍କର ସମ୍ମିଳିତ ତେଜରୁ ଏହି ଦେବୀ, ଦୁର୍ଗା ରୂପେ ଜାତ ହୋଇଥିଲେ । ସେତେବେଳେ ମହର୍ଷି କାତ୍ୟାୟନ ତାଙ୍କୁ ପ୍ରଥମେ ଆରାଧନା କରିଥିଲେ । ତେଣୁ ସେ କାତ୍ୟାୟନୀ ନାମରେ ମଧ୍ୟ ବିଖ୍ୟାତା ହେଲେ । ଏହି ଦେବୀ ଅମୋଘ ଫଳଦାୟିନୀ । ତାଙ୍କର ରୂପ ଅତ୍ୟନ୍ତ ସୁନ୍ଦର ଓ ଦିବ୍ୟ । ଶରୀରର କାନ୍ତି ସ୍ୱର୍ଣ୍ଣିମ ଓ ଉଜ୍ଜ୍ୱଳ । ସେ ଚତୁର୍ଭୁଜା । ତାଙ୍କର ଦକ୍ଷିଣ ଉର୍ଦ୍ଧ୍ୱ ହସ୍ତରେ ଅଭୟ ମୁଦ୍ରା ଏବଂ ନିମ୍ନ ହସ୍ତରେ ବରଦ ମୁଦ୍ରା ଶୋଭିତ । ବାମ ଉର୍ଦ୍ଧ୍ୱ ହସ୍ତରେ ତରବାରି ଏବଂ ନିମ୍ନ ହସ୍ତରେ ପଦ୍ମପୁଷ୍ପ ଶୋଭିତ । ଏହି ଦେବୀ ସିଂହବାହନା । ନବରାତ୍ରିର ଷଷ୍ଠ ଦିନରେ ଏହାଙ୍କର ଉପାସନା କାଳରେ ସାଧକଙ୍କର ମନ ଆଜ୍ଞାଚକ୍ରରେ ଅବସ୍ଥାନ କରେ । ଏହାଙ୍କର ଉପାସନା ଫଳରେ ରୋଗ, ଶୋକ, ସନ୍ତାପ ଓ ଭୟ ଆଦି ବିନଷ୍ଟ ହୁଏ ।

# ଆଶଙ୍କାରେ ବିରାଟ କୋହଲିଙ୍କ ଦିନିକିଆ ଭବିଷ୍ୟତ

**ମୁମ୍ବାଇ**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ବିରାଟ କୋହଲିଙ୍କ ସହ ତାଙ୍କ ଦିନିକିଆ ଭବିଷ୍ୟତ ନେଇ ଆଲୋଚନା କରିଥିଲେ, କିନ୍ତୁ କୋହଲିଙ୍କ ତରଫରୁ 'ଯୋଗାଯୋଗର ଅଭାବ' ଦେଖାଦେଇଛି ବୋଲି ରିପୋର୍ଟରୁ ଜଣାପଡ଼ିଛି। କୋହଲି ଟେଷ୍ଟ ଓ ଟି-୨୦ରୁ ଅବସର ନେଇଛନ୍ତି, କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ତାଙ୍କ ପ୍ରତ୍ୟାବର୍ତ୍ତନ ଆଶା କରାଯାଉଥିଲା। ତେବେ ଯୋଗାଯୋଗ ଅଭାବ ଯୋଗୁଁ ତାଙ୍କ ଦିନିକିଆ ଭବିଷ୍ୟତ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିସିସିଆଇ ରୋହିତ ଶର୍ମା ଓ କୋହଲିଙ୍କୁ ଅଷ୍ଟ୍ରେଲିଆ ଏ ବିପକ୍ଷ ଭାରତ ଏ ପାଇଁ ୫୦ ଓଭର ମ୍ୟାଚ୍ ଖେଳିବାକୁ ଚାହୁଁଥିଲା, କିନ୍ତୁ ଦୁହେଁ ସ୍କ୍ୱାଡ୍‌ରେ ସାମିଲ ହୋଇନାହାନ୍ତି।



ଅନ୍ୟପକ୍ଷରେ, ଭାରତ ଏ ଓ ଅଷ୍ଟ୍ରେଲିଆ ଏ ମଧ୍ୟରେ ଦ୍ୱିତୀୟ ଚାରିଦିନିଆ ମ୍ୟାଚ୍ ପୂର୍ବରୁ ଶ୍ରେୟସ ଆୟାର ଭାରତ ଏ ଅଧିନାୟକତ୍ୱ ଛାଡ଼ିଥିଲେ। ଧ୍ରୁବ ଜୁରେଲଙ୍କୁ ନୂଆ ଅଧିନାୟକ କରାଯାଇଛି। ଆୟାରଙ୍କ ବ୍ୟକ୍ତିଗତ କାରଣରୁ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସେ ଦିନିକିଆରେ ମୁଖ୍ୟ ଖେଳାଳି ହୋଇଥିଲେ ମଧ୍ୟ, ଅନ୍ୟ ଦୁଇ ଫର୍ମାଟରେ ସ୍ଥାନ ପାଇବା ତାଙ୍କ ପାଇଁ କଠିନ ହେଉଛି। ତେବେ ଭାରତର ପରବର୍ତ୍ତୀ ଟେଷ୍ଟ ସିରିଜ୍ ଅକ୍ଟୋବର ୨ରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ଆରମ୍ଭ ହେବ, ଯାହାର ଦଳ ଶୀଘ୍ର ଘୋଷଣା ହେବାର ସମ୍ଭାବନା ରହିଛି।

# ସୁଲତାନ ଜୋହର କପ୍ ହକି : ଅକ୍ଟୋବର ୧୪ରେ ପାକିସ୍ତାନକୁ ଭେଟିବ ଭାରତ

**ନୂଆଦିଲ୍ଲୀ**

ମାଲେସିଆରେ ଆସନ୍ତା ମାସରେ ଖେଳାଯିବାକୁ ଥିବା ସୁଲତାନ ଜୋହର କପ୍ ପାଇଁ ଭାରତୀୟ ୧୮ ଜଣିଆ ଜୁନିୟର ଦଳ ଘୋଷଣା କରାଯାଇଛି। ଡିଫେଣ୍ଡର ରୋହିତଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହି ଦଳରେ ୩ ଜଣ ଓଡ଼ିଆ ସାମିଲ ହୋଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅନମୋଲ ଏକ୍କା, ମିଡଫିଲ୍ଡର ଅଦ୍ରୋହିତ ଏକ୍କା ଓ ରୋଶନ କୁଜୁର। ସେମିତି ଷ୍ଟାଣ୍ଡବାଏରେ ୨ ଜଣ ଓଡ଼ିଆ ବିବେକ ଲାକ୍ରା ଓ ରୋହିତ କୁଲୁ ରହିଛନ୍ତି। ଭାରତୀୟ ଦଳ ଅକ୍ଟୋବର ୧୧ ତାରିଖରେ ଜୋହର କପ୍‌ରେ ଅଭିଯାନ ଆରମ୍ଭ କରିବ। ପ୍ରଥମ ମ୍ୟାଚ୍‌ରେ ଦଳ ଗ୍ରେଟ୍ ବ୍ରିଟେନକୁ ଭେଟିବ। ୧୨ରେ ନ୍ୟୁଜିଲାଣ୍ଡ, ୧୪ରେ ପାକିସ୍ତାନ, ୧୫ରେ ଅଷ୍ଟ୍ରେଲିଆ ଏବଂ ୧୭ରେ ଆୟୋଜକ ମାଲେସିଆକୁ ଭେଟିବ। ପୂର୍ବ ସଂସ୍କରଣରେ ଭାରତ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା। ଅକ୍ଟୋବର ୧୮ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ।



ଭାରତୀୟ ଦଳ : ଗୋଲକିପର-ବିକ୍ରମଜିତ ସିଂ ଓ ପ୍ରିନ୍ସଦୀପ ସିଂ। ଡିଫେଣ୍ଡର-ରୋହିତ (ଅଧିନାୟକ), ତାଲେମ ପ୍ରିୟବ୍ରତ, ଅନମୋଲ ଏକ୍କା, ଅମିର ଅଲି, ସୁନୀଲ, ରବନୀତ ସିଂ। ମିଡଫିଲ୍ଡର-ଅଙ୍କିତ ପାଲ, ଥୌନାଓଜାମ ଇଙ୍ଗାଲେମ୍ବା ଲୁୱାଙ୍ଗ, ଅଦ୍ରୋହିତ ଏକ୍କା, ଅରଇଜିତ ସିଂ ହୁଣ୍ଡାଲ, ରୋଶନ କୁଜୁର, ମନମିତ ସିଂ ଏବଂ ଫରୱାର୍ଡ- ଅର୍ଶଦୀପ ସିଂ, ସୌରଭ ଆନନ୍ଦ, ଅଜିତ ଯାଦବ, ଗୁରଜୋତ ସିଂ। ଷ୍ଟାଣ୍ଡବାଏ- ବିବେକ ଲାକ୍ରା, ଶ୍ରଦ୍ଧାନନ୍ଦ ତିୱାରୀ, ଥୋକଚୋମ କିଙ୍ଗସନ ସିଂ, ରୋହିତ କୁଲୁ ଓ ଦିଲରାଜ ସିଂ।

# ଟଙ୍କା ହେରଫେର ମାମଲା
# ଯୁବରାଜଙ୍କ ବୟାନ ରେକର୍ଡ କଲା ଇଡି

**ନୂଆଦିଲ୍ଲୀ**

ଭାରତର ପୂର୍ବତନ ଅଲ୍‌ରାଉଣ୍ଡର ଯୁବରାଜ ସିଂ (ଯୁବି)ଙ୍କର ମଙ୍ଗଳବାର ଅନ୍‌ଲାଇନ୍ ବେଟିଂ ଆପ୍? '୧ଏକ୍ସବେଟ୍' ସହ ଜଡ଼ିତ ଟଙ୍କା ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବୟାନ ରେକର୍ଡ କରାଯାଇଛି।

୪୩ ବର୍ଷୀୟ ଯୁବି ଏକ ଧଳାରଙ୍ଗର ଟି-ଶାର୍ଟ ପିନ୍ଧି ମଧ୍ୟାହ୍ନ ୧୨ଟା ବେଳେ ଇଡି କାର୍ଯ୍ୟାଳୟରେ ନିଜ ଆଇନଗତ ଦଳ ସହ ପହଞ୍ଚିଥିଲେ। ସେଠାରେ ତଦନ୍ତକାରୀ ଅଧିକାରୀ ଯୁବିଙ୍କୁ ପ୍ରଶ୍ନ କରିବା ସହ ପ୍ରିଭେନ୍‌ଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ) ଅଧୀନରେ ତାଙ୍କ ବୟାନ ରେକର୍ଡ କରିଥିଲେ। ତାଙ୍କ ପୂର୍ବରୁ ରବିନ୍ ଉଥପ୍ପା, ସୁରେଶ ରାଇନା ଓ ଶିଖର ଧାୱନଙ୍କ ଭଳି ପୂର୍ବତନ ଭାରତୀୟ କ୍ରିକେଟରଙ୍କୁ ସମାନ ମାମଲାରେ ଇଡି ପକ୍ଷରୁ ପଚାରଉଚରା କରାଯାଇଥିଲା।



# ପଡ଼ିଆରେ ମୁହାଁମୁହିଁ ହେଲେ ଦ୍ରାବିଡ଼-ସଚିନଙ୍କ ପୁଅ

**ନୂଆଦିଲ୍ଲୀ**

ଭାରତର ଦୁଇ ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଏବଂ ରାହୁଲ ଦ୍ରାବିଡ଼ ବର୍ଷ ବର୍ଷ ଧରି ଦେଶ ପାଇଁ ଏକାଠି ଖେଳିଥିଲେ। ସେମାନେ ଅନେକ ସ୍ମରଣୀୟ ଇନିଂସ ଖେଳିଥିଲେ। ଜଣଙ୍କୁ 'କ୍ରିକେଟର ଭଗବାନ' ଏବଂ ଅନ୍ୟ ଜଣକ 'ଦି ୱାଲ' ଭାବରେ ପରିଚିତ ହୋଇଗଲେ। ସେମାନଙ୍କ ପୁଅମାନେ ମଧ୍ୟ ସେମାନଙ୍କ ପିତାଙ୍କ ପଦାଙ୍କ ଅନୁସରଣ କରିଛନ୍ତି, ଯଦିଓ ସେମାନେ ଏକାଠି ନୁହେଁ ବରଂ ପରସ୍ପର ବିପକ୍ଷରେ ଖେଳୁଥିଲେ। ସଚିନଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଗୋଆ କ୍ରିକେଟ ଆସୋସିଏସନ ଦଳ ପାଇଁ ଖେଳିଥିଲେ ଏବଂ ରାହୁଲ ଦ୍ରାବିଡ଼ଙ୍କ ପୁଅ ସମିତ ଦ୍ରାବିଡ଼ କେଏସସିଏ ସେକ୍ରେଟାରୀ ଏକାଦଶ ପାଇଁ ଖେଳିଥିଲେ।





କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏସନ କେ. ଥିମ୍ମାପା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲା। ଏଠାରେ ଦ୍ରାବିଡ଼ ଏବଂ ସଚିନଙ୍କ ପୁଅ ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ଗୋଆ କ୍ରିକେଟ ଆସୋସିଏସନ ଦଳ ୩୩୮ ରନ କରିଥିଲା। ସଚିନଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ୨୦ ବଲରୁ ମାତ୍ର ୯ ରନ କରିଥିଲେ।

ଉଭୟଙ୍କ ମଧ୍ୟରେ ପ୍ରତିଯୋଗିତା ଦୃଷ୍ଟିରୁ, ଅର୍ଜୁନ ଜିତିଥିଲେ। ସେ ଜଣେ ବୋଲର ଥିଲେ। ସେ ବ୍ୟାଟିଂରେ ୯ ରନ କରିଥିଲେ, କିନ୍ତୁ ସେ ଅଲରାଉଣ୍ଡର ସମିତଙ୍କୁ ଅଧିକ ରନ କରିବାରୁ ମଧ୍ୟ ରୋକିଥିଲେ। ଅର୍ଜୁନ ସମିତଙ୍କୁ କ୍ୟାଚ୍ ଆଉଟ କରାଇଥିଲେ। ସମିତ ୨୬ ବଲରୁ ୯ ରନ କରିଥିଲେ। ଏଥିରେ ୨ଟି ଚୌକା ମଧ୍ୟ ଥିଲା।

ଦ୍ୱିତୀୟ ଦିନର ଖେଳ ଶେଷ ହୋଇଥିଲା କେଏସସିଏ ସେକ୍ରେଟାରୀ ଏକାଦଶ ପ୍ରଥମ ଇନିଂସରେ ୨୪୫ ରନ କରିଥିଲା। ଲୋଚନ ଏସ. ଗୌଡ଼ା ୯ ଚୌକା ସହାୟତାରେ ୮୨ ରନ କରିଥିଲେ। ଫୈଜାନ ଖାନ ୨୯ ରନ କରିଥିଲେ, ଏବଂ ଅଧିନାୟକ ନିକିନ ଜୋସ ଶୂନ୍ୟରେ ଆଉଟ ହୋଇଥିଲେ। ଅଧିନାୟକଙ୍କୁ ମଧ୍ୟ ଅର୍ଜୁନ ତେନ୍ଦୁଲକର ଆଉଟ କରିଥିଲେ।

ସମିତ ଦ୍ରାବିଡ଼ ଅକ୍ଟୋବର ୧୧ରେ ୨୦ ବର୍ଷ ବୟସରେ ପଦାର୍ପଣ କରିବେ। ଗତ ବର୍ଷ, ସେ ମହାରାଜା ଟି୨୦ ଟ୍ରଫିରେ ଖେଳିଥିଲେ, ୧୧୩.୮୮ ଷ୍ଟ୍ରାଇକ ରେଟ୍‌ରେ ୭ ଇନିଂସରେ ୮୨ ରନ କରିଥିଲେ।

ଅର୍ଜୁନ ତେନ୍ଦୁଲକର ସେପ୍ଟେମ୍ବର ୨୪ ତାରିଖରେ ତାଙ୍କର ୨୬ତମ ଜନ୍ମଦିନ ପାଳନ କରିବେ। ସେ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳନ୍ତି। ତାଙ୍କ କ୍ରିକେଟ କ୍ୟାରିୟରରେ, ସେ ୨୪ ଟି୨୦ ମ୍ୟାଚ୍‌ରେ ୨୭ ଉଇକେଟ ନେଇଛନ୍ତି। ଆଇପିଏଲରେ, ସେ ଦୁଇ ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ମୋଟ୍ ୫ଟି ମ୍ୟାଚ୍ ଖେଳିଛନ୍ତି, ମାତ୍ର ତିନୋଟି ଉଇକେଟ ନେଇଛନ୍ତି।

# ଅର୍ଜୁନ ପୁରସ୍କାର ବିଜେତା ବିଜୟ ଶତପଥୀଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତନ ଅନ୍ତର୍ଜାତୀୟ ଭାରୋତ୍ତୋଳକ ତଥା ଅର୍ଜୁନ ପୁରସ୍କାର ବିଜେତା ବିଜୟ କୁମାର ଶତପଥୀଙ୍କ ପରଲୋକ ଘଟିଛି। ବାର୍ଦ୍ଧକ୍ୟ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେ ୧୯୮୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିଲେ। ତାଙ୍କ ପରଲୋକରେ ରାଜ୍ୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି।



# ଲୋକପ୍ରିୟ ଅମ୍ପାୟାର ଡିକି ବର୍ଡଙ୍କର ପରଲୋକ : କ୍ରିକେଟ ଜଗତରେ ଶୋକର ଛାୟା

**ନୂଆଦିଲ୍ଲୀ**

କ୍ରିକେଟ ଇତିହାସର ଅନ୍ୟତମ ଲୋକପ୍ରିୟ ଓ ଚମତ୍କାର ଅମ୍ପାୟାର ଇଂଲଣ୍ଡର ଡିକି ବର୍ଡଙ୍କର ୯୨ ବର୍ଷ ବୟସରେ ପରଲୋକ ଘଟିଛି। ଇଂଲଣ୍ଡର କାଉଣ୍ଟି କ୍ଲବ ୟର୍କଶାୟାର ଏକ ବୟାନ ଜାରି କରି ତାଙ୍କ ମୃତ୍ୟୁ ଖବର ପ୍ରକାଶ କରିଛି। ପ୍ରାୟ ୧୫୦ଟି ଅନ୍ତର୍ଜାତୀୟ ମ୍ୟାଚରେ ଅମ୍ପାୟାରିଂ କରିଥିବା ଡିକି ବର୍ଡ କ୍ରିକେଟ ଇତିହାସରେ ପ୍ରଥମ ଅମ୍ପାୟାର ଥିଲେ, ଯିଏ ଏହି ପେଶାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଏବଂ ଏହାକୁ ଲୋକପ୍ରିୟ କରିଥିଲେ। ବର୍ଡଙ୍କ ମୃତ୍ୟୁକୁ ନେଇ ଇଂଲଣ୍ଡ କ୍ରିକେଟ ବୋର୍ଡ ମଧ୍ୟ ଶୋକ ପ୍ରକାଶ କରିଛି। ଅନ୍ତର୍ଜାତୀୟ ଅମ୍ପାୟାର ହେବା ପୂର୍ବରୁ ଡିକି ବର୍ଡ ଜଣେ ଫାର୍ଷ୍ଟ କ୍ଲାସ କ୍ରିକେଟର ଥିଲେ, କିନ୍ତୁ ୩୨ ବର୍ଷ ବୟସରେ ସେ ସନ୍ନ୍ୟାସ ନେଇ ଘୋଷଣା କରିଥିଲେ।

ମଙ୍ଗଳବାର, ୨୩ ସେପ୍ଟେମ୍ବର ୨୦୨୫ରେ ୯୨ ବର୍ଷ ବୟସରେ ବର୍ଡ ନିଜ ଘରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ୟର୍କଶାୟାର ପାଇଁ ଫାର୍ଷ୍ଟ କ୍ଲାସ୍ କ୍ରିକେଟ ଖେଳିଥିବା ବର୍ଡଙ୍କ ମୃତ୍ୟୁ ଖବର କାଉଣ୍ଟି କ୍ଲବ ପକ୍ଷରୁ ପ୍ରକାଶ ପାଇଛି। ୟର୍କଶାୟାର ଏକ ବିବୃତିରେ କହିଛି, "ୟର୍କଶାୟାର କାଉଣ୍ଟି କ୍ରିକେଟ କ୍ଲବ ଅତ୍ୟନ୍ତ ଦୁଃଖର ସହ ଜଣାଉଛି ଯେ କ୍ରିକେଟ ଜଗତର ଅତି ପ୍ରିୟ ବ୍ୟକ୍ତିତ୍ୱ ହାରୋଲ୍ଡ ଡେନିସ 'ଡିକି' ବର୍ଡଙ୍କର ଦେହାନ୍ତ ହୋଇଛି।"

୧୯୩୩ ଏପ୍ରିଲ ୧୯ରେ ଇଂଲଣ୍ଡର ୟର୍କଶାୟାର କାଉଣ୍ଟିର ବାର୍ନସ୍ଲେରେ ଜନ୍ମଗ୍ରହଣ କରିଥିବା ବର୍ଡଙ୍କ ପୂର୍ଣ୍ଣ ନାମ ଥିଲା ହାରୋଲ୍ଡ ଡେନିସ ବର୍ଡ, କିନ୍ତୁ ସେ ସାରା ବିଶ୍ୱରେ 'ଡିକି ବର୍ଡ' ନାମରେ ପରିଚିତ ଥିଲେ। ସେ ୟର୍କଶାୟାର ସହିତ ନିଜର ଫାର୍ଷ୍ଟ କ୍ଲାସ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ, କିନ୍ତୁ ଏଥିରେ ତାଙ୍କୁ ବିଶେଷ ସଫଳତା ମିଳି ନ ଥିଲା। ଶେଷରେ ମାତ୍ର ୩୨ ବର୍ଷ ବୟସରେ ସେ କ୍ରିକେଟରୁ ସନ୍ନ୍ୟାସ ନେଇଥିଲେ। କିନ୍ତୁ ସେ ଅମ୍ପାୟାରିଂ କରିବା ପରେ ଭାଗ୍ୟ ବଦଳି ଯାଇଥିଲା। ମାତ୍ର ୩୭ ବର୍ଷ ବୟସରେ ୧୯୭୦ରେ ସେ ପ୍ରଥମ ଥର ପାଇଁ କାଉଣ୍ଟି ଚାମ୍ପିୟନସିପ ମ୍ୟାଚ୍‌ରେ ଅମ୍ପାୟାରିଂ କରିଥିଲେ ଏବଂ ଏହାପରେ ଅଳ୍ପ ସମୟରେ ସେ ଟେଷ୍ଟ କ୍ରିକେଟରେ ମଧ୍ୟ ଅମ୍ପାୟାରିଂ ଆରମ୍ଭ କରିଥିଲେ। ୧୯୭୩ରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଲିଡ୍ସରେ ହୋଇଥିବା ଟେଷ୍ଟ ମ୍ୟାଚରେ ତାଙ୍କର ଟେଷ୍ଟ ଅମ୍ପାୟାରିଂ କ୍ୟାରିୟର ଆରମ୍ଭ ହୋଇଥିଲା ଏବଂ ୧୯୯୬ ପର୍ଯ୍ୟନ୍ତ ସେ ବିଶ୍ୱର ସବୁଠାରୁ ପ୍ରସିଦ୍ଧ ଅମ୍ପାୟାର ହୋଇଯାଇଥିଲେ।



୧୯୯୬ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଲର୍ଡସରେ ହୋଇଥିବା ଟେଷ୍ଟ ମ୍ୟାଚରେ ସେ ଶେଷ ଥର ପାଇଁ ଅମ୍ପାୟାରିଂ କରିଥିଲେ। ଏହି ସମୟରେ ଉଭୟ ଦଳ ତାଙ୍କୁ 'ଗାର୍ଡ ଅଫ ଅନର' ପ୍ରଦାନ କରିଥିଲେ। ଡିକି ବର୍ଡ ପ୍ରଥମ ଅମ୍ପାୟାର ଥିଲେ, ଯିଏ ୩ଟି ବିଶ୍ୱକପ ଫାଇନାଲରେ ଅମ୍ପାୟାରିଂ କରିଥିଲେ। ସେ ୧୯୭୫, ୧୯୭୯ ଓ ୧୯୮୩ରେ ଖେଳାଯାଇଥିବା ପ୍ରଥମ ୩ଟି ବିଶ୍ୱକପ ଫାଇନାଲରେ ଅମ୍ପାୟାର ଥିଲେ। ତାଙ୍କର ଶେଷ ବିଶ୍ୱକପ ଫାଇନାଲ (୧୯୮୩)ରେ କପିଲ ଦେବଙ୍କ ନେତୃତ୍ୱରେ ଭାରତୀୟ ଦଳ ଦୁଇଥରର ଚାମ୍ପିୟନ ୱେଷ୍ଟଇଣ୍ଡିଜକୁ ହରାଇ ପ୍ରଥମ ଥର ପାଇଁ ବିଶ୍ୱକପ ଟ୍ରଫି ଜିତିଥିଲା। ଡିକି ବର୍ଡ ମୋଟ ୬୬ଟି ଟେଷ୍ଟ ଓ ୬୯ଟି ଦିନିକିଆ ମ୍ୟାଚ୍‌ରେ ଅମ୍ପାୟାରିଂ କରିଥିଲେ ଏବଂ ଏହି ସମୟରେ ସେ ସବୁଠାରୁ ଉତ୍କୃଷ୍ଟ, ସଫଳ ଓ ଲୋକପ୍ରିୟ ଅମ୍ପାୟାର ଭାବେ ପରିଚିତ ହୋଇଥିଲେ।

# ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ପାଇଁ ୨୦ ପ୍ରତିଯୋଗୀ ଚୟନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ତଖତପୁରସ୍ଥିତ ବିଜୁ ପଟ୍ଟନାୟକ ସନ୍ତରଣାଗାର ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ବାଳକ ବାଳିକା ବର୍ଗର ସନ୍ତରଣ ପ୍ରତିଯୋଗିତା, ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ଉପସ୍ଥିତିରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ବିକାଶ ହରିପାଲ, ବିଶ୍ୱଜିତ ଦାସ, ନେଲସନ ଟୋପନୋ, ଗୋଲାପୀ କାଲୋ, ଜ୍ୟୋତ୍ସ୍ନା ଟୁଡୁ, ସୁକାନ୍ତି ହାଁସଦା ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ। ଆସନ୍ତା ଡିସେମ୍ବର ମାସ ପ୍ରଥମ ସପ୍ତାହରେ ସମ୍ବଲପୁର ଜିଲ୍ଲାରେ ଡା. ଝସକେତନ ସାହୁ ସନ୍ତରଣାଗାରରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୦ଜଣ ପ୍ରତିଯୋଗୀ ଯୋଗ ଦେବେ। ସେମାନେ ହେଲେ ୧୪ ବର୍ଷରୁ ବାଳକ ବିଭାଗରେ ବିକ୍ରମ ଦାସ, ମୁନା ସିଂ, ଲୋକନାଥ ସିଂ, ଅତନୁ ପାଣି, ରାହୁଲ ପଣ୍ଡିତ ଓ ବାଳିକା ବିଭାଗରେ ତନୁଜା ମହାନ୍ତ, ରୁଷା କିସ୍କୁ, ବାସନ୍ତୀ ମହାନ୍ତ, ରୀନା ମାରାଣ୍ଡି, ସାଇପ୍ରିୟା ସିଂ। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, ପ୍ରିତମଜିତ ସିଂ, ସୁରଜ ମାରାଣ୍ଡି, ଅମିତ କୁଅଁର, ମାନସ ରଞ୍ଜନ ନାଏକ ଓ ବାଳିକା ବିଭାଗରେ ରାଜଲକ୍ଷ୍ମୀ ନାଏକ, ସସ୍ମିତା ସିଂ, ପବିତ୍ରା ନାଏକ, ଲଭଲି ସିଂ, ସବିତା ସିଂ।

# ଭବିଷ୍ୟତର ସ୍ୱାଦକୁ ଉପଭୋଗ କରନ୍ତୁ



**ଚିରାଗ ପାସୱାନ**
**କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ମନ୍ତ୍ରୀ**

କେନ୍ଦ୍ର ମନ୍ତ୍ରୀ ଭାବରେ, ସେପ୍ଟେମ୍ବର ୨୦୨୪ ମସିହାରେ ମୋର ପ୍ରଥମ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ (ଡବ୍ଲୁ.ଏଫ.ଆଇ.)ରେ ଯୋଗଦାନ ଏକ ସ୍ମରଣୀୟ ଅନୁଭବ ଥିଲା। ଚାରିଦିନିଆ ଏହି କାର୍ଯ୍ୟକ୍ରମରେ କ୍ଷେତରୁ ଆରମ୍ଭ କରି ଭୋଜନ ଥାଳି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଇକୋସିଷ୍ଟମ - ବୈଶ୍ୱିକ କ୍ରୟ-ବିକ୍ରୟ, ବିଭିନ୍ନ ରାଜ୍ୟର ମଣ୍ଡପ, ପ୍ରାଦ୍ୟୋଗିକୀ ପ୍ରଦର୍ଶନୀ, ଖାଦ୍ୟ ଉତ୍ପାଦନକାରୀ ସଂଗଠନ (ଏଫ.ପି.ଓ.) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ.ଏଚ.ଜି.)ଙ୍କ ଉପସ୍ଥାପନା, ନିବେଶ ଘୋଷଣା, ସହିତ ନୀତିଗତ ଆଲୋଚନା ସମସ୍ତଙ୍କୁ ଗୋଟିଏ ମଞ୍ଚରେ ଦେଖିବାର ସୁଯୋଗ ମିଳିଥିଲା। ଏହି କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଅନୁସାରେ, ଭାରତକୁ ବିଶ୍ୱର ଖାଦ୍ୟ ବାସ୍କେଟରେ ପରିଣତ କରିବା ପାଇଁ ଏକ ରଣନୀତିକ ମଞ୍ଚ ଭାବେ ୱାର୍ଲ୍ଡ ଫୁଡ୍ ଇଣ୍ଡିଆର ଗୁରୁତ୍ୱକୁ ପ୍ରମାଣିତ କରୁଥିଲା।

ଏହିସବୁ ଅନୁଭବ ୨୦୨୫ ମସିହାର ରୂପରେଖା ପ୍ରସ୍ତୁତ କରିବାରେ ଅତ୍ୟନ୍ତ ସହାୟକ ହୋଇଛି। ଖାଦ୍ୟ ପ୍ରକ୍ରିୟାକରଣ ସଂସ୍ଥାମାନଙ୍କର ଯାତ୍ରାରେ, ଉଦ୍ୟୋଗ ଜଗତର ବଡ଼ ବଡ଼ ଉଦ୍ୟୋଗପତିମାନଙ୍କ ସହିତ ବାର୍ତ୍ତାଳାପ ତଥା ଗଲ୍ଫଉଡ୍ ଏବଂ ଡବ୍ଲୁ.ଇ.ଏଫ. ପରି ବିଶ୍ୱସ୍ତରୀୟ ମଞ୍ଚରେ ଭାଗୀଦାରୀ ଅବସରରେ ମୋ ମନରେ ଏହି ଧାରଣା ସୁଦୃଢ଼ ହୋଇଛି ଯେ, ଭାରତର କୃଷି ଖାଦ୍ୟ ବିବିଧତା ଏବଂ କ୍ଷମତାକୁ ଲକ୍ଷ୍ୟ କରି ଏହାର ଚାହିଦା ପୂର୍ବାପେକ୍ଷା କାହିଁ କେତେ ଗୁଣ ବୃଦ୍ଧି ପାଇଛି। ଆମେ ଏହି ଆୟୋଜନର ଆଗାମୀ ସଂସ୍କରଣକୁ ଆହୁରି ଅଧିକ ସାହସିକତା ଏବଂ ପରିଣାମ କୈନ୍ଦ୍ରିକ, ନବାଚାରକୁ ନିବେଶରେ ପରିଣତ କରିବା ଏବଂ ଭାରତକୁ ଏକ ନିର୍ଭରଯୋଗ୍ୟ ବିଶ୍ୱସ୍ତରୀୟ ଖାଦ୍ୟ କେନ୍ଦ୍ର ଭାବେ ସ୍ଥାପନ କରିବାରେ ସଂକଳ୍ପବଦ୍ଧ ହେବା।

ଏହି ମହତ୍ୱାକାଂକ୍ଷାକୁ ଅନୁକୂଳ ନୀତିଗତ ପରିସ୍ଥିତି, ବିଶେଷକରି ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଦ୍ୱାରା ପ୍ରୋତ୍ସାହିତ କରାଯାଇଛି। ଅଧିକାଂଶ ପ୍ରକ୍ରିୟାକୃତ ଖାଦ୍ୟ ପଦାର୍ଥମାନଙ୍କ ଉପରେ ପାଞ୍ଚ କିମ୍ବା ଶୂନ୍ୟ ପ୍ରତିଶତ ଟିକସ ଲାଗୁ କରି, ସଂସ୍କାର ଏହି କ୍ଷେତ୍ର ପାଇଁ ଏକ ଅନୁକୂଳ ଏବଂ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରିଛି।

ଏଭଳି ପୃଷ୍ଠଭୂମି ସହିତ, ଆମେ ୨୫ରୁ ୨୮ ସେପ୍ଟେମ୍ବର ପର୍ଯ୍ୟନ୍ତ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ (ଡବ୍ଲୁ.ଏଫ.ଆଇ.) ୨୦୨୫ର ଆୟୋଜନ ନିମନ୍ତେ ପ୍ରସ୍ତୁତ ହୋଇଛୁ। ଏହାର ଉଦ୍‌ଘାଟନ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କରିବେ, ଯାହା ଏହି କ୍ଷେତ୍ର ନିମନ୍ତେ ସରକାରଙ୍କ ଉଚ୍ଚ ପ୍ରାଥମିକତାକୁ ଇଙ୍ଗିତ କରେ। ଏହି ସଂସ୍କରଣରେ ନ୍ୟୁଜିଲାଣ୍ଡ ଏବଂ ସାଉଦି ଆରବ ଭାଗୀଦାରୀ ରାଷ୍ଟ୍ର ଭାବରେ ଯୋଗ ଦେଉଛନ୍ତି, ଯେତେବେଳେ ଜାପାନ, ସଂଯୁକ୍ତ ଆରବ ଏମିରେଟ୍ସ, ଭିଏତନାମ୍ ଏବଂ ରୁଷିଆ ଫୋକସ୍ ରାଷ୍ଟ୍ର ଭାବରେ ଯୋଗଦାନ କରିବେ। ସହଭାଗୀ ସଂଘୀୟ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବାର ଉଦାହରଣ ପ୍ରସ୍ତୁତ କରି ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶ ନିଜ ନିଜର ସ୍ଥାନୀୟ ବିଶେଷତାର ଝଲକ ପ୍ରଦର୍ଶନ କରିବା ନିମନ୍ତେ ମଣ୍ଡପମାନ ଆୟୋଜନ କରିବା ଏହି ମେଳାକୁ ଅଧିକ ସମୃଦ୍ଧ କରିବ। ବିଶ୍ୱ ଫୁଡ୍ ଇଣ୍ଡିଆ ପ୍ରମୁଖ ପ୍ରଦର୍ଶନୀମାନଙ୍କ ସହିତ ବି୨ବି. ମଞ୍ଚମାନ ମଧ୍ୟ ଆୟୋଜନ କରାଯିବ। ଏହା ସହିତ ଏଫ.ଏସ.ଏସ.ଏ.ଆଇ. ଦ୍ୱାରା ତୃତୀୟ ବୈଶ୍ୱିକ ଖାଦ୍ୟ ନିୟାମକ ଶିଖର ସମ୍ମିଳନୀ ଏବଂ ଏସ.ଇ.ଏ.ଆଇ. ଦ୍ୱାର ୨୪ତମ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସି-ଫୁଡ୍ ସୋ' (ସାମୁଦ୍ରିକ ଖାଦ୍ୟ ପ୍ରଦର୍ଶନୀ)ର ମଧ୍ୟ ଆୟୋଜନ କରାଯାଉଛି।

ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ଏଥି ନିମନ୍ତେ ସମ୍ପୂର୍ଣ୍ଣ ରୂପେ ସରକାରୀ ତନ୍ତ୍ର ଶକ୍ତିରେ ସଞ୍ଚାଳିତ ହୋଇଥାଏ। ଏଠାରେ ଗୋଟିଏ ପଟେ ଆମର ମନ୍ତ୍ରଣାଳୟ ନେତୃତ୍ୱ ନେଇଥାଏ ଏବଂ ଅନ୍ୟ ପକ୍ଷରେ ଆମେ ମୂଲ୍ୟ ଶୃଙ୍ଖଳାର ସମସ୍ତ ମନ୍ତ୍ରଣାଳୟ ଯଥା ପଶୁପାଳନ ଏବଂ ଡାଏରୀ, ମତ୍ସ୍ୟଚାଷ, ବାଣିଜ୍ୟ, ଡି.ପି.ଆଇ.ଆଇ.ଟି., କୃଷି ଏବଂ କୃଷକ କଲ୍ୟାଣ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଆୟୁଷ, ପୂର୍ବୋତ୍ତର କ୍ଷେତ୍ର ବିକାଶ ମନ୍ତ୍ରଣାଳୟ ଏବଂ ଏହାର ଅଧୀନରେ ଥିବା ଏଜେନ୍ସିମାନଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟ କରୁଛେ। ଯାହା ଫଳରେ ଉତ୍ପାଦନ, ଗୁଣାତ୍ମକ ମାନର ସୁରକ୍ଷା, ବ୍ୟାପର ଏବଂ ନିବେଶ ପରସ୍ପର ସହିତ ତାଳମେଳ ରକ୍ଷା ପୂର୍ବକ ଆଗକୁ ଅଗ୍ରସର ହୋଇପାରିବେ।

ୱାର୍ଲ୍ଡ ଫୁଡ୍ ଇଣ୍ଡିଆର କାର୍ଯ୍ୟସୂଚୀ ପାଞ୍ଚଗୋଟି ପ୍ରମୁଖ ସ୍ତମ୍ଭ ଉପରେ ଆଧାରିତ। ସେଗୁଡ଼ିକ ହେଲା : ସ୍ଥିରତା ଏବଂ ନେଟ୍ ଜିରୋ ଖାଦ୍ୟ ପ୍ରକ୍ରିୟାକରଣ, ବିଶ୍ୱସ୍ତରୀୟ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଭାବରେ ଭାରତକୁ ଉପସ୍ଥାପନ କରିବା, ଖାଦ୍ୟ ପ୍ରକ୍ରିୟାକରଣ, ଉତ୍ପାଦ ଏବଂ ପ୍ୟାକେଜିଂ ପ୍ରାଦ୍ୟୋଗିକ ସଂସ୍ଥାମାନଙ୍କୁ ଅଗ୍ରଣୀ ବନାଇବା, ପୋଷଣ ଏବଂ ସ୍ୱାସ୍ଥ୍ୟ ନିମନ୍ତେ ପ୍ରକ୍ରିୟାକୃତ ଖାଦ୍ୟ ତଥା ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ଅଧିକ ଗତି ପ୍ରଦାନ କରୁଥିବା ପ୍ରାଣୀଧନ ଏବଂ ସାମୁଦ୍ରିକ ଉତ୍ପାଦ ଉପରେ ଗୁରୁତ୍ୱାରୋପ। ପ୍ରତ୍ୟେକ ସ୍ତମ୍ଭକୁ ବିଶେଷ ଭାବରେ ପ୍ରସ୍ତୁତ ତଥା ଉପସ୍ଥାପନ କରିବା ନିମନ୍ତେ ସମ୍ପାଦନର ଆୟୋଜନ, ବି୨ବି ବୈଠକ ଏବଂ ଏହିସବୁ ପଦ୍ଧତିକୁ ଆପଣାଇବାର ପଦ୍ଧତି ସହିତ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଗ କରାଯାଇଛି, ଯଦ୍ୱାରା ଭାଗୀଦାରୀ ଆଲୋଚନା ଦ୍ୱାରା କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ ବୃଦ୍ଧି କରାଯିବାର ପ୍ରୟାସ କରାଯିବ।

ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟମ (ପି.ଏମ.ଏଫ.ଏମ.ଇ.)ର ଉଲ୍ଲେଖନୀୟ ସଫଳତା ୱାର୍ଲ୍ଡ ଫୁଡ ଇଣ୍ଡିଆର ପ୍ରଭାବକୁ ଉତ୍ତମ ରୂପେ ପ୍ରଦର୍ଶିତ କରେ। ନିଃଶୁଳ୍କ ଷ୍ଟଲ୍ ଖୋଲିବା ଆୟୋଜନ କେନ୍ଦ୍ରଠାରେ ସଦାସର୍ବଦା ସେମାନଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରିଥାଏ, ଯାହା ସେମାନଙ୍କର ଘରୋଇ ଏବଂ ବିଶ୍ୱସ୍ତରୀୟ ଦିଗ୍‌ଗଜମାନଙ୍କ ସହିତ ସମ୍ପର୍କ ସ୍ଥାପନକୁ ସମ୍ଭବ କରିଥାଏ। ସେମାନଙ୍କ ଭାଗୀଦାରୀ ଫଳରେ କୋଟି କୋଟି ବ୍ୟାବସାୟିକ ଅର୍ଡର ଏବଂ ସ୍ଥାୟୀ ସହଭାଗୀତା ପ୍ରାପ୍ତ କରିବାରେ ସହାୟକ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଏହିଭଳି ଅନେକ ଉଦ୍ୟୋଗର ପୂର୍ବ ବର୍ଷ ଭଳି ଏହି ଆୟୋଜନରେ ପୁଣି ଅଂଶଗ୍ରହଣ କରୁଛନ୍ତି। କାରଣ ଏଠାରେ ଆମେ ଗର୍ବର ସହିତ ଭାରତର ସବୁଠାରୁ ଛୋଟ ଛୋଟ ଖାଦ୍ୟ ଉଦ୍ୟୋଗୀମାନଙ୍କ ସମ୍ମାନକୁ ପ୍ରଦର୍ଶନ କରିବାର ଅବସରକୁ ସୁନିଶ୍ଚିତ କରିଛୁ।

ୱାର୍ଲ୍ଡ ଫୁଡ୍ ଇଣ୍ଡିଆର ମୁଖ୍ୟ ଆକର୍ଷଣ ସି.ଇ.ଆଇ. ରାଉଣ୍ଡ ଟେବୁଲ ଆଲୋଚନା ବୋଲି ବିବେଚନା କରାଯାଏ, ଯେଉଁଠାରେ ଉଦ୍ୟୋଗ ଜଗତର ବଡ଼ ବଡ଼ ହସ୍ତୀ, ନିବେଶକ ଏବଂ ନୀତିକାରମାନଙ୍କ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ ଏବଂ କ୍ଷେତ୍ରୀୟ ସମସ୍ୟାବଳୀଗୁଡ଼ିକର ସମାଧାନ କରିବା ନିମନ୍ତେ ରଣନୈତିକ ଆଲୋଚନାରେ ସମସ୍ତଙ୍କ ମିଳିତ ଅଂଶଗ୍ରହଣ ହେବ। ଉଲ୍ଲେଖନୀୟ ଯେ, ୨୦୨୪ ମସିହାରେ ଏହି ଆୟୋଜନ ଅବସରରେ ଗ୍ରହଣ କରାଯାଇଥିବା ବସ୍ତୁ ଓ ସେବା କର (ଜି.ଏସ.ଟି.) ସମ୍ପର୍କୀତ ପ୍ରସଙ୍ଗ ଆଗାମୀ ପିଢ଼ିର ବସ୍ତୁ ଓ ସେବା କର ସଂସ୍କାରକୁ ଜନ୍ମ ଦେଇଥିଲା, ଯାହା ଆମ ସରକାରଙ୍କ ପରାମର୍ଶୀ ଏବଂ ଉତ୍ତର-ଦାୟୀ ଦୃଷ୍ଟିକୋଣକୁ ପ୍ରଦର୍ଶିତ କରେ।

ବାସ୍ତବତା ଦୃଷ୍ଟିକୋଣରୁ ସାମଗ୍ରିକ ହେବା ନିମନ୍ତେ, ଡବ୍ଲୁ.ଏଫ.ଆଇ. ଏବଂ ଏକ୍ସୋୱେବ କ୍ଷେତ୍ର ସହିତ ସମସ୍ତ ଅଂଶୀଦାରମାନଙ୍କୁ ନିୟୋଜିତ କରେ ଏବଂ ସମସ୍ତ ଉପ କ୍ଷେତ୍ରମାନଙ୍କରେ ନବାଚାରର ବୃଦ୍ଧିକୁ ପ୍ରୋତ୍ସାହନ ପ୍ରଦାନ କରେ। ଆମେ ଜୈବିକ ଏବଂ ଦୀର୍ଘସ୍ଥାୟୀ ଉତ୍ପାଦ ସମୃଦ୍ଧ ଆମର ପୂର୍ବୋତ୍ତର କ୍ଷେତ୍ରକୁ ପ୍ରମୁଖତା ପ୍ରଦାନ କରିଆସୁଛୁ। ଏହା ମଣ୍ଡପର ପୂର୍ବୋତ୍ତରକୁ ବୈଶ୍ୱିକ ସ୍ତରରେ ଭାରତୀୟ ଜୈବିକ ବ୍ରାଣ୍ଡ ନିମନ୍ତେ ଏକ ଲଞ୍ଚପ୍ୟାଡ୍ ଭାବରେ ପ୍ରସ୍ତୁତ କରିବା ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ରେଖାଙ୍କିତ କରେ। ଆସାମର ଚା' ଠାରୁ ନେଇ ମେଘାଳୟର ହଳଦୀ ପର୍ଯ୍ୟନ୍ତ ଏଠାରେ ସବୁକିଛି ସାମଗ୍ରୀ ପ୍ରଦର୍ଶିତ ହେବ।

ୱାର୍ଲ୍ଡ ଫୁଡ୍ ଇଣ୍ଡିଆର ବିଶ୍ୱସନୀୟତା ଏହାର କାର୍ଯ୍ୟ ପ୍ରଦର୍ଶନ ଉପରେ ଆଧାରିତ। ୨୦୧୭ ମସିହାରେ, ଏହା ୩୮,୦୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ଲକ୍ଷ୍ୟ ହାସ କରିଛି। ୨୦୨୪ ମସିହାର ସଂସ୍କରଣରେ ୧,୫୦୦ରୁ ଅଧିକ ପ୍ରଦର୍ଶକ ଏବଂ ୨୦ଟି ଦେଶୀୟ ପାଭିଲିଅନ ଏଥିରେ ସାମିଲ ହୋଇଥିଲେ, ଯେଉଁଥିରୁ ୯୩ ନିୟୁତ ଡଲାରର ବ୍ୟାବସାୟିକ ଅର୍ଡର ମିଳିଥିଲା। ୫୦ରୁ ଅଧିକ ନୂତନ ପ୍ରକ୍ରିୟାକରଣ ସଂସ୍ଥାର ଉଦଘାଟନ ମଧ୍ୟ କରାଯାଇଥିଲା, ୨୫,୦୦୦ କ୍ଷୁଦ୍ର ଉଦ୍ୟୋଗକୁ ସବ୍‌ସିଡି ପ୍ରଦାନ କରାଯାଇଥିଲା ଏବଂ ୨୪୫ କୋଟି ଟଙ୍କାର ପ୍ରାରମ୍ଭିକ ପୁଞ୍ଜି ନିବେଶ ଫଳରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ.ଏଚ.ଜି.)ର ୭୦,୦୦୦ ମହିଳାଙ୍କୁ ସାହାଯ୍ୟ ପ୍ରାପ୍ତ ହୋଇଥିଲା।

୧,୧୦୦ରୁ ଅଧିକ କ୍ୟୁ.ଆର-କୋଡେଡ୍ ଆଚାରର କିଷମଯୁକ୍ତ ଏକ ପ୍ରାଚୀର, ଯାହା ନିଜସ୍ୱ ଢଙ୍ଗରେ ଏକ ରେକର୍ଡ ଭାବରେ ପରିଚିତ, କ୍ଷୁଦ୍ର ଉତ୍ପାଦକମାନଙ୍କ ନିମନ୍ତେ ସିଧାସଳଖ ବଜାର ପର୍ଯ୍ୟନ୍ତ ପହଞ୍ଚକୁ ଦର୍ଶାଇଥାଏ। ଏହି ଉପଲବ୍ଧି ୱାର୍ଲ୍ଡ ଫୁଡ୍ ଇଣ୍ଡିଆକୁ ନିବେଶ, ନବାଚାର ଏବଂ ସମାବେଶୀ ବିକାଶର ଏକ ନିରନ୍ତର ଇଞ୍ଜିନ ରୂପରେ ଉପସ୍ଥାପନ କରିଛି।

ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ପାଇଁ ସବୁଠାରୁ ଦୃଢ଼ ସମର୍ଥନ ଶିଳ୍ପରୁ ହିଁ ଆସିଥାଏ। ପ୍ରଦର୍ଶନୀ ନିମନ୍ତେ ବୁକ୍ କରାଯାଇଥିବା ମୋଟ ୪୩ ପ୍ରତିଶତ କ୍ଷେତ୍ରଫଳ ସ୍ଥାନ ବୃଦ୍ଧି ପାଇଛି। ମାତ୍ର ଏକ ବର୍ଷ ମଧ୍ୟରେ ଏହା ୭୦ ହଜାର ବର୍ଗ ମିଟରରୁ ବଢ଼ି ୧ ଲକ୍ଷ ବର୍ଗ ମିଟର ହୋଇଛି ଯାହାକି ବିକାଶ ଏବଂ ସହଭାଗୀତା ନିମନ୍ତେ ବଜାରର ଏହି ପ୍ଲାଟଫର୍ମ ଉପରେ ପର୍ଯ୍ୟାପ୍ତ ବିଶ୍ୱାସ ପ୍ରତି ଇଙ୍ଗିତ କରେ।

ୱାର୍ଲ୍ଡ ଫୁଡ ଇଣ୍ଡିଆ ୨୦୨୫ ଏକ ସରଳ ବିତର୍କ : ଯେତେବେଳେ ନବାଚାର, ନିବେଶ ଏବଂ ମାନକ ମିଳିତ ହେବେ, ସେତେବେଳେ ସମୃଦ୍ଧି ଆପଣା ଛାଏଁ ପ୍ରାପ୍ତ ହେବା ସୁନିଶ୍ଚିତ। ଏହାକୁ ସାକାର କରିବା ନିମନ୍ତେ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ସଂକଳ୍ପବଦ୍ଧ। ଏହା ସେହି ସ୍ଥାନ ଯେଉଁଠାରେ ଏକ ଷ୍ଟାର୍ଟ ଅପ୍ ଅନ୍ତରାଷ୍ଟ୍ରୀୟ ନିବେଶକମାନଙ୍କ ସମ୍ମୁଖରେ ନିଜର ସମସ୍ତ ଚିନ୍ତାଧାରା ଓ ଯୋଜନା ଉପସ୍ଥାପନ କରିବାର ସୁଯୋଗ ପାଇବ, ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ଜୈବ ଆଚାର ନିମନ୍ତେ ଗ୍ରାହକ ଖୋଜି ପାଇପାରିବ ଏବଂ ରାଜ୍ୟ ବହୁରାଷ୍ଟ୍ରୀୟ ବ୍ୟବସ୍ଥାମାନଙ୍କୁ ଆକର୍ଷିତ କରିପାରିବ। ଯେପରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତର ଖାଦ୍ୟ ବିବିଧତା ପ୍ରତ୍ୟେକ ବିଶ୍ୱସ୍ତରୀୟ ନିବେଶକଙ୍କ ନିମନ୍ତେ ଲାଭ ଉପାର୍ଜନର ମାନ୍ୟତା ବହନ କରେ। ଖାଦ୍ୟ ପ୍ରକ୍ରିୟାକରଣ ହେଉଛି ସେହି କ୍ଷେତ୍ର ଯାହା ଏହି କ୍ଷମତାକୁ ରୋଜଗାର, କୃଷକମାନଙ୍କ ଉତ୍ତମ ଉତ୍ପାଦନକୁ ମୂଲ୍ୟବର୍ଦ୍ଧିତ ରପ୍ତାନୀରେ ରୂପାନ୍ତରୀତ କରିପାରିବ।

ସମସ୍ତ ପାଠକ, ଅଂଶୀଦାର ଏବଂ ଶୁଭେଚ୍ଛୁମାନଙ୍କ ନିମନ୍ତେ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫ରେ ଆମ ସହିତ ଯୋଗଦାନ କରନ୍ତୁ ଏବଂ ଏହି କାର୍ଯ୍ୟକ୍ରମର ସାକ୍ଷୀ ହୁଅନ୍ତ ଯେ, କିପରି ଭାବରେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ରାଷ୍ଟ୍ର ନିଜର ପ୍ରଯୁକ୍ତି, ନବାଚାର ଓ ସମର୍ପଣ ଭାବନାର ସହିତ 'ସମୃଦ୍ଧି ନିମନ୍ତେ ପ୍ରସଂସ୍କରଣ' ଶବ୍ଦ ଉଚ୍ଚାରଣ କରି ଏବଂ ତାହାକୁ କାର୍ଯ୍ୟରେ ପରିଣତ କରୁଛି। ତେବେ ପ୍ରସ୍ତୁତ ହୋଇଯାଆନ୍ତୁ ଏପରି ଏକ ଆୟୋଜନ ନିମନ୍ତେ ଯେଉଁଠାରେ ସାହସିକ ଦୃଷ୍ଟିକୋଣ ଏବଂ ଉତ୍ତମ ସ୍ୱାଦ ପରସ୍ପର ସହିତ ମିଳିତ ହୋଇ ସମ୍ଭାବନାର ଏକ ନୂତନ ଦୁନିଆକୁ ପ୍ରେରଣା ଦିଅନ୍ତି।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୪ ସେପ୍ଟେମ୍ବର ୨୦୨୫ ବୁଧବାର





# ପୁରୀର 'ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ'ର ପରିଚାଳନା ଦାୟିତ୍ୱ ଓଡ଼ିଶା ସରକାରଙ୍କୁ ଦେବା ପାଇଁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଓଡ଼ିଶାର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପତ୍ର ଲେଖି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଦେବା ପାଇଁ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଶ୍ରୀମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ ଏକ ପ୍ରାଚୀନ ଅନୁଷ୍ଠାନ । ଏହା ସାଂସ୍କୃତିକ ଏବଂ ଐତିହାସିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ରଖୁଛି । ଏହି ପ୍ରାଚୀନ ଅନୁଷ୍ଠାନଟି ତତ୍କାଳୀନ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଏହି ବିଦ୍ୟାଳୟ ସେବାୟତଙ୍କ ପିଲାମାନଙ୍କୁ ସଂସ୍କୃତ ଶିକ୍ଷା, ବୈଦିକ ଶିକ୍ଷା ଏବଂ କର୍ମକାଣ୍ଡ ପ୍ରଶିକ୍ଷଣ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ବିଦ୍ୟାଳୟ ବର୍ତ୍ତମାନ ପୂଜା ପଣ୍ଡା ନିଯୋଗ ଦ୍ୱାରା ପରିଚାଳିତ ଏକ ସହାୟତାପ୍ରାପ୍ତ ବିଦ୍ୟାଳୟ ଭାବେ କାର୍ଯ୍ୟ କରୁଛି । ଏହା ନାମରେ ଏକ ସ୍ଥାୟୀ ରେକର୍ଡ ଅଫ୍ ରାଇଟ୍ସ ମଧ୍ୟ ରହିଛି । ପାରମ୍ପରିକ ଜ୍ଞାନର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର କରିବା, ଆଧ୍ୟାତ୍ମିକ କାର୍ଯ୍ୟ ପାଇଁ ଏକ ମାଧ୍ୟମ ଭାବେ ସଂସ୍କୃତକୁ ପ୍ରୋତ୍ସାହିତ କରିବା ଏବଂ ଶ୍ରୀ ଜଗନ୍ନାଥ ମନ୍ଦିରର ଅନ୍ୟାନ୍ୟ ସାଂସ୍କୃତିକ ଏବଂ ଧାର୍ମିକ ଐତିହ୍ୟକୁ ସୁରକ୍ଷା ଦେବା ହେଉଛି ବିଦ୍ୟାଳୟର ମୂଳ ଲକ୍ଷ୍ୟ । ଏହି ମର୍ମରେ ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଏବଂ ପ୍ରଶାସନ ଭାର ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଆଣିବା ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଅନୁରୋଧ କରିଛନ୍ତି । ଏହାଦ୍ୱାରା ବିଦ୍ୟାଳୟର ସାମଗ୍ରିକ ବିକାଶ ସୁନିଶ୍ଚିତ ହେବା ସହ ଶ୍ରୀ ଜଗନ୍ନାଥ ସଂସ୍କୃତିର ଗୌରବମୟ ଐତିହ୍ୟକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ ହୋଇପାରିବ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି ।

# କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ରଦ୍ଦ କରାଯାଇନାହିଁ : ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ରଦ୍ଦ ହୋଇନାହିଁ ବୋଲି ଆଜି ବିଧାନସଭାରେ ସ୍ପଷ୍ଟୋକ୍ତି କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ରଦ୍ଦ ହୋଇନାହିଁ । ସେ କହିଛନ୍ତି, ଏହି ପ୍ରକଳ୍ପ ଏବେ ରାଜ୍ୟ ସରକାରଙ୍କ ପରୀକ୍ଷାଧୀନ ରହିଛି । ଏଥିପାଇଁ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ଗଠନ କରାଯାଇଛି । କମିଟିର ରିପୋର୍ଟ ଓ ସୁପାରିଶ ପ୍ରାପ୍ତ ହେବା ପରେ ସରକାର ଆଗାମୀ ଦିନରେ ଅନ୍ତିମ ସିଦ୍ଧାନ୍ତ ନେବେ । ଏହି ମେଟ୍ରୋ ପ୍ରକଳ୍ପ ପାଇଁ ଏପର୍ଯ୍ୟନ୍ତ ମୋଟ ୨୭୭.୩୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି ଏବଂ ସେହି ଖର୍ଚ୍ଚ ମଧ୍ୟରୁ ୨୦୨୪ ଜୁନ ୧୨ ତାରିଖ ପରେ ୨୫୨.୦୫ କୋଟି ଟଙ୍କା ପ୍ରଦାନ କରାଯାଇଛି ।

# ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଲେ ମା'ସୁରେଶ୍ୱରୀ ଓ ଭଗବତୀ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ନବରାତ୍ରର ଦ୍ୱିତୀୟ ଦିନରେ ସୋନପୁରର ଇଷ୍ଟ ଦେବୀ ମା'ସୁରେଶ୍ୱରୀଙ୍କ ପୀଠରେ ସପ୍ତସତୀ ଚଣ୍ଡୀଯଜ୍ଞ ଚାଲୁ ରହିଥିବା ବେଳେ ମଙ୍ଗଳବାର ଭୋର ସମୟରୁ ମନ୍ଦିର ଖୋଲା ଯାଇ ଯଥା ବିଧି ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ବ୍ରହ୍ମଚାରିଣୀ ବେଶରେ ମା' ଉଭା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ମନ୍ଦିରରେ ନବଦିନ ବ୍ୟାପୀ ଚଣ୍ଡୀ ମହାଯଜ୍ଞର ଦ୍ୱିତୀୟ ଦିବସରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ, ବ୍ରାହ୍ମଣ ପୁଜନମ ବିଭିନ୍ନ ଦେବଦେବୀଙ୍କ ପୂଜାପାଠ ସୁରେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା ଆରତୀ ପୁଷ୍ପାଞ୍ଜଳି ସହ ସନ୍ଧ୍ୟା ୬ ଟା ବେଳକୁ ଚଣ୍ଡୀ ଯଜ୍ଞ, ହବନ, ଆରତୀ, ପୁଷ୍ପାଞ୍ଜଳି ଓ ପ୍ରସାଦ ବଣ୍ଟନ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି । ସେହିପରି ସହରର ସର୍ବ ପୁରାତନ ମା' ଭଗବତୀଙ୍କ ପୀଠରେ ମଧ୍ୟ ବ୍ରହ୍ମଚାରିଣୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା' ଭଗବତୀ । ସହରର ଗଡ଼ଭିତର ସ୍ଥିତ ଦୁର୍ଗା ମନ୍ଦିରରେ ମଧ୍ୟ ନବରାତ୍ରର ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ ବେଶ ରେ ଦର୍ଶନ ଦେଉଛନ୍ତି ମା ଦୁର୍ଗା । ଆଜି ମା'ଙ୍କ ବ୍ରହ୍ମଚାରିଣୀ ବେଶ ତେବେ ଆସନ୍ତୁ ଜାଣିବା ମା'ଙ୍କର ଏହି ବେଶ ମହାତ୍ମ୍ୟ ବିଷୟରେ । ମାତା ଦୁର୍ଗାଙ୍କର ନବ ଶକ୍ତିର ଦ୍ୱୀତୀୟ ସ୍ୱରୂପଟି ହେଉଛି ବ୍ରହ୍ମଚାରିଣୀ । ଏଠାରେ 'ବ୍ରହ୍ମ' ଶଦର ଅର୍ଥ ହେଉଛି ତପସ୍ୟା । 'ବ୍ରହ୍ମ'ର ଅର୍ଥ ତପସ୍ୟା ଏବଂ ଏ ଦୃଷ୍ଟିରୁ ସେ ତପଶ୍ଚାରିଣୀ ଦେବୀଙ୍କର ଏ ରୂପ ହେଉଛି- ଜ୍ୟୋତିରୂପ ତାଙ୍କର ବାମ ହସ୍ତରେ କମଣ୍ଡଳୁ ଓ ଦକ୍ଷିଣ ହସ୍ତରେ ଜପମାଳା ପରିଲକ୍ଷିତ ହୁଏ । ପୁରାଣ ପ୍ରସଙ୍ଗ ଅନୁସାରେ, ନାରଦଙ୍କ ପରାମର୍ଶରେ ଶୈଳପୁତ୍ରୀ ଶିବଙ୍କୁ ପତି ରୂପେ ପାଇବା ପାଇଁ କଠୋର ତପସ୍ୟା କରିଥିଲେ । ତାହାର ଅବଧି ଥିଲା ତିନି ସହସ୍ର ବର୍ଷ ସେହି ସମୟରେ ପତ୍ର 'ପର୍ଣ୍ଣ' ଆକାର ମଧ୍ୟ ପରିତ୍ୟାଗ କରିବାରୁ ତାଙ୍କର ନାମ ହୋଇଥିଲା 'ଅପର୍ଣ୍ଣା' ସେହି ତପସ୍ୟା ଫଳରେ ତ୍ରିଲୋକରେ ଆଲୋଡନ ସୃଷ୍ଟି ହୋଇଥିଲା । ପିତାମହ ବ୍ରହ୍ମା ତାଙ୍କୁ ଆଶୀର୍ବାଦ କରି କହିଥିଲେ- ଶିବଙ୍କୁ ସେ ପତି ରୂପେ ପାଇବେ । ଏଣୁ ଏହି ବ୍ରହ୍ମଚାରିଣୀ, ତପଶ୍ଚାରିଣୀଙ୍କ ଉପାସନା ଫଳରେ ମନୁଷ୍ୟ ତାହାର ସ୍ୱଭାବରେ ତପ, ତ୍ୟାଗ, ବୈରାଗ୍ୟ, ସଦାଚାର ଓ ସଂଯମ ଲାଭ କରେ ତାଙ୍କର ପୂଜା ସାଧକକୁ ମାଧିଷ୍ଠାନ ଚକ୍ରରେ ସ୍ଥିତ କରେ । ସହରର ଥନାପତି ପଡାରେ ମଧ୍ୟ ମା ଙ୍କ ନବରାତ୍ରି ପୂଜା ଧୁମଧାମରେ ଚାଲିଛି ।

## ମା' ବ୍ରହ୍ମଚାରିଣୀଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମା' ବ୍ରହ୍ମଚାରିଣୀଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନବରାତ୍ରୀର ଦ୍ୱିତୀୟ ଦିବସରେ ମା' ବ୍ରହ୍ମଚାରିଣୀଙ୍କୁ କୋଟି କୋଟି ପ୍ରଣାମ । ମା' ବ୍ରହ୍ମଚାରିଣୀ ସମସ୍ତଙ୍କ ଜୀବନରେ ତ୍ୟାଗ, ଅନୁଶାସନ ଓ ଧୈର୍ଯ୍ୟଶକ୍ତି ପ୍ରଦାନ କରି ଆଶିଷ କରନ୍ତୁ ।

## ପ୍ରତିଷ୍ଠା ଦିବସ ଓ ରୌପ୍ୟ ଜୟନ୍ତୀ ଉପଲକ୍ଷେ

# ଭାରତ ସଞ୍ଚାର ନିଗମ ଲିମିଟେଡ଼ ତରଫରୁ ୩୦ ୟୁନିଟ ରକ୍ତ ସଂଗ୍ରହ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭାରତ ସଞ୍ଚାର ନିଗମ ଲିମିଟେଡ଼ର ପ୍ରତିଷ୍ଠା ଦିବସ ଓ ରୌପ୍ୟ ଜୟନ୍ତୀ ବାର୍ଷିକ ପାଳନ ଅବସରରେ ଏକ ରକ୍ତଦାନ ଶିବିର କ୍ୟାପିଟାଲ ହସ୍ପିଟାଲର ସହଯୋଗରେ ଦୂର ସଞ୍ଚାର ଭବନରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଭାରତ ଦୂର ସଞ୍ଚାର ନିଗମର ମୁଖ୍ୟ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା ଉଦ୍ଘାଟନ କରିଥିଲେ । ବିଜୟ କୁମାର ବେହେରା ମହାପ୍ରବନ୍ଧକଙ୍କ ସହ ମହାପ୍ରବନ୍ଧକ ଇନ୍ଦ୍ରଗୋବିନ୍ଦ ସୋରେନ, ମହାପ୍ରବନ୍ଧକ ଗୁରୁଦାସ ମେହେର, ମୁଖ୍ୟଯନ୍ତ୍ରୀ ଇଲେକ୍ଟ୍ରିକାଲ ଗଜେନ୍ଦ୍ର କୁମାର ଯାଦବ, ମୁଖ୍ୟଯନ୍ତ୍ରୀ ସିଭିଲ ପ୍ରଦୀପ କୁମାର ମଲ୍ଲିକ ଏବଂ ଡିଓଟିର ଅନିଲ କୁମାର ସୁବୁଦ୍ଧି ଉପସ୍ଥିତ ଥିଲେ । ଏହି ରକ୍ତ ଦାନ ଶିବିରକୁ ଭାରତ ସଞ୍ଚାର ନିଗମ ଲିମିଟେଡ଼ର ସଂଜୀବ କୁମାର ଆଚାର୍ଯ୍ୟ, ସୌମ୍ୟ ରଞ୍ଜନ ବରାଳ ଓ ଠିକାଦାର ଫକିର କୁମାର ଉଦ୍‌ଗାତା ପରିଚାଳନା କରିଥିଲେ । ଏ ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫ମ ଦିନରେ...

ପ୍ରସ୍ତାବ ନୋଟିସ୍ ଆସିପାରିବ ନାହିଁ । କିନ୍ତୁ କଂଗ୍ରେସ ବିଧାୟକଦଳ ନେତା ଶ୍ରୀ କାଡାମ ଏବଂ ଅନ୍ୟ ୧୪ଜଣ ବିଧାୟକଙ୍କ ଦସ୍ତଖତରେ ସୋମବାର ସନ୍ଧ୍ୟା ୬ଟା ୪୪ ମିନିଟ୍‌ରେ ଦିଆଯାଇଥିବା ଅନାସ୍ଥା ପ୍ରସ୍ତାବ ସେହି ପର୍ଯ୍ୟାୟରେ ଆସୁଛି । ସେ ଦୃଷ୍ଟିରୁ ବିଚାର କଲେ ଏହା ପ୍ରସଙ୍ଗିକତା ହରାଇଛି । ସେଥିପାଇଁ କଂଗ୍ରେସର ଅନାସ୍ଥା ପ୍ରସ୍ତାବ ନୋଟିସ୍‌କୁ ଅଗ୍ରାହ୍ୟ କରାଯାଇଛି ବୋଲି ବାଚସ୍ପତି ଦୋହରାଇ ଥିଲେ । ବାଚସ୍ପତିଙ୍କ ବକ୍ତବ୍ୟ ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟ ଭାଗକୁ ଆସି ଅଗଣତାନ୍ତ୍ରିକ ସରକାର ହାଏ ହାଏ ଧ୍ୱନୀ ଦେଇ ହଟ୍ଟଗୋଳ କରିଥିଲେ ଏବଂ ପ୍ରତିବାଦରେ କକ୍ଷତ୍ୟାଗ ମଧ୍ୟ କରିଥିଲେ । ଏହା ପୂର୍ବରୁ ବାଚସ୍ପତି ଶ୍ରୀମତୀ ପାଢ଼ୀ ସର୍ବଦଳୀୟ ବୈଠକ ଡକାଇ ୧୫ ମିନିଟ୍ ଲେଖାଏଁ ଦୁଇଥର ଗୃହକୁ ମୁଲତବୀ କରିଥିଲେ । ଏହା ପରେ ଉପବାଚସ୍ପତି ଭବାନୀଶଙ୍କର ଭୋଇ ୨୦ ମିନିଟ୍, ୧୦ ମିନିଟ୍, ୧୦ ମିନିଟ୍ କରି ତିନିଥର ଗୃହକୁ ମୁଲତବୀ କରିଥିଲେ । ଏହା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା । ହେଲେ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ବିଧାୟକମାନେ ଆଉ ଗୃହକୁ ଫେରିନଥିଲେ । ତା ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଏସ୍‌ଟି-୨.୦ ଅଭିଯାନ ସଂକ୍ରାନ୍ତରେ ଅସମାପ୍ତ ରହିଥିବା ଆଲୋଚନା ଆରମ୍ଭ କରି ଦୀର୍ଘ ସମୟ ଧରି ଗୃହରେ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା ଜିଏସ୍‌ଟି ସଂସ୍କାର କାର୍ଯ୍ୟକ୍ରମ ଯାହା ଆରମ୍ଭ ହୋଇଛି ତାହା ଦେଶବାସୀଙ୍କ ପାଇଁ ହିତକର ସାବ୍ୟସ୍ତ ହେବ । ଗୃହିଣୀଠାରୁ ଆରମ୍ଭ କରି ଚାଷୀ, ମହିଳା, ଶ୍ରମିକ, ଛାତ୍ର ଯୁବକ ଓ ସବୁ ବର୍ଗର ଲୋକେ ଜିଏସ୍‌ଟି ବଚତ୍ ବା ରିହାତି ଯୋଗୁ ଉପକୃତ ହେବେ । ଦେଶର ବିକାଶ ଗତି ଆହୁରି ତ୍ୱରାନ୍ୱିତ ହେବ । ଏହା କେନ୍ଦ୍ର ସରକାରଙ୍କ ଐତିହାସିକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ପରେ ଏ ସଂକ୍ରାନ୍ତ ସଂକଳ୍ପ ଗୃହରେ ପାରିତ ହୋଇଥିଲା । ଏହା ପରେ ଗୃହରେ ଅସମାପ୍ତ ରହିଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ଆଲୋଚନା ଆରମ୍ଭ ହୋଇଥିଲା । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଲ୍‌ର ବ୍ୟବସ୍ଥା, ଉପାଧେୟତା ଓ ଆଭିମୁଖ୍ୟ ବାବଦରେ ପ୍ରାଞ୍ଜଳ ଭାବେ ଗୃହକୁ ଅବଗତ କରାଇଥିଲେ । ବିଲ୍ ଉପରେ ସରଗରମ ଆଲୋଚନା ପରେ ତାହା ବାଚନିକ ଭୋଟ୍‌ରେ ଗୃହର ଅନୁମୋଦନ ଲାଭ କରିଥିଲା । ତେବେ ଜିଏସ୍‌ଟି ସଂକଳ୍ପ ଏବଂ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ ବେଳେ ଗୃହରେ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସ ଅନୁପସ୍ଥିତ ରହିଥିଲେ ।

## ନ୍ୟୁୟର୍କରେ ଆମେରିକୀୟ...

ହୋଇଛି । ଆମ ଆଲୋଚନାରେ ବର୍ତ୍ତମାନର ଚିନ୍ତାଜନକ ଦ୍ୱିପାକ୍ଷୀୟ ଓ ଅନ୍ତର୍ଜାତୀୟ ବିଷୟବସ୍ତୁ ଉପରେ ଚର୍ଚ୍ଚା ହୋଇଛି । ପ୍ରାଥମିକତା ଥିବା କ୍ଷେତ୍ରଗୁଡିକରେ ଅଗ୍ରଗତି ପାଇଁ ନିରନ୍ତର ସହଯୋଗ ଆବଶ୍ୟକ ବୋଲି ଆମେ ସମ୍ମତ ହେଲୁ । ଆମେ ପରସ୍ପରର ସମ୍ପର୍କରେ ରହିବା । ସେ ଏକ ଅନ୍ୟ ଏକ୍ସ ପୋଷ୍ଟରେ ୟୁରୋପୀୟ ସଂଘର ନେତାମାନଙ୍କ ସହ ଭେଟକୁ ନେଇ ଖୁସି ପ୍ରକାଶ କରିଛନ୍ତି ।

## ଜାତୀୟ ପୁରସ୍କାର...

ଉତ୍ସବରେ 'ପୁଷ୍କରା'କୁ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ପୁରସ୍କୃତ କରାଯାଇଥିବାବେଳେ 'ଦ ସି ଆଣ୍ଡ ସେଭେନ ଭିଲେଜେସ'କୁ ନନ୍ ଫିଚର ଫିଲ୍ମ ଏବଂ 'ମୋ ବୋଉ, ମୋ ଗାଁ'କୁ (ନନ୍ ଫିଚର ଫିଲ୍ମ, ଶ୍ରେଷ୍ଠ ବାୟୋଗ୍ରାଫିକାଲ/ହିଷ୍ଟୋରିକାଲ ରିକନଷ୍ଟ୍ରକ୍ସନ/କମ୍ପିଲେସନ ଫିଲ୍ମ) ବି ପୁରସ୍କୃତ କରାଯାଇଛି । ଓଲିଉଡ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କୁ ବିଚାରକ ସଦସ୍ୟା ଭାବେ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି । ସେ ଏହି ପୁରସ୍କାର ପାଇବାରେ ରାଜ୍ୟର ପ୍ରଥମ ମହିଳା ଅଭିନେତ୍ରୀ ।

ପୁଷ୍କରା ଚଳଚ୍ଚିତ୍ର ପାଇଁ ଏହାର ନିର୍ମାତା ଲିଡିସା ମଙ୍ଗତ ଏବଂ ନିର୍ଦ୍ଦେଶକ ଶୁଭ୍ରାଂଶୁ ଦାସ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । ୨୦୨୩ ସେପ୍ଟେମ୍ବର ୧୯ରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । ଶଙ୍କର ତ୍ରିପାଠୀଙ୍କ ରଚିତ ଉପନ୍ୟାସ 'ନାଦ ବିନ୍ଦୁ'ରୁ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । ଶଙ୍କର ତ୍ରିପାଠୀ ଚଳଚ୍ଚିତ୍ରର କାହାଣୀ ଓ ସଂଳାପ ଲେଖିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଶୁଭ୍ରାଂଶୁ ଦାସ ।

ସେହିପରି 'ଦ ସି ଆଣ୍ଡ ସେଭେନ ଭିଲେଜେସ' ପାଇଁ ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ ଚଳଚ୍ଚିତ୍ରର ନିର୍ମାତା ତଥା କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତିରାଣୀ ସାମନ୍ତ । ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କୁ ମଧ୍ୟ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି । ଚଳଚ୍ଚିତ୍ରର ସଫଳତା ପାଇଁ ହିମାଂଶୁ ସାତଭାୟାବାସୀଙ୍କୁ ଶ୍ରେୟ ଦେଇଛନ୍ତି ।

## ଆୟୁର୍ବେଦ ସାରା ...

ଚିକିତ୍ସା ପ୍ରଣାଳୀ ଲୋକଙ୍କୁ ବିକଳ୍ପ ଚିକିତ୍ସା ପଦ୍ଧତି ସଂପର୍କରେ ଚିନ୍ତା କରିବା ପାଇଁ ବାଧ୍ୟ କରିଛି । ଆୟୁର୍ବେଦ ଓ ଯୋଗ ଆମକୁ ଏକ ସୁସ୍ଥ ଜୀବନଯାପନ ପାଇଁ ମାର୍ଗଦର୍ଶନ କରିଥାଏ । ଏହା ପ୍ରକୃତି ଓ ଶରୀର ସହ ସମନ୍ୱୟ ରକ୍ଷା କରି ଜୀବନର ମାନକୁ ବୃଦ୍ଧି କରୁଥିବାରୁ, ଏହାକୁ ସମଗ୍ର ବିଶ୍ୱ ଏକ ଉତ୍ତମ ଚିକିତ୍ସା ପଦ୍ଧତି ଭାବରେ ଗ୍ରହଣ କରିଛି ।

ସ୍ୱାସ୍ଥ୍ୟ ସଚେତନ ପ୍ରତ୍ୟେକ ବ୍ୟକ୍ତି ଯୋଗକୁ ଏକ ଜୀବନର ଧାରା ଭାବେ ଗ୍ରହଣ କରିଛନ୍ତି । ଆମ ରାଜ୍ୟରେ ଆୟୁର୍ବେଦ ଶିକ୍ଷା, ଅନୁସନ୍ଧାନ ଓ ଚିକିତ୍ସାକୁ ନେଇ ଉଦ୍ୟମ କରାଯାଇଛି । ଆୟୁଷ ବିଭାଗ ମାଧ୍ୟମରେ ଆମେ ଗ୍ରାମ ଓ ସହର, ଉଭୟ ସ୍ତରରେ ଆୟୁର୍ବେଦ ଚିକିତ୍ସାକୁ ପହଞ୍ଚାଇବା ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରି ଆସୁଛୁ । ଆୟୁର୍ବେଦ ମାନବ ଜୀବନର ଏକ ଅଂଶ ହେବା ଉଚିତ, ଯେଉଁଠି ରୋଗ ପ୍ରତିକାର ନୁହେଁ ବରଂ ରୋଗ ପ୍ରତିରୋଧ ଓ ସ୍ୱାସ୍ଥ୍ୟ ରକ୍ଷା ହେଉଛି ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ରାଜ୍ୟରେ ଆୟୁର୍ବେଦ ଚିକିତ୍ସା ଓ ସରକାରଙ୍କ ଆଭିମୁଖ୍ୟ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାରେ ୩ ଟି ସରକାରୀ ଆୟୁର୍ବେଦିକ କଲେଜ, ୪ ଟି ସରକାରୀ ହୋମିଓପାଥିକ କଲେଜ, ୫ଟି ସରକାରୀ ଆୟୁର୍ବେଦିକ ଓ ୪ଟି ସରକାରୀ ହୋମିଓପାଥିକ ହସ୍ପିଟାଲ ଅଛି, ଯେଉଁଠି ନୂତନ ପିଢିର ଡାକ୍ତରମାନେ ତିଆରି ହେବା ସହିତ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ରୋଗୀ ପ୍ରାକୃତିକ ଭାବରେ ଚିକିତ୍ସିତ ହେଉଛନ୍ତି । ଏହା ବ୍ୟତୀତ ବର୍ତ୍ତମାନ ୧ ହଜାର ୧୯୧ ଟି ଆୟୁଷ ଡିସ୍‌ପେନସାରୀ ଚାଲିଛି ଯାହା ମଧ୍ୟରୁ ୬୨୦ ଟି ଆୟୁର୍ବେଦିକ, ୫୬୨ ଟି ହୋମିଓପାଥିକ ଓ ୯ ଟି ୟୁନାନି ଡିସ୍ପେନସାରୀ ଅଛି । ଏହି ସମସ୍ତ ଚିକିତ୍ସାକେନ୍ଦ୍ର ଗ୍ରାମ ଓ ଅନ୍ୟ ଅବହେଳିତ ଅଞ୍ଚଳରେ ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛି । ନେସନାଲ ଆୟୁଷ ମିଶନ ଅଧୀନରେ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ୩ଟି ଇଣ୍ଟିଗ୍ରେଟେଡ୍ ଆୟୁଷ ହସ୍ପିଟାଲ ନିର୍ମାଣ କରାଯାଉଛି । ଆଗାମୀ ଦିନରେ ଏହା ଜରିଆରେ ଅଧିକ ଲୋକଙ୍କୁ ଉଚ୍ଚମାନର ସେବା ଯୋଗାଇ ଦିଆଯିବ । ଏଥି ସହିତ ଚଳିତ ବର୍ଷ ଉଭୟ ରାଜ୍ୟସରକାର ଓ ଭାରତ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ଏକ ନୂତନ ଆୟୁର୍ବେଦିକ କଲେଜ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆ ଯାଇଛି । ଏଥିପାଇଁ ୮୫ କୋଟି ଟଙ୍କା ଖର୍ଚ୍ଚ କରାଯିବ । ବର୍ତ୍ତମାନ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୁଷ ଅଧିନରେ ଏକ ପଞ୍ଚକର୍ମ ୟୁନିଟ୍ କାର୍ଯ୍ୟରତ ଅଛି । ବରଗଡ଼ ଓ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଠାରେ ଦୁଇଟି ୟୁନିଟ୍ ନିର୍ମାଣ କରାଯାଉଛି । ଅଧିକ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ପାଇଁ ଚଳିତବର୍ଷ ଆଉ ୮ଟି ନୂତନ ପଞ୍ଚକର୍ମ କେନ୍ଦ୍ର, ବିଭିନ୍ନ ଜିଲ୍ଲା ଆୟୁର୍ବେଦିକ ମୁଖ୍ୟ କାର୍ଯ୍ୟାଳୟରେ ନିର୍ମାଣ କରାଯିବ ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ଯେ, ଯୋଗ, ଆୟୁର୍ବେଦ ଆଦି ସବୁ ହଜାର ହଜାର ବର୍ଷର ଜ୍ଞାନ । ଆଜି ଏହି ସବୁ ଚିକିତ୍ସା ପଦ୍ଧତିର ଲୋକପ୍ରିୟତା ଦିନକୁ ଦିନ ବଢି ଚାଲିଛି । ଆଜି ବିଶ୍ୱ ଭାରତୀୟ ଚିକିତ୍ସା ବିଜ୍ଞାନକୁ ଚାହିଁ ରହିଛି । ଆମ ଶାସ୍ତ୍ର, ପୋଥି ଓ ପାଣ୍ଡୁଲିପି, ଏପରିକି ଅଥର୍ବ ବେଦରେ ଥିବା ଚିକିତ୍ସା ବିଜ୍ଞାନ ସଂପୂର୍ଣ୍ଣ ଭାବେ ଅନୁସନ୍ଧାନ ଏବଂ ଆବିଷ୍କୃତ ହୋଇନାହିଁ । ଏଥିପାଇଁ ଅଧିକ ଅନୁସନ୍ଧାନର ଆବଶ୍ୟକତା ଅଛି । ଏହି ଦିବସଟି ଆମକୁ ଆମର ପ୍ରାଚୀନ ପାରମ୍ପରିକ ଚିକିତ୍ସା ବିଧିକୁ ସ୍ମରଣ କରାଇଥାଏ । ଆପଣମାନଙ୍କ ସହଯୋଗରେ ଆୟୁର୍ବେଦକୁ ବିଶ୍ୱ ମଞ୍ଚରେ ପ୍ରସାରିତ କରିବା ପାଇଁ ଆମର ଉଦ୍ୟମ ଜାରି ରହିବ ।

ଏହି କାର୍ଯ୍ୟକ୍ରମ ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ ଯେ, ଆୟୁଷ ବିଭାଗ ମାଧ୍ୟମରେ ଆମେ ଗ୍ରାମ ଓ ସହର, ଉଭୟ ସ୍ତରରେ ଆୟୁର୍ବେଦ ଚିକିତ୍ସାକୁ ପହଞ୍ଚାଇବା ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରି ଆସୁଛୁ । ଆୟୁର୍ବେଦ ଚିକିତ୍ସା ମାଧ୍ୟମରେ ଚଳିତ ବର୍ଷ ଅଦ୍ୟାବଧି ପ୍ରାୟ ୨ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ରୋଗୀମାନଙ୍କୁ ସେବା ଯୋଗାଇ ଦିଆଯାଇଛି । ଖୁବ ଶୀଘ୍ର ରାଇରଙ୍ଗପୁର ଠାରେ ଆୟୁର୍ବେଦିକ ମେଡିକାଲ କଲେଜ ଖୋଲିବାକୁ ମଧ୍ୟ ଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ନିଉଜ ଲେଟର, ମୁଖ୍ୟମନ୍ତ୍ରୀ ଦ୍ୱାରା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ସଚିବ ତଥା କମିଶନର ଅଶ୍ୱଥି ଏସ. ସ୍ୱାଗତ ଭାଷଣ ଦେଇଥିବା ବେଳେ ଆୟୁଷ ନିର୍ଦ୍ଦେଶିକା ଶ୍ରୀମତୀ ଅଞ୍ଜନା ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ସ୍ୱଚ୍ଛତା ହିଁ ...

ହୋଇଛନ୍ତି । ସାରା ଦେଶରେ ମୋଟ୍ ୨,୫୩,୮୮୪ଟି ସାର୍ବଜନୀନ ସ୍ଥାନ ସଫା କରାଯାଇଛି, ଯେଉଁଥିରେ ୭୨,୫୯,୧୯୮ ଜଣ ଲୋକ ଅଂଶଗ୍ରହଣ କରିଛନ୍ତି ।

# ତିନି ବର୍ଷରେ ୧୦୧ ଶିଶୁ ଶ୍ରମିକ ଉଦ୍ଧାର : ଶ୍ରମ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଗତ ତିନି ବର୍ଷରେ ଉଦ୍ଧାର ହୋଇଛନ୍ତି ୧୦୧ ଶିଶୁ ଶ୍ରମିକ । ୨୦୨୨-୨୩ ରେ ୫ଜଣ ଶିଶୁ ଉଦ୍ଧାର ହୋଇଥିବା ବେଳେ ୨୦୨୩-୨୪ ରେ ୪୫ ଜଣ ଶିଶୁ ଉଦ୍ଧାର ହୋଇଥିବା ବେଳେ, ୨୦୨୪-୨୫ରେ ୫୧ ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି । ଶିଶୁ ଶ୍ରମିକ ନିଯୁକ୍ତି ଦାତାଙ୍କ ବିରୁଦ୍ଧରେ ୧୧୬ ଟି ମାମଲା ରୁଜୁ କରାଯାଇଛି । ଶିଶୁ ଶ୍ରମିକ ଗଣନା ୧୯୯୭ ଅନୁଯାୟୀ ରାଜ୍ୟରେ ୨ ଲକ୍ଷ ୧୫ ହଜାର ୨୨୨ ଜଣ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରାଯାଇଥିଲା । ୧୯୯୭ ମସିହା ପର ଠାରୁ ଶିଶୁ ଶ୍ରମିକ ଗଣନା ହୋଇନାହିଁ । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ସେହିପରି ବିଧାୟକ କହ୍ନେଇ ଚରଣ ଡାଙ୍ଗ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ଗତ ସାଢେ ୪ ମାସରେ ରାଜ୍ୟରେ ମୃତ୍ୟୁ ବରଣ କରିଛନ୍ତି ୯ ହାତୀ । ବିଦ୍ୟୁତ ଆଘାତରେ ୭ ଟି, ଟ୍ରେନ ଦୁର୍ଘଟଣାରେ ଗୋଟିଏ ଏବଂ ଶିକାରୀ ଦ୍ୱାରା ଗୋଟିଏ ହାତୀର ଯାଇଛି ଜୀବନ । ଏଥିସହ ସାଢେ ୪ ମାସ ଭିତରେ ହାତୀ ଓ ମଣିଷ ଲଢେଇରେ ୪୫ ଜଣ ଲୋକଙ୍କ ଯାଇଛି ଜୀବନ । ସେପଟେ ୨୦୨୪ ନଭେମ୍ବର ମାସରେ ଗଣନା ହୋଇଥିବା ହାତୀ ସଂଖ୍ୟା ୨୧୦୩ ଥିବା ବେଳେ ପୋଷା ହାତୀ ୨୧ ଟି ରହିଛି ।

# ସୁସ୍ଥ ହେଲେ ବୁଦ୍ଧାଦିତ୍ୟ ମହାନ୍ତି

**କଟକ, ନ୍ୟୁଜ ବ୍ୟୁରୋ**

କଟକର ଘରୋଇ ହସ୍ପିଟାଲରୁ ଡିସଚାର୍ଜ ହେଲେ ଓଲିଉଡର ଲୋକପ୍ରିୟ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି । ଫୁସଫୁସ୍‌ଜନିତ ସଂକ୍ରମଣ କାରଣରୁ ଗତ ୮ ଦିନ ତଳେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଏବେ ସୁସ୍ଥ ହୋଇ ସେ ଘରକୁ ଫେରିଛନ୍ତି । ଓଡ଼ିଶାବାସୀଙ୍କ ଭଲପାଇବା ଓ ଆଶୀର୍ବାଦରୁ ସେ ସୁସ୍ଥ ହୋଇଥିବା କହିଛନ୍ତି । ଏବେ ପାଇଁ ଖୁବ୍ କମ୍ କଥା ହେବାକୁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଛନ୍ତି । ସୂଚନାନୁଯାୟୀ, ଗତ ଆଠ ଦିନ ତଳେ ବୁଦ୍ଧାଦିତ୍ୟ ମହାନ୍ତି ଘରେ ଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତୁରନ୍ତ ପରିବାର ଲୋକେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଫୁସଫୁସ୍ ସଂକ୍ରମଣ ଜନିତ ରୋଗରେ ପୀଡ଼ିତ ହୋଇ ସେ ମେଡିକାଲରେ ଭର୍ତ୍ତି ହୋଇଥିଲେ ।

# ଅତିଥି ଶିକ୍ଷକ ନିଯୁକ୍ତି ନିଷ୍ପତ୍ତିକୁ ଚାଲେଞ୍ଜ : ହାଇକୋର୍ଟଙ୍କ ଉଦ୍‌ବେଗ

**କଟକ, ନ୍ୟୁଜ ବ୍ୟୁରୋ**

ଯୋଗ୍ୟ ବେକାର ଯୁବକ ଯୁବତୀଙ୍କୁ ସୁଯୋଗନ ଦେଇ ରାଜ୍ୟ ସରକାର ବିଭିନ୍ନ ସ୍କୁଲରେ ଅବସରପ୍ରାପ୍ତଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ନେଇଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି । ନିୟମିତ ନିଯୁକ୍ତି ପ୍ରକ୍ରିୟା ନ କରି ତଥା ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥିବା ବେକାର ଯୁବ ବର୍ଗଙ୍କୁ ସୁଯୋଗ ନ ଦେଇ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ଦିଆଯିବା ପ୍ରସଂଗକୁ ନେଇ ହାଇକୋର୍ଟ ଆଜି ଉଦବେଗ ପ୍ରକାଶ କରିଛନ୍ତି । ଖାଲି ପଦବି ପାଇଁ ନିୟମିତ ବ୍ୟବଧାନରେ କାହିଁକି ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହେଉ ନାହିଁ ବୋଲି ଶୁଣାଣି ବେଳେ ହାଇକୋର୍ଟ ପ୍ରଶ୍ନ କରିଥିଲେ । ଏଥି ସହିତ ଶିକ୍ଷିତ ଯୁବକ ଯୁବତୀ କୁଆଡେ ଯିବେ ବୋଲି ହାଇକୋର୍ଟ ଶୁଣାଣି ବେଳେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ । ୬୩୮୭ ଅତିଥି ଶିକ୍ଷକ ନିଯୁକ୍ତି ସଂପର୍କିତ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରିବା ପାଇଁ ଦାୟର ଏହି ମାମଲାରେ ସତ୍ୟପାଠ ମାଧ୍ୟମରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡ଼ିକରେ କେତେ ଶିକ୍ଷକ ପଦବି ଖାଲି ପଡ଼ିଛି ସେ ନେଇ ତଥ୍ୟ ଦାଖଲ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଖାଲି ପଡ଼ିଥିବା ପଦବି ଗୁଡ଼ିକ ପୂରଣ ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ଅବଗତ କରିବାକୁ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗକୁ ହାଇକୋର୍ଟ କହିଛନ୍ତି । ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଅର୍ପିତା ପ୍ରିୟଦର୍ଶନୀ ଓ ଅନ୍ୟ ତିନି ଜଣଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅକ୍ଟୋବର ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି ।


**OFFICE OF THE DIVISIONAL FOREST OFFICER, CHILIKA WILDLIFEDIVISION,** MM-
AT/P.O. GOPINATHPUR, BALUGAON, DIST. KHURDA, ODISHA – 752 030,
E-mail ID – dfo.chilkawl@odisha.gov.in

**1st Corrigendum to Bid invited vide this office Short Tender Call Notice No. 04 of 2025-26 dtd 11.09.2025**

In pursuance to this office Short Tender Notice No. 04 of 2025-26 dtd 11.09.2025, the following changes have been made in DTCN as detailed below:-

| Sl No. | Name of the Work | As per Original DTCN | Revise as per 1st Corrigendum to DTCN |
|---|---|---|---|
| 1. | Construction of FG qtr at Parikuda WL Section office in Balugaon WL Range under Chilika WL Division | Class of Contractor- D & C | Class of Contractor- C & B |

The last date for submission of bids is **04.10.2025 upto 3 P.M** in the office of the DFO, Chilika WL Division and it will be opened on the same day i.e **04.10.2025 at 4 P.M.**
All other terms and conditions mentioned in the DTCN remain unchanged.

OIPR-08015/11/0016/2526
DIVISIONAL FOREST OFFICER
CHILIKA WILDLIFE DIVISION

**TENDER NOTICE** MM-199

Sealed Tenders are invited from the intending purchasers for sale of confiscated vehicles of the following description on "as is where is basis" presently available in the campus noted against each so as to reach the office of the Divisional Forest Officer, Ghumsur North Division, Bhanjanagar by 10.30 AM on 23.09.2025. The tender will be opened on the same day i.e. 15.10.2025 at 04.30 PM.

The tender paper along with terms and condition of tender can be obtained on payment of Rs. 200/- only from the office of the undersigned from 10.30 AM Dt.23.09.2025 to 03.00 PM Dt. 15.10.2025 on any working day during working hours of the Divisional Forest Officer, Ghumsur North Division. Details the undersigned may be contacted.

| Sl. No. | Registration Number | Type of Vehicle | Location where the vehicle is kept |
|---|---|---|---|
| 1. | AP9K-7744 | Maruti Omini | Range Office campus, Central Bhanjanagar |
| 2. | OR07E 1935 | Maruti Omini | Range Office campus, Mujagada, Bhanjanagar |
| 3. | OR07AA 3690 | TVS Star City Motor Cycle | Range Office campus, Mujagada, Bhanjanagar |
| 4. | OAE 4567 | Maruti Omini | Range Office campus, Mujagada, Bhanjanagar |
| 5. | OR07B2185 | Hero Honda Motor Cycle | Range Office campus, Tarasing, Bhanjanagar |
| 6. | OR07W9967 | TATA ACE | Range Office campus, Tarasing, Bhanjanagar |
| 7. | OR07AA7283 | TATA ACE | Range Office campus, Gallery, Bhanjanagar |
| 8. | OR12B7509 | Dala Auto | Range Office campus, Gallery, Bhanjanagar |
| 9. | OR12A1020 | Passenger Auto | Range Office campus, Gallery, Bhanjanagar |
| 10. | OD07X4468 | Tata ACE | Range Office campus, Gallery, Bhanjanagar |
| 11. | OR07N1892 | Hero Honda Passion Plus | Range Office campus, Gallery, Bhanjanagar |
| 12. | WB02L5506 | Omini Van | Range Office campus, Gallery, Bhanjanagar |
| 13. | OR02F3562 | TATA 407 | Range Office campus, Jagannathprasad, Bhanjanagar |
| 14. | OR07H0577 | Maruti Omini | Range Office campus, Jagannathprasad, Bhanjanagar |

OIPR-08033/11/0014/2526
Sd/- Divisional Forest Officer
Ghumsur North Division.

Letter No. 3804 Dated. 22.09.2025 O-836
Government of Odisha "e" procurement Notice
**Bid Identification No. TENDER ONLINE SNPR- 02 OF 2025-26**

1. Name of the work : Building Works as per DTCN available in the website. www.tendersodisha.gov.in
2. Total No. of Work : 9 (Nine)Nos.
3. Approximate Estimated Cost : Vary from Rs. 20.67 lakh to Rs. 68.60 lakh
4. Period of Completion : 6 (Six) to 9(Nine) Calendar months
5. Period and time of availability of bid document in the portal for bidding : 25.09.2025 at 11.00AM to 04.10.2025 up to 5.00 PM
6. Date and time of opening of Tender : 06.10.2025 at 11.00AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W.Division. Sonepur

(1) Other details can be seen from detailed notice
(2) inviting tenders, available in website www.tendersodishagov.in
(3) Corrigendum if any shall only be published in the website: www.tenderodisha.gov.in

OIPR-25054/11/0035/2526
Sd/- Executive Engineer,
Rural Works Division, Sonepur.

**OFFICE OF THE EXECUTIVE ENGINEER, P.H. DIVISION, ANGUL**
Ph. (06764) 296431, Email-eephangul@yahoo.in
**GOVERNMENT OF ODISHA**
***Bid Identification No.SE PH Division Angul- 20 / 2025-26 dt.20.09.2025*** C-1145

| | | | |
|---|---|---|---|
| 1. | Name of the work | : | 01 (one) no work |
| 2. | Type of Bid | : | Single bid system |
| 3. | Estimated Cost | : | **₹22.05 lakhs** |
| 4. | Period of completion | : | 02 (two) months |
| 5. | Date & time of availability of bid document in the portal | : | From 11.00AM of 24.09.2025 to 5.00 PM of 03.10.2025 |
| 6. | Last date / time of receipt of bids in the portal | : | 5.00 PM of 03.10.2025 |
| 7. | Date & time of opening of technical bids | : | At 11.00 AM of 04.10.2025 |
| 8. | Name & address of the Officer Inviting Bid. | : | **Superintending Engineer, P.H. Division, Angul** |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

OIPR-13056/11/0029/2526
Sd/- Superintending Engineer
P.H. Division, Angul.

ଭୁବନେଶ୍ୱର
୨୪ ସେପ୍ଟେମ୍ବର,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଚାଲିଛି ଫିଟ୍ ହବିଷ୍ୟାଳିଙ୍କ ନାମ ଚୟନ : ପୁରୁଣା ରୋଗର ତଥ୍ୟ ଅସତ୍ୟ ହେଲେ ହେବେ ଅଯୋଗ୍ୟ

**ପୁରୀ,୨୩/୦୯ ନ୍ୟୁଜ ବ୍ୟୁରୋ**

ହବିଷ୍ୟାଳି ଶିବିରରେ ବିଶୃଙ୍ଖଳିତ ଆଚରଣ କଲେ କାର୍ତ୍ତିକ ବ୍ରତଧାରୀ ଏଠାରୁ ବହିଷ୍କୃତ ହେବେ । ଆବେଦନକାରୀ ହବିଷ୍ୟାଳି ଦେଇଥିବା ଅଣ୍ଡରଟେକିଂ ବା ଉଦ୍‌ଘୋଷଣାରେ କୌଣସି ବିବରଣୀ ଅସତ୍ୟ ହୋଇଥିବା ପରେ ଜଣାପଡ଼ିଲେ ଅଯୋଗ୍ୟ ବିବେଚିତ ହେବେ । ହବିଷ୍ୟାଳି ଶିବିରରେ ରହିବା ନିମନ୍ତେ ଧାର୍ଯ୍ୟ ସମସ୍ତ ନିୟମ ପାଳନ କରିବେ । ଏଭଳି କଡ଼ା ଆଭିମୁଖ୍ୟ ରଖି ପ୍ରଶାସନ ଚଳିତବର୍ଷ କାର୍ତ୍ତିକ ବ୍ରତଧାରୀଙ୍କ ଆବେଦନ ଗ୍ରହଣ କରିଛି । ଯାହାର ଯାଞ୍ଚ ଜାରି ରହିଛି । ପ୍ରଶାସନ ପକ୍ଷରୁ ବ୍ରତଧାରୀଙ୍କୁ ୫ଟି ପଏଣ୍ଟ ଥିବା ଘୋଷଣାନାମା ଦେବାକୁ କୁହାଯାଇଥିଲା । ଆବେଦନକାରୀଙ୍କ ନାମ, ଠିକଣା, ମୋବାଇଲ ନମ୍ବର, ବ୍ଲଡ୍ ଗ୍ରୁପ୍ ସାଙ୍ଗକୁ ବିଗତ ବର୍ଷ ଏହି ସୁବିଧା ସେ ନେଇଥିଲେ କି ନାହିଁ ପ୍ରଶାସନ ତଥ୍ୟ ମାଗିଥିଲା। ଦରଖାସ୍ତକାରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସେ ଆତ୍ମଚଳନକ୍ଷମ କି ନୁହେଁ, ମଧୁମେହ, ରକ୍ତଚାପ, ହୃତପିଣ୍ଡ ବା କିଡ୍‌ନୀ ରୋଗ, କ୍ୟାନ୍ସର କିମ୍ବା ଅନ୍ୟ କେଉଁ ବେମାରୀ ରହିଛି କି ନାହିଁ ସେନେଇ ବିସ୍ତୃତ ତଥ୍ୟ ମାଗିଥିଲା । ହବିଷ୍ୟାଳି ଶିବିରରେ ରହିବା ନିମନ୍ତେ ଆବେଦନକାରୀ ଶାରୀରିକ ଓ ମାନସିକସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ସକ୍ଷମ ବୋଲି ଘୋଷଣା



ଦେବାକୁ ନିୟମାବଳୀରେ ଉଲ୍ଲେଖ କରାଯାଇଥିଲା । ପ୍ରାୟ ୨୬୪୪ଟି ଆବେଦନକୁ ଏହି ଅନୁଯାୟୀ ଯାଞ୍ଚ ଚାଲିଛି। ସେପଟେ ସକାଳେ ଓ ସନ୍ଧ୍ୟାରେ ହବିଷ୍ୟାଳିଙ୍କୁ ମିଠା ଓ ବିନା ମିଠା ଚା' ଯୋଗାଇ ଦେବାକୁ ପଦକ୍ଷେପ ଆରମ୍ଭ ହୋଇଛି । କାର୍ତ୍ତିକ ମାସରେ ଦୁଇଟି ଏକାଦଶୀ ପଡୁଥିବାରୁ ୨୫୦୦ରୁ ୩୦୦୦ ହବିଷ୍ୟାଳିଙ୍କ ପାଇଁ ତଟକା ଫଳ ଯୋଗାଣ ନିମନ୍ତେ ପଦକ୍ଷେପ ନିଆଯାଇଛି । ପ୍ରତି ହବିଷ୍ୟାଳିଙ୍କୁ ଗୋଟିଏ ଲେଖାଏଁ ଫଳ ପ୍ୟାକେଟ ଦିଆଯିବ। ଏହା ଭିତରେ ପାଚିଲା କଦଳୀ ୩ଟା, ପିଜୁଳି ଓ ନାସପାତି ୨ଟା ଏବଂ ସେଓ ୨ଟି ରହିବ। ଯାହାର ଓଜନ ପ୍ରାୟ ୭୫୦ ଗ୍ରାମ୍ ହେବ। ସେହିପରି ସମସ୍ତ ହବିଷ୍ୟାଳିଙ୍କୁ ଗୋଟାଏ ଲେଖାଏଁ ଝୋଟ ନିର୍ମିତ ସ୍ୱତନ୍ତ୍ର ଲୋଗୋ ରହିଥିବା ବ୍ୟାଗ ଭିତରେ କାର୍ତ୍ତିକ ବ୍ରତ ସରଞ୍ଜାମ ଦିଆଯିବ। ଯାହା ଭିତରେ ଗୋଟିଏ ଲେଖାଏଁ ସୂତା ଶାଢ଼ି, ଉତ୍ତରୀୟ (ଆସାମ ଗାମୁଛା), ରାଇଦାମୋଦର ବହି, ମୁଦ୍ରିତ ମୁଣି ସହ ଜପାମାଳି ଦିଆଯିବ। ହବିଷ୍ୟାଳି ଶିବିରରେ ନିୟୋଜିତ ସ୍ୱେଚ୍ଛାସେବୀଙ୍କୁ ଗୋଟାଏ ଲେଖାଏଁ ସ୍ୱତନ୍ତ୍ର ଲୋଗୋ ଥିବା ଟି-ସାର୍ଟ ଦିଆଯିବ । ସୂଚନାଥାଉକି, ଆସନ୍ତା ମାସ ୭ ତାରିଖରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ କାର୍ତ୍ତିକ ବ୍ରତ ଆରମ୍ଭ ହେଉଛି । ପ୍ରତିଥର ଭଳି ସରକାର ଚଳିତ ବର୍ଷ ଶ୍ରୀକ୍ଷେତ୍ରରେ ବ୍ରତ ପାଳନ ନିମନ୍ତେ ଆଗ୍ରହୀ ହବିଷ୍ୟାଳିଙ୍କ ଆବେଦନ ଆହ୍ୱାନ କରିଥିଲା। ପ୍ରଶାସନ ପ୍ରାୟ ୨୫୦୦ ହବିଷ୍ୟାଳିଙ୍କୁ ଚଳିତ ଥର ବ୍ରତ ପାଳନ ସୁଯୋଗ ଦେବାକୁ ଲକ୍ଷ୍ୟ ରଖିଥିଲା। ୧୯ ତାରିଖ ଦିନ ୧୦ଟାଠାରୁ ଆବେଦନ ଓ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ଲକ୍ଷ୍ୟ ଆବେଦନ ସମୟ ଆରମ୍ଭର ମାତ୍ର ଘଣ୍ଟାଏ ଭିତରେ ପୂରଣ ହୋଇଯାଇଥିଲା। ତେଣୁ ପ୍ରଶାସନ ଅନ୍‌ଲାଇନ୍ ପଞ୍ଜୀକରଣ ପୋର୍ଟାଲ ବନ୍ଦ କରିଦେଇଥିଲା। ଯେଉଁମାନେ ଆବେଦନ କରିଛନ୍ତି ତାହାର କାଗଜପତ୍ରଗୁଡ଼ିକ ପ୍ରଶାସନ ଯାଞ୍ଚ କରୁଛି।

# ନବରାତ୍ରିର ଦ୍ୱିତୀୟ ଦିନରେ ବଗଳାମୁଖୀ ବେଶରେ ଦର୍ଶନ ଦେଲେ ମା'ଗଡଚଣ୍ଡୀ



**କଟକ, ୨୩/୯ ନ୍ୟୁଜ ବ୍ୟୁରୋ**

ମା'ଙ୍କ ଷୋଡ଼ଶ ଉପଚାର ପୂଜାର ଦଶମ ଦିନ ଏବଂ ନବରାତ୍ରିର ଦ୍ୱିତୀୟ ଦିନରେ ମଙ୍ଗଳବାର କଟକରେ ମା' ଗଡ଼ଚଣ୍ଡୀ ଭକ୍ତମାନଙ୍କୁ ବଗଳାମୁଖୀ ବେଶରେ ଦର୍ଶନ ଦେଇଥିଲେ। ଏଥିପାଇଁ ସକାଳୁ ସକାଳୁ ମନ୍ଦିରରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିବା ବେଳେ ଶାନ୍ତି ଶୃଙ୍ଖଳାରେ ମା'ଙ୍କ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।

ସେହିପରି ନବରାତ୍ରି ପାଇଁ ଖୋର୍ଦ୍ଧାର ମା' ଉଗ୍ରତାରା ପୀଠରେ ଲାଗିଥିଲା ଭକ୍ତଙ୍କ ଗହଳି । ଏଠାରେ ୧୧ ଦିନ ବ୍ୟାପି ସପ୍ତସତୀ ଚଣ୍ଡି ମହାଯଜ୍ଞ ହୋଇଥାଏ । ପୂଜାବିଧି ଓ ରୀତିନୀତି ଅନୁସାରେ ପ୍ରତିଦିନ ଚାଲିଛି ମା'ଙ୍କ ପୂଜା। ସକାଳୁ ଚୂଡ଼ା ଘଷା, ମଧ୍ୟାହ୍ନରେ ଅନ୍ନ ଖେଚୁଡ଼ି, ଡାଲି, ଆମିଷ ଭୋଗ ମଧ୍ୟ ହୋଇଥିଲା। ଏହି ପରିପ୍ରେକ୍ଷିରେ ଭୋଗରେ ମା'ଙ୍କର ପ୍ରିୟଭୋଗ ହେଉଛି ମାଛ ପୋଡ଼ା। ରାଜ୍ୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ଏହି ତନ୍ତ୍ରପୀଠ ବେଶ୍ ମନୋଲୋଭା। ବିଶେଷକରି ରଜ ଓ ଶାରଦୀୟ ଦୁର୍ଗାପୂଜାରେ ହଜାର ହଜାର ଭକ୍ତ ଓ ମାନସିକଧାରୀମାନେ ମା'ଙ୍କ ପୀଠକୁ ଛୁଟି ଆସିଥା'ନ୍ତି। ନବରାତ୍ରି ପୂଜା ଅବସରରେ ମା'ଙ୍କ ପୀଠ ବେଶ୍ ଚଳଚଞ୍ଚଳ ହୋଇଉଠିଛି । ଭକ୍ତଙ୍କ କହିବା ଅନୁସାରେ ମା'ଙ୍କ ପାଖକୁ ଯିଏ ଆସେ କେହି ଖାଲି ହାତରେ ଫେରେନାହିଁ । ଏଠାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ସମାଗମ ହୋଇଥାଏ । ମନ୍ତ୍ରପାଠ ଓ ଚଣ୍ଡୀପାଠରେ ପ୍ରକମ୍ପିତ ହେଉଛି ପୂରା ପରିବେଶ । ଯଥା ରୀତିନୀତି ଅନୁଯାଇ ମା'ଙ୍କ ପୂଜା ଚାଲିଛି। ସେପଟେ ପରମ୍ପରା ଅନୁସାରେ ବିଜୟା ଦଶମୀ ମଧ୍ୟରାତିରେ ଘଟ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଓ ଦର୍ଶନକୁ ନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ନୂତନ ଯୁଗର ମାନବ ସଂସାଧନ ଆଭିମୁଖ୍ୟ ପ୍ରସଙ୍ଗରେ

# ନାଲ୍‌କୋ ଏଚ ଆର କନକ୍ଲେଭ ୨୦୨୫

**ଭୁବନେଶ୍ୱର, ୨୩/୦୯ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଭୁବନେଶ୍ୱର ଠାରେ 'ନବ-ଦୃଷ୍ଟି: ପିପୁଲ ଫାଷ୍ଟ, ଫିଉଚର ଫରୱାର୍ଡ଼' ବିଷୟବସ୍ତୁ ଆଧାରିତ ପ୍ରଥମ ଏଚ ଆର କନକ୍ଲେଭ ଆୟୋଜିତ ହୋଇଯାଇଛି । ନୂତନ ଯୁଗର ମାନବ ସଂସାଧନ ପରିଚାଳନା ପଦ୍ଧତି ଉପରେ ଚିନ୍ତନ ଏବଂ ପ୍ରତିଫଳନ ନିମନ୍ତେ ଖଣି, କୋଇଲା, ପେଟ୍ରୋଲିୟମ ଏବଂ ଧାତୁ ଶିଳ୍ପ ସହିତ ଜଡିତ ବିଭିନ୍ନ ଅନୁଷ୍ଠାନ, ଶିକ୍ଷାବିତ୍ ଏବଂ ମାନବ ସମ୍ବଳ କ୍ଷେତ୍ରରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହି କନକ୍ଲେଭକୁ କମ୍ପାନୀର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ(ବିତ୍ତ)




ଅଭୟ କୁମାର ବେହୁରିଆ, ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବଜ୍ୟୋତି ନାଥ ଏବଂ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେଲର ନିର୍ଦ୍ଦେଶକ (କାର୍ମିକ) କୃଷ୍ଣ କୁମାର ସିଂହ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ମାନବ ସମ୍ବଳ ଗ୍ରୁପ୍ ସଭାପତି ବିଜୟ କୁମାର ସାହୁ ଓ ଇଣ୍ଡିଆନ ଅଏଲର ପୂର୍ବତନ ନିର୍ଦ୍ଦେଶକ (ମାନବସମ୍ବଳ) ଡକ୍ଟର ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଆୟୋଜିତ ସମ୍ମିଳନୀରେ ଇଣ୍ଡିଆନ ଅଏଲ, ସେଲ, ଟାଟା ଷ୍ଟିଲ, ଏନଟିପିସି ଏବଂ କୋଲ ଇଣ୍ଡିଆ ଭଳି ଦେଶର କେତେକ ପ୍ରମୁଖ କମ୍ପାନୀଗୁଡ଼ିକ ନିଜର ମାନବ ସମ୍ବଳ ପ୍ରୟାସ ଏବଂ ଅଭ୍ୟାସଗୁଡ଼ିକୁ ଉପସ୍ଥାପନା କରିଥିଲେ। କନକ୍ଲେଭରେ ଜ୍ଞାନ ଅଂଶୀଦାରଭାବେ ଅର୍ନଷ୍ଟ ଆଣ୍ଡ ୟଙ୍ଗ, ବିସିଜି ଏବଂ ଏଏସସିଆଇ ମଧ୍ୟ ଭବିଷ୍ୟତର ମାନବ ସମ୍ବଳ ଅଭ୍ୟାସ ସମ୍ବନ୍ଧରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ନାଲ୍‌କୋ ତଥା ମାନବ ସମ୍ବଳ କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀଙ୍କ ଦ୍ୱାରା ବୃତ୍ତିଗତ ତଥା ଶିଳ୍ପ କ୍ଷେତ୍ରରେ ପ୍ରଚଳିତ ବିଭିନ୍ନ ସ୍ୱତନ୍ତ୍ର ଅଭ୍ୟାସ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।



ଭୁବନେଶ୍ୱର : ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଂଜିନିୟର ଅଡିଟୋରିୟମ ପରିସରରେ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଫାଉଣ୍ଡେସନ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ତ୍ରୟବିଂଶତମ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସମାରୋହରେ "ସଚିତ୍ର ଓଡ଼ିଶା ଇତିହାସ" ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟଅତିଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ର ଶେଖର ହୋତା ଓ ଅନ୍ୟମାନେ। (ଫଟୋ ସମ୍ବାଦ କଳିକା)

## ନିଯୁକ୍ତି ପରୀକ୍ଷା ବିଭ୍ରାଟ ରୋକିବାକୁ ମାର୍ଗଦର୍ଶିକା

# ସରକାରୀ ପ୍ରେସ୍‌ରେ ଛପାଯିବ ପ୍ରଶ୍ନପତ୍ର : ପୁଲିସ୍ ଓ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ହେବ ପ୍ରିଣ୍ଟିଂ

**ଭୁବନେଶ୍ୱର,୨୩/୦୯ ନ୍ୟୁଜ ବ୍ୟୁରୋ**

ନିଯୁକ୍ତି ପରୀକ୍ଷା ବିଭ୍ରାଟ ରୋକିବାକୁ ସରକାର ଅଣ୍ଟା ଭିଡ଼ିଛନ୍ତି । ଆଗକୁ ଯେପରି କୌଣସି ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ନହୁଏ ସେଥିଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାଙ୍କ ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି । ପ୍ରଶ୍ନପତ୍ର ଲିକ୍ ରୋକିବାଠୁ ଆରମ୍ଭ କରି ପରୀକ୍ଷା ହଲ୍‌ରେ ସୁରକ୍ଷା ଯାଏ ସମସ୍ତ ପ୍ରକାର ପରିଚାଳନା ବ୍ୟବସ୍ଥା କଡ଼ାକଡ଼ି ହେବ। ପ୍ରଶ୍ନପତ୍ର ଛପାଠୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରକୁ ଆଣିବା ଯାଏ ବରିଷ୍ଠ ଅଧିକାରୀମାନେ ଦାୟିତ୍ୱରେ ରହିବେ। ପୁଲିସ ସୁରକ୍ଷା ବଳୟରେ ଏସବୁ କରାଯିବ। ଏପରିକି ପରୀକ୍ଷା କେନ୍ଦ୍ରରେ କୃତ୍ରିମ ବୁଦ୍ଧିମତା (ଏଆଇ) ଟୁଲ୍‌ର ବ୍ୟବହାର କରାଯିବ। ପରୀକ୍ଷା କେନ୍ଦ୍ରର ସିସିଟିଭି ଲାଇଭ ଷ୍ଟ୍ରିମ୍ କଣ୍ଟ୍ରୋଲ୍ ଓକାକ୍ କିମ୍ବା ଏନ୍‌ଆଇସି ପାଖରେ ରଖିବେ ସରକାର। ଏତିକି ନୁହେଁ ଆଗାମୀ ଦିନରେ ସମସ୍ତ ନିଯୁକ୍ତି ପରୀକ୍ଷାକୁ ସରକାରୀ କଲେଜ, ବିଶ୍ୱବିଦ୍ୟାଳୟରେ କରାଯିବ। ପରୀକ୍ଷା ପରିଚାଳନା ସଂସ୍ଥାମାନେ ଆଉ ଅନ୍ୟ କେଉଁଠି ପ୍ରଶ୍ନପତ୍ର ଛପାଇ ପାରିବେ ନାହିଁ। ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଛପାଇବା ପାଇଁ ସରକାର ଏକ ସ୍ୱତନ୍ତ୍ର ପ୍ରିଣ୍ଟିଂ ପ୍ରେସ୍ ୟୁନିଟ୍ ସ୍ଥାପନ କରିବେ । ସରକାରୀ ପ୍ରିଣ୍ଟିଂ ପ୍ରେସ୍‌କୁ ଅଧିକ ଅତ୍ୟାଧୁନିକ କରିବେ। ଏଠାରେ ସୁରକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ଭାବେ କଡ଼ାକଡ଼ି କରାଯିବ। ଏପରିକି ଆଗାମୀ ଦିନରେ ପରୀକ୍ଷା ପରିଚାଳନା ଦାୟିତ୍ୱକୁ କୌଣସି ଏଜେନ୍ସି କିମ୍ବା ଆଉଟସୋର୍ସିଂ ଦ୍ୱାରା ନହୁଏ ସେଥିପ୍ରତି କଡ଼ା ଆଭିମୁଖ୍ୟ ଆପଣାଇବେ । ଇଣ୍ଟିଗ୍ରେଡେଟ୍ କମାଣ୍ଡ



କଣ୍ଟ୍ରୋଲ୍ ସେଣ୍ଟର (ଆଇସିସିସି) ବ୍ୟବସ୍ଥା କରାଯିବ। ସରକାର ନିଯୁକ୍ତି ପରୀକ୍ଷାରେ ଶୂନ୍ୟ ସହନଶୀଳତା ନୀତିକୁ ଆପଣାଇଛନ୍ତି । ଉଭୟ ଅନ୍‌ଲାଇନ ଓ ଅଫଲାଇନ ମୋଡ୍‌ରେ ହେଉଥିବା ପରୀକ୍ଷାକୁ ସୁରକ୍ଷିତ ପରିବେଶ, ସ୍ୱଚ୍ଛତାର ସହ କରାଯିବ । ପ୍ରଶ୍ନପତ୍ରର ଉଭୟ ପଟେ ସିଲ୍ କରାଯିବ । ଫାଇନାଲ ପ୍ରଶ୍ନପତ୍ର ପ୍ରସ୍ତୁତଠାରୁ ପରୀକ୍ଷା ହଲ୍‌କୁ ଆସିବା ଯାଏ ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ, ବରିଷ୍ଠ ପୁଲିସ ଅଧିକାରୀ ଓ ଅନ୍ୟ ବିଭାଗର ଅଧିକାରୀ ରହିବେ। ପୁଲିସ ବିଭାଗ ପକ୍ଷରୁ ହେଉଥିବା ପରୀକ୍ଷାରେ ଜଣେ ଆଇଜି ର୍‍ୟାଙ୍କ୍‌ର ଅଧିକାରୀ ରହିବେ। ପ୍ରଶ୍ନପତ୍ର ଖୋଲିବା ସମୟରେ ଭିଡିଓଗ୍ରାଫି କରାଯିବ । ସେହିପରି ଅନ୍‌ଲାଇନ ପରୀକ୍ଷା ପାଇଁ ମଲ୍ଟି ଫାକ୍ଟର ଅଥେଣ୍ଟିକେସନ୍ (ଏମ୍‌ଏଫ୍‌ଏ)କୁ ପରୀକ୍ଷା ପୂର୍ବରୁ ଯାଞ୍ଚ କରାଯିବ। ବାୟୋମେଟ୍ରିକ ସ୍କାନ୍‌ଠୁ ଆରମ୍ଭ କରି ଏସ୍‌ଏମ୍‌ଏସ୍ ଯାଏ ସମସ୍ତ ଯାଞ୍ଚ ହେବ । ଅନ୍‌ଲାଇନ ପରୀକ୍ଷା ଗୃହରେ କୌଣସି ବାହ୍ୟ ବସ୍ତୁ ରହିବ ନାହିଁ । ୱେବ୍‌କ୍ୟାମ, ଇଣ୍ଟରନେଟ୍ ଆଦି ଟେକ୍ନିକାଲ ଉପକରଣକୁ ବି ଯାଞ୍ଚ କରାଯିବ । ଏଆଇ ଟୁଲ୍‌ର ବ୍ୟବହାର ମଧ୍ୟ ହେବ ବୋଲି ସୂଚନା ମିଳିଛି ।

# ରେଣ୍ଟ ସର୍ଭିସକୁ ନେଇ ନୂଆ ସର୍କୁଲାର ଜାରି : ମୋବାଇଲ ଆପ୍ଲିକେସନରେ ଦେଇ ହେବନି ଘରଭଡ଼ା

**ନୂଆଦିଲ୍ଲୀ ୨୩/୦୯**

ମୋବାଇଲ ଆପ୍ଲିକେସନରେ ଏଣିକି ଘରଭଡ଼ା ଦେଇ ହେବନି। ଫୋନ୍ ପେ, ପେଟିଏମ୍, କ୍ରିଡ୍ ଏବଂ ଆମାଜନ ଭଳି ମୋବାଇଲ ଆପ୍ଲିକେସନରେ ଏଣିକି ଘରଭଡ଼ା ଦେଇ ହେବନି । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏ ସମ୍ପର୍କିତ ପେମେଣ୍ଟକୁ ନେଇ ନୂଆ ଗାଇଡ୍‌ଲାଇନ ଜାରି କରିଛି । ନୂଆ ନିୟମ ଅନ୍ତର୍ଗତ ଫିନ୍‌ଟେକ ପ୍ଲାଟଫର୍ମ ଗୁଡ଼ିକ ନିଜ ଆପରେ କ୍ରେଡିଟ କାର୍ଡ ଜରିଆରେ ରେଣ୍ଟ୍ ପେମେଣ୍ଟ ସେବାକୁ ବନ୍ଦ କରି ଦେଇଛନ୍ତି । ରେଣ୍ଟ ସର୍ଭିସକୁ ନେଇ ନୂଆ ସର୍କୁଲାର ଜାରି କରିଛି ଆରବିଆଇ । ନୂଆ ନିୟମ ମୁତାବକ, ପେମେଣ୍ଟ ଆଗ୍ରିଗେଟର ଏବଂ ପେମେଣ୍ଟ ଗେଟ୍‌ୱେ ଏବେ କେବଳ ସେହି ବ୍ୟବସାୟୀଙ୍କ ସହ କାରବାର କରିପାରିବେ, ଯେଉଁମାନଙ୍କ ସହ ସେମାନଙ୍କ ସିଧାସଳଖ ସମ୍ପର୍କ ରହିଥିବ କିମ୍ବା କେୱାଇସି ସମ୍ପୂର୍ଣ୍ଣ ହୋଇଥିବ। ଘର ମାଲିକ ପେମେଣ୍ଟ ଆପ୍‌ରେ ରେଣ୍ଟରମାନେ ସାଧାରଣତଃ ପଞ୍ଜୀକୃତ ମର୍ଚ୍ଚାଣ୍ଟ ପେମେଣ୍ଟ ସେବା ବନ୍ଦ ନୁହନ୍ତି । ଏହି ଆଧାରରେ ପ୍ଲାଟଫର୍ମଗୁଡ଼ିକରୁ ସେମାନଙ୍କ ଖାତାକୁ କ୍ରେଡିଟ୍ କାର୍ଡର ପଠାଇ ହେବନି। ପୂର୍ବରୁ କିଛି ଲୋକ ବିନା କେୱାଇସି ଘର ଭଡ଼ା ଆଳ ଦେଖାଇ ସାଙ୍ଗସାଥୀ ଏବଂ ସମ୍ପର୍କୀୟଙ୍କ ଖାତାକୁ




କ୍ରେଡିଟ କାର୍ଡରୁ ଟଙ୍କା ପଠାଇ ଦେଉଥିଲେ । ଘର ମାଲିକଙ୍କ ସମ୍ପୂର୍ଣ୍ଣ କେୱାଇସି ହୋଇ ନ ଥିବାରୁ ଆରବିଆଇକୁ ଏହି ନିୟମ ସମ୍ପୂର୍ଣ୍ଣ ଠିକ୍ ଲାଗି ନ ଥିଲା ଓ ଫିନ୍‌ଟେକ କମ୍ପାନି ଗୁଡ଼ିକ ମାର୍କେଟ ପ୍ଲେସ୍ ଭଳି କାମ କରୁଥିଲେ । ଏହାକୁ ବେଆଇନ ବୋଲି ଦର୍ଶାଇଥଲା ଆରବିଆଇ। ଏହି ସେବା ଏବେ ବନ୍ଦ ହୋଇଛି। ନୂଆ ନିୟମ ଅନୁସାରେ ଏଣିକି ଏସବୁ ଆପ୍ ଦ୍ୱାରା କ୍ରେଡିଟ୍ କାର୍ଡ ମାଧ୍ୟମରେ ରେଣ୍ଟ ପେମେଣ୍ଟ ହୋଇପାରିବନି । ଆରବିଆଇର ନିର୍ଦ୍ଦେଶ ପରେ ଫିନଟେକ ପ୍ଲାଟଫର୍ମମାନେ ଆପ୍ସରେ କ୍ରେଡିଟ୍ କାର୍ଡରେ ରେଣ୍ଟ୍ ପେମେଣ୍ଟ ସର୍ଭିସ ବନ୍ଦ କରିଛନ୍ତି । ଆରବିଆଇ ପକ୍ଷରୁ ଜାରି ନୂଆ ସର୍କୁଲାର ଅନୁଯାୟୀ, ପେମେଣ୍ଟ ଆଗ୍ରିଗେଟର ଏବଂ ପେମେଣ୍ଟ ଗେଟୱେ ଏବେ କେବଳ ସେହି ବ୍ୟବସାୟୀଙ୍କ ସହ ନେଣଦେଣ କରିପାରିବେ, ଯେଉଁମାନଙ୍କ ସହ ସେମାନଙ୍କର ଡାଇରେକ୍ଟ କଣ୍ଟାକ୍ଟ ରହିଛି କିମ୍ବା ଯେଉଁମାନଙ୍କ କେୱାଇସି ସଂପୂର୍ଣ୍ଣ ହୋଇଛି। ଏମିତିରେ ଘର ମାଲିକମାନେ ସାଧାରଣତଃ ପଞ୍ଜୀକୃତ ମର୍ଚ୍ଚାଣ୍ଟ ହୋଇନଥିବାରୁ ଏହି ପ୍ଲାଟଫର୍ମ ଜରିଆରେ ସେମାନଙ୍କ ଖାତାକୁ କ୍ରେଡିଟ କାର୍ଡରୁ ଟଙ୍କା ପଠାଇହେବନାହିଁ। ଏଭଳି ନିଷ୍ପତ୍ତି ନେବାର ଆଉ ଏକ କାରଣ ମଧ୍ୟ ରହିଛି। ପ୍ରକୃତରେ ଲୋକେ ପୂର୍ବରୁ ବିନା କେୱାଇସିରେ ରେଣ୍ଟ ପେମେଣ୍ଟ ନାଁରେ ନିଜ ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ ନାଁ, ବ୍ୟାଙ୍କ୍ ଡିଟେଲ୍ସ ଦେଇ କ୍ରେଡିଟ୍ କାର୍ଡରୁ ଟଙ୍କା ଟ୍ରାନ୍ସଫର କରିଦେଉଥିଲେ। ଆପ୍ ତୁରନ୍ତ ଟଙ୍କା ଟ୍ରାନ୍ସଫର କରିଦେଉଥିଲା ଆଉ ରିୱାର୍ଡ ପଏଣ୍ଟ କିମ୍ବା କ୍ୟାସବ୍ୟାକ୍ ମଧ୍ୟ ମିଳିଯାଉଥିଲା। କିନ୍ତୁ ଆରବିଆଇକୁ ଏହି ସିଷ୍ଟମ ଠିକ୍ ଲାଗିନଥିଲା। ଘର ମାଲିକଙ୍କ ପୂରା କେୱାଇସି ହେଉନଥିବାରୁ ସେ ପ୍ରକୃତରେ ଘର ମାଲିକ କି' ନାହିଁ ତାହା ଜଣାପଡୁନଥିଲା। ଆଉ ଏମିତିରେ ଫିନଟେକ କମ୍ପାନିମାନେ ମାର୍କେଟ ପ୍ଲେସ ଭଳି କମ କରୁଥିଲେ। ଯାହାକୁ ଆରବିଆଇ ଅବୈଧ ବୋଲି କହିଛି। ଏବେ ଏହି ସର୍ଭିସ ବନ୍ଦ ହୋଇଛି ଆଉ ଫିନଟେକ କମ୍ପାନିଙ୍କୁ କଡ଼ା ନିୟମ ମାନିବାକୁ ପଡ଼ିବ। ଏହିଭଳି ଆପ ବ୍ୟବହାରକୁ ରୋକିବା ପାଇଁ ମଧ୍ୟ ଏହି ସୁବିଧା ବନ୍ଦ କରାଯାଇଛି । ସୂଚନାଯୋଗ୍ୟ ଆରବିଆଇର ନୂଆ ନିୟମ ଆସିବା ପୂର୍ବରୁ ହିଁ ବ୍ୟାଙ୍କ୍ କ୍ରେଡିଟ୍ କାର୍ଡରୁ ରେଣ୍ଟ ପେମେଣ୍ଟ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ କରିବା ଆରମ୍ଭ କରିଦେଇଥିଲେ। ୨୦୨୪ ଜୁନ୍‌ରେ ଏଚଡିଏଫସି ବ୍ୟାଙ୍କ୍ କ୍ରେଡିଟ୍ କାର୍ଡରୁ ରେଣ୍ଟ ପେମେଣ୍ଟ ଉପରେ ୧% ଅତିରିକ୍ତ ଶୁଳ୍କ ଆରମ୍ଭ କରିଥିଲା। ଯାହାର ଅଧିକାଂଶ ସୀମା ୩ ହଜାର ଟଙ୍କା ଥିଲା। ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏସବିଆଇ କାର୍ଡସ ମଧ୍ୟ ଏଭଳି ପେମେଣ୍ଟ ଉପରେ ରିୱାର୍ଡ ଦେବା ବନ୍ଦ କରିଥିଲେ। ଏହା ପରେ ସେପ୍ଟେମ୍ବର ୨୦୨୫ରେ ଆରବିଆଇର ନୂଆ ନିୟମ କାରଣରୁ କ୍ରେଡ ସହ ଅନ୍ୟ ସବୁ ପ୍ଲାଟଫର୍ମ ମଧ୍ୟ ଏହି ସୁବିଧା ସଂପୂର୍ଣ୍ଣ ଭାବରେ ହଟାଇଛନ୍ତି ।

# ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ତହସିଲଦାର

**ଭୁବନେଶ୍ୱର, ୨୩।୯ ନ୍ୟୁଜ ବ୍ୟୁରୋ**

୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି କେନ୍ଦ୍ରାପଡା ଜିଲା ମହାକାଳପଡ଼ା ତହସିଲଦାର ।ଏକ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଅର୍ଡର କରିବା ପାଇଁ ସେ ଏହି ଟଙ୍କା ନେଉଥିବା ଜଣାପଡିଛି । ତହସିଲଦାର ଜଣକ ହେଲେ ଶିବପ୍ରସାଦ ମଲ୍ଲିକ । ଗୋଜାବନ୍ଧ ଗାଁର ପିତାମ୍ବର ସ୍ୱାଇଁଙ୍କ ଘର ଆଗରେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିଲେ । ଏ ନେଇ ସେ ତହସିଲରେ ଜବରଦଖଲ ମାମଲା ୨୦୨୪ରେ ଦାୟର କରିଥିଲେ। ସରକାରୀ ଜମି ଜବରଦଖଲ ହେବା ସହ ସର୍ବସାଧାରଣ ରାସ୍ତାକୁ ଅବରୋଧ କରାଯାଇଥିବା ୨୦୨୪ ଏପ୍ରିଲରେ ମହାକାଳପଡା ତହସିଲରେ ଆରଆଇ ରିପୋର୍ଟ ଦାଖଲ କରିଥିଲେ।ଏହା ପରେ ଜବରଦଖଲ ଉଚ୍ଛେଦ ପାଇଁ ଅଭିଯୋଗକାରୀ ବହୁବାର ତହସିଲଦାର ଶିବ ମଲ୍ଲିକଙ୍କୁ ଭେଟିଥିଲେ। ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାର ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଅଭିଯୋଗକାରୀ ଭିଜିଲାନ୍ସରେ ଜଣାଇଥିଲେ। ପିତାମ୍ବରଙ୍କ ଜ୍ୱାଇଁ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ଠାରୁ ତହସିଲଦାର ତାଙ୍କ ସରକାରୀ କ୍ୱାର୍ଟରରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା । ତହସିଲଦାର ଶିବ ପ୍ରସାଦ ମଲ୍ଲିକଙ୍କ ପୈତୃକ ଗାଁ ବାଘିଲୋ ଓ ତାଙ୍କ କାର୍ଯ୍ୟାଳୟ ରେ ମଧ୍ୟ ଭିଜିଲାନ୍ସ ଚଢାଉ କରିଛି।

# ପେଟ୍ରୋଲ ପମ୍ପରେ ଯୋଗାଣ ବିଭାଗର ଚଢ଼ଉ

**ଭୁବନେଶ୍ୱର, ୨୩।୯ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ନୂଆଗାଁଠାରେ ଥିବା ଲିଙ୍ଗରାଜ ପେଟ୍ରୋଲ ପମ୍ପରେ ଜିଲ୍ଲା ଯୋଗାଣ ବିଭାଗର ସ୍କ୍ୱାର୍ଡ ମଙ୍ଗଳବାର ଚଢ଼ଉ କରିଛନ୍ତି । ଡିଜେଲ ମାନରେ କିଛି ତ୍ରୁଟି ପରିଲକ୍ଷିତ ହେବାରୁ ଏହାର ନମୁନା ସଂଗ୍ରହ କରି ଫୋରେନ୍‌ସିକ୍ ଲାବୋରେଟୋରୀକୁ ଅଧିକାରୀମାନେ ପଠାଇଛନ୍ତି। ପମ୍ପରେ ନିଆଁ ଲିଭା ଯନ୍ତ୍ର ନବୀକରଣ ନହେବା, ସ୍ୟାଣ୍ଡ ବକେଟ୍‌ରେ ବାଲି ନ ରହିବା, ଶୌଚାଳୟ କାର୍ଯ୍ୟକ୍ଷମ ନଥିବା ଓ ଆନୁସଙ୍ଗିକ ବ୍ୟବସ୍ଥା ଆଦିରେ ତ୍ରୁଟି ପରିଲକ୍ଷିତ ହେବାରୁ ପମ୍ପର ମାଲିକ ବିଚିତ୍ର ଭୋଳଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ । ଏ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲା ଉପରିସ୍ଥ ଅଧିକାରୀ ତଥା ଅଏଲ୍ ମାର୍କେଟିଂ କମ୍ପାନୀର ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇବେ ବୋଲି ଯୋଗାଣ ବିଭାଗର ଅଧିକାରୀମାନେ କହିଛନ୍ତି। ବିଭିନ୍ନ ସ୍ଥାନରୁ ଆସୁଥିବା ଅଭିଯୋଗକୁ ଭିତ୍ତି କରି ମାପ, ଓଜନ ତଥା ମାନରେ ଆସୁଥିବା ତ୍ରୁଟି ସୁଧାରିବା ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗ ଆଗାମୀ ଦିନରେ ଏହିଭଳି ଚଢ଼ଉ ଜାରି ରଖିବ। ଏହି ଚଢ଼ଉରେ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ବିଏମ୍‌ସି ଅତିରିକ୍ତ ଯୋଗାଣ ଅଧିକାରୀ ରୋହିତ କୁମାର ଦାସ, ଭୁବନେଶ୍ୱର ଉପଖଣ୍ଡର ସହାୟକ ଯୋଗାଣ ଅଧିକାରୀ ସୁନିତା ବେହେରା, ଭୁବନେଶ୍ୱର ବ୍ଲକ୍‌ର ଯୋଗାଣ ନିରୀକ୍ଷକ ସୌମେନ୍ଦ୍ର ମହାନ୍ତି ଏବଂ ବିଏମ୍‌ସିର ଯୋଗାଣ ନିରୀକ୍ଷକ ଉପସ୍ଥିତ ଥିଲେ ।



# ରଣକ୍ଷେତ୍ର ପାଲଟିଲା ଲୋୟର ପିଏମ୍‌ଜି : ଭାଙ୍ଗିଲା ବ୍ୟାରିକେଡ୍, ପାଣିମାଡ଼ କଲା ପୋଲିସ

**ଭୁବନେଶ୍ୱର, ୨୩/୯ ନ୍ୟୁଜ ବ୍ୟୁରୋ**

ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ମଙ୍ଗଳବାର ବିଧାନସଭା ଘେରାଉ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ପ୍ରତିବାଦରେ ପ୍ରଥମେ ବିଜେଡି ବିଧାନସଭା ଘେରାଇ କରିଥିଲା। ପରବର୍ତ୍ତୀ ସମୟରେ କିଷାନ କଂଗ୍ରେସ ପକ୍ଷରୁ ଚାଷୀଙ୍କ ସମସ୍ୟା ଓ ପର୍ଯ୍ୟାପ୍ତ ସାର ଯୋଗାଣ ଦାବିରେ ବିଧାନସଭା ଘେରାଉ କରାଯାଇଥିଲା। ଉଭୟ ଦଳ ବିଧାନସଭା ଘେରିବା ବେଳେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଫଳରେ ଗାନ୍ଧୀ ମାର୍ଗ ରଣଭୂମିରେ ପରିଣତ ହୋଇଥିଲା। ଉଭୟ ଦଳର ନେତା ଓ କର୍ମୀ ବ୍ୟାରିକେଡ ଭାଙ୍ଗି ଆଗକୁ ବଢୁଥିବା ବେଳେ ପୋଲିସ ପାଣି ମାଡ଼ କରିଥିଲା । ସେପଟେ ପୋଲିସ-ଦଳୀୟ କର୍ମୀଙ୍କ ଧସ୍ତାଧସ୍ତିରେ ଉଭୟ ପକ୍ଷରୁ ୨୦ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ପୋଲିସ ଉଭୟ ଦଳର ଶତାଧିକ ନେତା ଓ କର୍ମୀଙ୍କୁ ଗିରଫ କରିଛି । ସଂକୁଚିତ





ହେଉଛି ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର କ୍ଷମତା । ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକାକୁ ଗୌଣ କରାଯାଉଛି। ଗ୍ରାମସଭା ଓ ପଞ୍ଚାୟତକୁ ହେୟଜ୍ଞାନ କରି ପ୍ରଶାସନର ଦୁରୂପଯୋଗ କରାଯାଉଛି। ନୂଆ ସରକାର ଆସିବା ପରଠାରୁ ଗ୍ରାମାଞ୍ଚଳ ବିକାଶ ବାଟବଣା ହୋଇଛି । ଏହି ଅଭିଯୋଗ କରି ମଙ୍ଗଳବାର ପ୍ରତିବାଦ କରିଛି ବିଜେଡି। ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ ଗୃହକୁ ଅଚଳ କରିବା ସହ ବିଧାନସଭା ଘେରାଉ କରିଥିଲା ବିଜେଡି । ବରିଷ୍ଠ ନେତାମାନଙ୍କ ନେତୃତ୍ୱରେ ମଙ୍ଗଳବାର ପୂର୍ବାହ୍ନ ୧୧ ସମୟରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ବିଜେଡି ନେତା ଓ କର୍ମୀ ଗାନ୍ଧୀମାର୍ଗରେ ପହଞ୍ଚିଥିଲେ। ମାଷ୍ଟର କ୍ୟାଣ୍ଟିନରୁ ବିଧାନସଭା ଆଡେ ମାଡି ଆସିଥିଲେ ବିଜେଡି ନେତା ଓ କର୍ମୀ । ଗୋଟେ ପରେ ଗୋଟେ ବ୍ୟାରିକେଡ ଭାଙ୍ଗି ବିଜେଡି ନେତା ଓ କର୍ମୀ ବିଧାନସଭା ଆଡେ ମାଡି ଚାଲିଥିଲେ । ପୋଲିସ ସେମାନଙ୍କୁ ଅଟକେଇବାକୁ ଚେଷ୍ଟା କରିଥିଲା । ଉଭୟଙ୍କ ମଧ୍ୟରେ ବାରମ୍ବାର ଧସ୍ତାଧସ୍ତି ହୋଇଥିଲା । ଉଭୟ ପକ୍ଷରୁ ଏକାଧିକ ଆହତ ହୋଇଥିଲେ । ଶେଷରେ ପୋଲିସ ବିଜେଡି ନେତା ଓ କର୍ମୀଙ୍କ ଉପରେ ପାଣି ମାଡ଼ କରିଥିଲା। ପରେ ଶତାଧିକ ନେତାଙ୍କୁ ପୋଲିସ ଗିରଫ କରିଛି । ବିଜେଡି ନେତା ପ୍ରତାପ ଜେନା କହିଛନ୍ତି,'ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢିକରଣ କରି ଗ୍ରାମାଞ୍ଚଳର ବିକାଶ ଜନସାଧାରଣଙ୍କ ହାତରେ ଦେବା ପାଇଁ ସମ୍ବିଧାନରେ ଉଲ୍ଲେଖ ରହିଛି । ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲାପରିଷଦ ସ୍ତରରେ ବିଧି ବ୍ୟବସ୍ଥାକୁ ଦଳିଚକଟି ପଞ୍ଚାୟତିରାଜ ବ୍ୟବସ୍ଥାକୁ ପଙ୍ଗୁ କରିବା ପାଇଁ ବାରମ୍ବାର ଅପଚେଷ୍ଟା କରାଯାଉଛି। ପ୍ରଶାସନିକ କଳକୁ ହାତବାରିଶି କରି ନିର୍ବାଚିତ ପ୍ରତିନିଧିଙ୍କ ସମ୍ମାନ କ୍ଷୁଣ୍ଣ କରିବା ପାଇଁ ପ୍ରତ୍ୟେକ ଦିନ ନୂଆ ନୂଆ ବ୍ୟବସ୍ଥା କରାଯାଉଛି ।

ସେହିପରି ରାଜ୍ୟରେ ସାର ସଙ୍କଟ, ସାରର ବ୍ୟାପକ କଳାବଜାରୀ ଓ ସରକାରୀ ଉଦାସୀନତା ବିରୋଧରେ କିଷାନ କଂଗ୍ରେସ ବିଧାନସଭା ଘେରାଉ କରିଛି । କଂଗ୍ରେସର କିଷାନ ସେଲ୍‌ର ଅଧ୍ୟକ୍ଷ ଅଭୟ ସାହୁଙ୍କ ନେତୃତ୍ୱରେ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ ନେତା ଓ କର୍ମୀ ବିଧାନସଭା ଘେରାଉ କରିଥିଲେ। କଟକ ଜିଲ୍ଲା ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଓଡ଼ିଶା କିଷାନ କଂଗ୍ରେସର ଏକ ଶୋଭାଯାତ୍ରା ବାହାରି ଜାତୀୟ ରାଜପଥରେ ରସୁଲଗଡ, ବାଣୀବିହାର ଦେଇ କଂଗ୍ରେସ ଭବନରେ ପହଞ୍ଚିଥିଲା । ଏକ ସଭା କରି ଚାଷୀ କୁଳର ନେତା ଓ କର୍ମୀ ବିଧାନସଭା ଘେରାଉ କରିଥିଲେ। ପିସିସି କିଷାନ ସେଲର ଅଧ୍ୟକ୍ଷ ଅଭୟ ସାହୁ କହିଛନ୍ତି, 'ସାରା ରାଜ୍ୟର ଚାଷୀକୁଳ ସାର ଅଭାବ ଯନ୍ତ୍ରଣାରେ ଗତ ଦୁଇ ମାସ ଧରି ଛଟପଟ ହେଉଛନ୍ତି । ନବରଙ୍ଗପୁରରୁ ରାଇରଙ୍ଗପୁର, ମହେନ୍ଦ୍ରତନୟାରୁ ମହୋଦଧି ତଟ ପର୍ଯ୍ୟନ୍ତ ଚାଷୀକୂଳ ସାର ପାଇଁ କ୍ଷେତ ଛାଡି ରାସ୍ତାରେ ବସିଛନ୍ତି । ଚାଷୀମାନେ ସମବାୟ ସମିତି, କୃଷି କାର୍ଯ୍ୟାଳୟ ଓ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି, ଧାରଣା ଦେଉଛନ୍ତି। ଆଧାରକାର୍ଡ ଧାଡ଼ିରେ ରଖି ସାର ପାଇଁ ଅପେକ୍ଷା କରୁଛନ୍ତି। ହେଲେ ସାର ଅଭାବ ପୂରଣ ହେଇପାରୁନାହିଁ । ୟୁରିଆ ସାର ଲକ୍ଷ ଲକ୍ଷ ଟନ ଗଛିତ ଅଛି ବୋଲି ସରକାର ଚଢ଼ା ଗଳାରେ ବୟାନ ରଖୁଛନ୍ତି । କିନ୍ତୁ ଚାଷୀ ସାର ମିଳିବା ଯନ୍ତ୍ରଣାରୁ ମୁକ୍ତି ପାଇପାରୁନାହିଁ ।'